ମନୋଜ ଦାସ

ଗୁରୁଦତ୍ତ

Digitized by srujanika@gmail.com

ସୃତିଚହ୍ନ

Digitized by srujanika@gmail.com

ଗୁରିଚଷ୍ପୁ

ଡକ୍ଟର ହରେକୃଷ୍ଣ ମହତାବ

ଓଡ଼ିଶା ଷ୍ଟୁଡେଣ୍ଟସ୍ ଷ୍ଟୋର

Digitized by srujanika@gmail.com

ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ-୭୫୩୦୦୨

ଦ୍ୱିତୀୟ ସଂସ୍କରଣ
ମେ, ୧୯୮୧

ମୁଦ୍ରାକର
ପ୍ରଜାତନ୍ତ୍ର ପ୍ରେସ
କଟକ-୭୫୩୦୦୨

ମୂଲ୍ୟ—ଛ' ଟଙ୍କା ପଚାଶ ପଇସା ମାତ୍ର

Publisher :
Sri Anant Misra
Cuttack Students' Store
Balu Bazar, Cuttack-753002

Second Edition
May, 1981

Printer :
Prajatantra Press
Cuttack-753002

Price :
Rs. 6.50 only

Digitized by srujanika@gmail.com

ଭୂମିକା

ଧୂମ ଖରାବେଳେ ହଳ ଫିଟାଇ ମୂଳିଆ ଦୂର ବିଲରୁ ଘରକୁ ଫେରୁ ଫେରୁ କ୍ଲାନ୍ତ ହୋଇ ବାଟରେ ବର ବା ଓସ୍ତଗଛର ଛାଇରେ ଥକା ମେଣ୍ଟାଇବା ପାଇଁ ଯେତେବେଳେ ବସିପଡ଼େ, ସେତେବେଳେ ସେ ଚଢ଼େଇଆଡ଼ିକୁ ଅନାଇ କିଛି ସୁର୍ ଧରି ଗାଇବାକୁ ମନ କରେ । ସଙ୍ଗୀତ ତା'କୁ ଜଣା ନାହିଁ । ମାତ୍ର ଶୁଣିଛି ସେ କେତେଥର ଅନେକ ସଙ୍ଗୀତ, ଯାହା ତା'କୁ ସୁଖ ଲାଗିଛି, ସେଥିକୁ ମନେ ପକାଇ ରାଗ ଧରି କିଛି ଗାଇବାକୁ ମନ କରେ । କାରଣ ଚଢ଼େଇଆଡ଼େ ସୂର୍ଯ୍ୟର ପ୍ରଖର କିରଣ ଭିତରେ ସେ ଯେ ଟିକିଏ ଛାଇ ପାଇଛି, ସେହି ହେତୁରୁ ତାର ସଙ୍ଗୀତର ପ୍ରେରଣା, ଯାହା ଦିନରାତି ଜୀବିକା ପାଇଁ ପରିଶ୍ରମରେ କୁଆଡ଼େ ଦବି ଯାଇଥାଏ । ମୋର ସାହିତ୍ୟ ଚର୍ଚ୍ଚା ସେହିପରି । ରାଜନୀତିର କର୍ମମୁଖର ଜୀବନରେ ହନ୍ତସନ୍ତ ହୋଇ ଯେତେବେଳେ ଜେଲ୍ ଆସିଯିବାକୁ ପଡ଼େ, ସେତେବେଳେ ଟିକିଏ ଛାଇରେ ବସିପଡ଼ିଲା ଭଳି ମନ ହୁଏ । ସେତିକିବେଳେ ଆପେ ଆପେ ସାହିତ୍ୟ ଆଡ଼କୁ ମନ ଯାଏ, ସେ ଦିଗରେ ସାଧନା ବା ଯୋଗ୍ୟତା ନଥିଲେ ମଧ୍ୟ । ନହେଲେ, ଝରାବେଳେ ବିଲମଝିରେ ମୂଳିଆ ଆଣ୍ଠେଇ ପଡ଼ି ଯେତେବେଳେ ଗୁହାଁରିଦିଏ କେହି ଜାମାଜୋଡ଼ା ପିନ୍ଧି ଛତା ଧରି ହିଡ଼ ଉପରେ ଯାଉଛି, ସେତେବେଳେ ତା' ମନରେ ଯେପରି ଆପେ ଆପେ ଟିକିଏ ଈର୍ଷାର ଭାବ ଜାତ ହୁଏ, ସେହିପରି ରାଜନୀତିରେ ଥାଇ ସାହିତ୍ୟିକମାନଙ୍କ ପ୍ରତି ମୋର ମଧ୍ୟ ହୋଇଥାଏ । ଭାବେ, ନଥାନ୍ତି କି ପଶି ଏହି ନୀରସ କର୍ମମୁଖର ମରୁ ଭିତରେ ! ମାତ୍ର ମନୁଷ୍ୟ ସବୁବେଳେ ତା' ନିଜ ପରିସ୍ଥିତିର ପରିଚାଳକ ନୁହେଁ; ତେଣୁ ମନମାରି ରହିବାକୁ ହୁଏ,

Digitized by srujanika@gmail.com

କେବେ ଜେଲ ଆସିବାକୁ ଅପେକ୍ଷା କରେ । ସେହି ସୁଯୋଗ ପୂର୍ଣ ଭାବରେ ଏବେ ମିଳୁଛି, ତେଣୁ ମୋର ସାହିତ୍ୟ ଚର୍ଚ୍ଚା, ପଢ଼ିବା ଓ କିଛି ଲେଖି ମନର ସାଧ ମେଣ୍ଟାଇବା, ମୋର ଅବସ୍ଥାରେ ଯେଉଁମାନେ ଥିବେ, ସେମାନେ ଯଦି ମୋର ଧୃଷ୍ଟତାରେ ଉତ୍ସାହିତ ହୁଅନ୍ତି ଓ ଯଦି ଅକସ୍ମାତ ଏତଦ୍ଦ୍ୱାରା ଉତ୍କଳ-ସାହିତ୍ୟର କିଞ୍ଚିନ୍ମାତ୍ର ସେବା ସାଧିତ ହୁଏ, ତେବେ ମୋର ଆନନ୍ଦର ସୀମା ରହିବ ନାହିଁ ।

ଏ ବହିଟିର ନାମ 'ତାରାମୈତ୍ରୀ' ପ୍ରଥମେ ଦେଇଥିଲି । ସୁନ୍ଦର ସଂସ୍କୃତ ଶବ୍ଦଟିଏ, ଅର୍ଥ—ପ୍ରଥମ ଦେଖାରେ ଓ ନୟନ ତାରାର ମିଳନରେ ପ୍ରଣୟ । ମାତ୍ର ଏହା ସହଜବୋଧ ହେବ ନାହିଁ ବୋଲି 'ଗୃହଚକ୍ଷୁ' ନାମ ଦେଲି । ମାତ୍ର 'ତାରାମୈତ୍ରୀ' ଶବ୍ଦ ବ୍ୟବହାରକୁ ଆସିବା ଉଚିତ ।

ଅହମ୍ମଦନଗର ଫୋର୍ଟ
ଖ୍ରୀ: ୧୯୪୩

ଶ୍ରୀ ହରେକୃଷ୍ଣ ମହତାବ

Digitized by srujanika@gmail.com

ଜଘିକା

Digitized by srujanika@gmail.com

ସୂଚୀ

ବିଷୟ	ପୃଷ୍ଠା
୧ । କାମଦେବ	୧
୨ । ଚୂଡ଼ଙ୍ଗଦେବ	୧୦
୩ । ନାୟିକା	୨୦
୪ । ନାୟିକାର ପିତାଙ୍କଠାକୁ ପତ୍ର	୩୩
୫ । ସୁବର୍ଣ୍ଣକେଶରୀ	୪୦
୬ । ନାୟିକା ଓ ଚୂଡ଼ଙ୍ଗ	୪୯
୭ । ଲଳିତା	୫୫
୮ । ଲଳିତା ଓ ବିମଳା	୬୬
୯ । ଲଳିତା ଓ ପ୍ରଶାନ୍ତ	୭୭
୧୦ । ରାଜରାଣୀ	୯୨

Digitized by srujanika@gmail.com

କାମଦେବ

ବହିଯାଏ ନଈ ସାଗର ମିଳନେ
କଳକଳେ ଗାଇ ମୋହର ଗାନ,
ବହିଯାଏ ବାଆ ଗାଇ ମୋ ସଙ୍ଗୀତ
ପଲ୍ଲବେ ପଲ୍ଲବେ ଉଠାଇ ତାନ । ୧ ।
'ଚେରୁ'ରବେ ପକ୍ଷୀ ଗାଏ ମୋ ମହିମା
ଗୁଞ୍ଜରଇ ଅଳି ମୋହର ସ୍ତୁତି,
ମୋ ଲାଗି ମୁଖର ସାରା ବସୁନ୍ଧରା
ଚରାଚର ବିଶ୍ୱ ହରାଏ ଧୃତି । ୨ ।
ପ୍ରାଚୀ ଚକ୍ରବାଳେ ଊଷାକାଳେ ଯେବେ
ଅରୁଣ ସଜାଏ ରଙ୍ଗିନ ଛବି,
ଆଲିଙ୍ଗନେ କର ବଢ଼ାଏ ପଙ୍କଜେ
ଯା ଦେଖି ପାଗଳ ହୁଅଇ କବି । ୩ ।

Digitized by srujanika@gmail.com

ସେହି ସାଜ ସଜା ସବୁ ମୋହ ପାଇଁ
ଦେବତା ମୁହିଁ ତ ସେ ଉତ୍ସବର;
ଯିବା ବେଳେ ପୁଣି ବିରହୀ ମିହିର
ଯୋଡ଼ିଥାଏ ମୋତେ ରକ୍ତିମ କର । ୪ ।

ରୂପର ସମ୍ଭାର ବାସ ସଉରଭ
ଫୁଲର, ଯା ପାଇଁ ମତ୍ତ ଭ୍ରମର,
ସେ ସବୁ ମୋହର ପୂଜା ଉପଚାର
ଭ୍ରମର ଛଳନେ ମୋତେ ଆଦର । ୫ ।

ଯେଣେ ଚାହିଁ ତେଣେ ଲାଗିପଡ଼ି ଅଛି
ମୋର ଆରାଧନେ ସାରା ପ୍ରକୃତି,
ଯେଣେ ଶୁଣ ତେଣେ ଉଚ୍ଚେ ଉଠୁଅଛି
ନାନାବିଧ ଛନ୍ଦେ ମୋହର ସ୍ତୁତି । ୬ ।

ସାମାନ୍ୟ ମାନବ କେବେ ଯେବେ ମୋତେ
କରେ ଅନାଦର ଦମ୍ଭ ହୃଦୟେ,
ବୀର ବେଶେ ମୁହିଁ ବାହାରି ପଡ଼ଇ
ପଞ୍ଚଶର ଯେନି ତାହା ବିଜୟେ । ୭ ।

ଅତି ପରଚଣ୍ଡ ହୋଇଥିଲା ଯୁଦ୍ଧ
ଥରେ ସେ ଶ୍ମଶାନ ସନ୍ନ୍ୟାସୀ ସଙ୍ଗେ,
ରହିଗଲା କଥା ହେଲି ବୋଲି ଭସ୍ମ
ଜିତିଛି ମୁଁ କିନ୍ତୁ ବିଦେହ ଅଙ୍ଗେ । ୮ ।

ଦେହ ଥିଲା ବେଳେ ଥିଲି ସୀମାବଦ୍ଧ
ଶକତି ମୋହର ଥିଲା ଅଳପ,
ଭସ୍ମ ଯେବେ ହେଲି ବିଛୁଡ଼ି ଗଲି ମୁଁ
ଜଗତ ବ୍ୟାପିଲା ମୋର ଦରପ । ୯ ।

Digitized by srujanika@gmail.com

ଭୁଲିଯାନ୍ତି ଆଜି ବୀର ଯୋଦ୍ଧାଗଣ
ରଣ ଉତ୍ସାହରେ ମୋହ ବନ୍ଧମ,
ଏକମାତ୍ର ଚିନ୍ତା ହେଉଛି ତାଙ୍କର
ଜୟ, ସେଥିପାଇଁ ସବୁ ଉଦ୍ୟମ । ୧୦ ।
ନବ କିଶଳୟ ବସନରେ ସାଜି
ଯତନେ ସଜାଡ଼ି କୁସୁମ ହାର,
ମୋ ପୂଜା ସକାଶେ ବସନ୍ତ ଆଗମ
ନ ପଡ଼େ ଆଖିରେ ଅନ୍ଧ ଯୋଦ୍ଧାର । ୧୧ ।
ତରୁଲତା ଜୀବ ସର୍ବେ କୋଳାକୋଳି
ସଭିଙ୍କ ହୃଦୟ ବନ୍ଦାଇ ମୋତେ,
ଅଲକ୍ଷିତେ ରହି ଦିଏ ମୁଁ ପ୍ରେରଣା
ସଭିଏଁ ଭାସନ୍ତି ଆନନ୍ଦ ସ୍ରୋତେ । ୧୨ ।
ଏକା ଏ ସୈନିକେ ପାଷାଣ ହୃଦୟ
ନ ଭୁକଇ ତହିଁ କୁସୁମ ଶର,
ସାରା ପ୍ରକୃତିକୁ ନିନ୍ଦନ୍ତି ଏମାନେ
ଶରୀରର ବଳେ କରି ନିର୍ଭର । ୧୩ ।
ମହାନଦୀ ପ୍ରେମେ ଦ୍ୱିବାହୁ ପ୍ରସାରି
ଗାଢ଼ ଆଲିଙ୍ଗନେ ଆକୁଳ ଯହିଁ,
ଡ଼ାଳି ଦେଇ ସବୁ ଟିକକ ସେନେହ
ପକ୍ଷୀ ସ୍ୱନେ ସଦା ଉଚ୍ଛେ ଚୁମ୍ବଇ । ୧୪ ।
ପ୍ରେମର ଆବେଗେ ସ୍ୱେଦ ବିକମ୍ପନ
ସମସ୍ତ ଲକ୍ଷଣ କରେ ପ୍ରକାଶ
ବାହୁପାଶେ ବନ୍ଧି କଟକ ନଗର
ନ ବୁଝଇ ଜଡ଼ ପ୍ରେମ-ବିଳାସ । ୧୫ ।

Digitized by srujanika@gmail.com

ନବ ନବ ବେଶେ ପ୍ରକୃତି ସୁନ୍ଦରୀ
ନିଜ ଅପରୂପ ଦିଏ ଅଜାଡ଼ି,
'ଉପଭୋଗ ବିନା ସରିଗଲି ମୁହିଁ'
କରେ ସେ ରୋଦନ ଗୁଣ୍ଡି ବଦାରି । ୧୬ ।
ମାନବ ସମ୍ଭୋଗ ବିନା ସବୁ ବ୍ୟର୍ଥ
ସେହି ତ ବେଦନା ଧାରେ ବସନ୍ତ,
ନ ଦେଖନ୍ତି କିଛି ନ ବୁଝନ୍ତି କିଛି
ପାଷାଣୀ ହୃଦୟ ରଣ-ପ୍ରମତ୍ତ । ୧୭ ।
ମଳୟ ମାରୁତେ ସହକାର ଲତା
ଅଳପେ ଦୋଳାଇ ପଲ୍ଲବ କର,
ଅଭିନୟ ଯେଉଁ ଆଚରେ ସଗର୍ବେ
ବ୍ୟର୍ଥ ସିନା ତାହା କରେ ସମର । ୧୮ ।
କୁରୁବକେ ଅଳି ଗାଏ ଯେ ସଙ୍ଗୀତ
ଫୁଲେ ଫୁଲେ ଚୁମ୍ବି ପ୍ରମତ୍ତ ପ୍ରାୟ,
ବ୍ୟର୍ଥ ସିନା ତାହା ନ ପଡ଼ଇ କାନେ
ସମର ନିରତ ଜନଙ୍କ ହାୟ ! । ୧୯ ।
କଳିକା ବିକାଶେ ମନ୍ଦ ମନ୍ଦ ହାସ
ବନ-ଲତାଟିର ନ ଘେନେ କେହି,
ବଞ୍ଚିତା ନାୟିକା ପରି ନିରାଶାରେ
ଅଭିମାନେ ପଡ଼େ ଝାଉଁଳି ସେହି । ୨୦ ।
କାଠଯୋଡ଼ି କୂଳେ ବକୁଳ ମଞ୍ଜରୀ,
ସୁବାସ ସ୍ୱରୂପ ପସରା ମେଲି,
କୋକିଳର କୁହୁ ତାନେ ଡାକ ଦିଏ
'ଆସ ଗୋ ରସିକେ ମେଲାଣି ନେଲି' । ୨୧ ।

Digitized by srujanika@gmail.com

ନ ଶୁଣନ୍ତି କେହି — ତା' ପ୍ରେମ ସମ୍ଭାଷ
  ଚୂଡ଼ଙ୍କ ସେନାମ୍ନା ରଣପାଗଳ,
ଡୁବାଇ ଦିଅନ୍ତି — ସେ ମଧୁର ସ୍ୱନ
  କରି କୋଳାହଳ ସୈନ୍ୟ ସକଳ । ୨୨ ।
ଜୀର୍ଣ୍ଣ ଶୀର୍ଣ୍ଣ ତନୁ — ଯତନେ ଆବୋରି
  ଫୁଲତୋଡ଼ା ଯେମନ ଉଷ୍ମ ପଳାଶ,
ଦକ୍ଷିଣା ପବନେ — ତା' ବେଣୀ ହଲାଇ
  ଉଜୁଳୁଏ ତା'ର ମଧୁର ହାସ । ୨୩ ।
ନ ବୁଝେ ଏତକ — ଚୂଡ଼ଙ୍କ ପାଇକ
  କଂଶୁକେ ଦେଖେ ସେ ରକ୍ତ ମଗନ,
ରକ୍ତାରକ୍ତି ପାଇଁ — ନାଚି ଉଠେ ମନ
  ହାଣକୁ ମଣେ ସେ ମଣିଷପଣ । ୨୪ ।
ଅନ୍ୟ ଦିଗେ ତଥା — ବଡ଼ାନାସୀ ଗଡ଼େ
  ପ୍ରତିପକ୍ଷ ବାରେ ଜଡ଼ ମୋହିତ,
ବୀର ବାଇଦରେ — ଆସି ଝନତ୍କାରେ
  ଋତୁରାଜ ସେଠି ଅପମାନିତ । ୨୫ ।
ବିନାଶ ସାଧକ — କ୍ରୂର କାଳ ଯନ୍ତ୍ରି
  ଲାଗି ରହିଥାଏ କ୍ଷୟ ସାଧନେ,
ବିନାଶର ଶବ୍ଦ — ଏହି ଋତୁରାଜ
  ଲାଗିଥାଏ ପୁଣି ନୂଆ ଗଠନେ । ୨୬ ।
ବିନାଶ-ତତ୍ପର — ହୁଏ ଯେଉଁ ନର
  ସୃଜନ ଆନନ୍ଦ ପାଇବ କାହୁଁ ?
କୁମୁଦିନୀ କୋଳେ — କୌମୁଦୀ ବିକାଶ
  ବୁଝେ କି ତଳେ ସେ ରାକ୍ଷସ ରାହୁ ? । ୨୭ ।

Digitized by srujanika@gmail.com

ମହାକାଳ ମନ୍ତ୍ର   ଧ୍ୱଂସାଟି ପାହାଙ୍କ
ଜୀବନ ସାଧନ ରାଜା ଆଦେଶେ,
ଦେଖନ୍ତି ସେମାନେ   ସାରା ସଂସାରକୁ
ସଂହାରର ବିଶ୍ୱରୂପର ବେଶେ । ୨୮ ।

ବିରାଟ ବିନାଶେ   ରହିଛି ନିହିତ
ନିର୍ମାଣର ଯେଉଁ ମଧୁ ସଂଯୋଗ,
ନର ଦେହେ ପଶୁ   ସିନା ସେହିମାନେ
ନ କରନ୍ତି ତାକୁ ଯେବେ ସମ୍ଭୋଗ । ୨୯ ।

ପଲ୍ଲବ ଅଧରେ   କୁସୁମ ସୁହାସ
ଉପହାସ ସିନା କରେ ସଇନେ;
ଆପ୍ଲୁତ ନୟନେ   ଆଚମ୍ବିତେ ଗୃହେଁ
ସର କମଳିନୀ ପ୍ରେମ ବହ୍ନିନେ । ୩୦ ।

ଚୂତ ଉପବନ   ବନ୍ଧଇ ମିଳନ୍ଦେ,
ଛିଟିଛି କରି ପଠିବାସେ ପାଇକେ,
ବିଚ୍ଛୁଡ଼େ ବିରାଗେ   ବିଶୁଷ୍କ ମଞ୍ଜରୀ
ଅଳି ଉପଭୁକ୍ତ, ସେନା ଅନ୍ତକେ । ୩୧ ।

ନାରୀ ହୋଇ ଯେଣୁ   ଶୋଭା ଅନାଦରେ
କଠିନ ହୃଦୟେ ଚଳାଏ ରଣ,
ଦୁଃଖ ବଦଳରେ   ଅନ୍ତର ବିରକ୍ତି
ନିସର୍ଗ ସୁଷମା କରେ ଜ୍ଞାପନ । ୩୨ ।

ନିଜେ ରାଜଜେମା   ନନ୍ଦିକା ଗୃଳକା
ତେଣୁ ଏହି ଦଳେ ଉତ୍ସାହ ବେଶି,
ପ୍ରତ୍ୟେକ ସୈନିକ   ମଣେ ପ୍ରାଣ ତୁଚ୍ଛ
ବିଜୟ ସକାଶେ ଶତ୍ରୁ ନିଃଶେଷି । ୩୩ ।

Digitized by srujanika@gmail.com

ସେ ଦିଗେ ତୁଙ୍ଗ ଶତ୍ରୁ ସେନାପତି
ଏ ଦିଗେ ନନ୍ଦକା ସେନା-ନାୟିକା,
ଊଣା ନୁହେଁ କେହି କାହାକୁ ସମରେ
ଜୟ ପାଶେ ଦୁହେଁ ଜୀବନବକା । ୩୪ ।

ତେଣୁ ବହୁକାଳ ଲାଗିଛି ସମର
ବିଜୟ-ଲାଳସେ ନର-ସଂହାର,
ମନୁଷ୍ୟ ହୃଦୟେ ପଶୁର ପ୍ରବୃତ୍ତି
ପ୍ରଜ୍ୱଳିତ ଦାବାନଳ ପ୍ରକାର । ୩୫ ।

କେତେ ସ୍ନେହ-ଲତା ଅନୁକମ୍ପା-ତରୁ
ବଢ଼ିଥିଲା ଯାହା ହୃଦୟ ବନେ,
ଦିବ୍ୟ ଶାନ୍ତିମୟ ନନ୍ଦନ-କାନନ
ବଢିଥିଲା ଯାହା ଅତି ଯତନେ । ୩୬ ।

ହୋଇଯାଏ ଭସ୍ମ ହିଂସା ହୁତାଶନେ
ଉଠେ ଧୂଉ ଧୂଉ ଧ୍ୱଂସର ଶିଖା,
ଦିବ୍ୟ ଉପବନ ସ୍ଥଳେ ଶମଶାନ
ଅତି ନିଦାରୁଣ ସେ ବିଭୀଷିକା । ୩୭ ।

ଥାଉ ଥାଉ ମୁହିଁ ନ ଦେଖିବି ଏହା
ମନୁଷ୍ୟେ ମନୁଷ୍ୟେ ଦାନବ ଲୀଳା,
ଆନନ୍ଦଦାୟିନୀ ଦେବ-ମନୋବୃତ୍ତି
କୁମାର୍ଗରେ ପଡ଼ି ହେବ ଦୁଃଶୀଳା । ୩୮ ।

ଏଡ଼େଇ ସେମିତି ମାତିଛି ଯେ ବୃତ୍ତି
ମାଡ଼ି ବସିଅଛି ହୃଦୟ ରାଜ୍ୟ,
ଲଢ଼ିବି ତା' ସଙ୍ଗେ ସବୁ ଶକ୍ତି ଦେଇ
ଚିରନ୍ତନ ଯାହା ମୋହର କାର୍ଯ୍ୟ । ୩୯ ।

Digitized by srujanika@gmail.com

ଫେରାଇ ଆଣିବ   ହିଂସାପଥୁ ମନ
କରିବ ଜାଗ୍ରତ ହ୍ଲାଦିନୀ ଶକ୍ତି,
ରାକ୍ଷସ ପ୍ରବୃତ୍ତି   ହିଂସାକୁ ଦବାଇ
ପ୍ରେମେ ଜଗାଇବ ଏହାଙ୍କ ଭକ୍ତି । ୪୦ ।

ପ୍ରେମର ଲାଞ୍ଛନା,   ମୋର ଅନାଦର
ବଢ଼ି ଗଲାଅଛି ଉଭୟୁ ଦଳେ,
କରିବ ପ୍ରତିଷ୍ଠା   ପ୍ରେମ ପ୍ରତିପତ୍ତି
ଏହାଙ୍କ ହୃଦୟେ ମୋ' ନିଜ ବଳେ । ୪୧ ।

ଉଭୟ ଏକ ଦିନେ   ନାୟକ କୁମାର
କୁମାରୀ ନାୟିକା ରହେ ବିପକ୍ଷେ,
ଅବସାନ ହେବ   ହିଂସା ଧ୍ୱଂସ ଲୀଳା
ବାଜିଲେ ମୋ' ଶର ଉଭୟୁ ବକ୍ଷେ । ୪୨ ।

ଦିଅ ଋତୁରାଜ   ଚିର ସଖା ମୋର
ଶାଣ ଦିଅ ବେଗେ ପାଞ୍ଚଟି ଶରେ,
କୁସୁମ ପଳାଶେ   ପୁଷ୍ପ ମଧୁ ଦେଇ
ତେଜି ଦିଅ ଶର, ଦିଅ ମୋ' କରେ । ୪୩ ।

ସଜାଅ ତାହାକୁ   କୁସୁମ ରାଶିରେ
କର ସୁକୋମଳ ଯେତେ ସମ୍ଭବ,
ପ୍ରୀତିପଣେ ତାଙ୍କୁ   କର ତୀକ୍ଷ୍ଣ ଅଗ୍ରତ
ଭେଦିବାକୁ ହୃଦ-ଭାବ-ଶରବ୍ୟ ।୪୪ ।

କୁସୁମ ସୁହାସ   ପଲ୍ଲବ ବିକାଶ
ସଜାଅ ସେତେକ   ମୋ' ସୈନ୍ୟ ସାମନ୍ତ
ଭ୍ରମର ଗୁଞ୍ଜନ ଗନ୍ଧ ସ୍ୱନ
ମଳୟେ ଉଡ଼ୁ ମୋ' ମୀନକେତନ । ୪୫ ।

Digitized by srujanika@gmail.com

ହେବ ମୁଁ ନିଷ୍ଠୁର   ନ ମାନିବ କିଛି
    ଛୁଇ ଦେବ ଶରେ ଶର ହୃଦୟ,
ଜୟ ପରାଜୟ   ଗ୍ଲାନି ଗଉରବ
    ନ ମଣିବେ କିଛି ହେବେ ଅଥୟ । ୪୬ ।
ହେବ ଦ୍ରବୀଭୂତ   ମାନବ ହୃଦୟ
    ନ ରହିବ ହୋଇ ପାଷାଣୀଭୂତ,
ପ୍ରୀତି ବଶେ ସର୍ବେ   ହେବେ ଠେଲାଠେଲି,
    ଦେବତା ବର୍ଷିବେ ସ୍ୱର୍ଗୁଁ ଅମୃତ । ୪୭ ।
କୁମାର କୁମାରୀ   ହେବେ ଗୃହାଁଗୃହିଁ
    ଖେଳିବ ବିଦ୍ୟୁତ ପ୍ରବାହ ଖର,
ଲୁହାଇ ଲୁହାଇ   ସେତିକ ନିବିଲ ମୁଁ
    ମାରୁଥିବି ଦୂରୁ କୁସୁମ-ଶର । ୪୮ ।
ହେବେ ଯେବେ ଦୁହେଁ   ଅତି ଅବସନ୍ନ
    ହେବେ ଆତ୍ମହରା ଥୋଇବେ ଅସି,
ସମର ଉନ୍ମାଦ   ଭୁଲିଯାଇ ସବୁ
    ଆରମ୍ଭିବେ ପୂଜା ମୋହର ବସି । ୪୯ ।
ବହୁକାଳ ବ୍ୟାପୀ   ଯୁଦ୍ଧ ସାଙ୍ଗ ହେବ
    ଇତିହାସ ମୋର ଗାଇବ କୀର୍ତ୍ତି,
ନନ୍ଦିକା-ଚୂଡ଼ାଙ୍ଗ   ପ୍ରଣୟ-ସଂଯୋଗ
    ନବ ସାମ୍ରାଜ୍ୟର ହୋଇବ ଭିତ୍ତି । ୫୦ ।

Digitized by srujanika@gmail.com

ଚୂଡ଼ଙ୍ଗ ଦେବ

ପ୍ରତୀଚୀ ଦିଗନ୍ତ ପାଶେ ଦିଶନ୍ତି ତପନ,
ପଥଶ୍ରାନ୍ତ କର୍ମକ୍ଳାନ୍ତ ପଥିକ ଯେସନ । ୧ ।
ପ୍ରତ୍ୟୁଷର ଆଡ଼ମ୍ବର ମଧ୍ୟାହ୍ନ ଗୌରବ
ସମସ୍ତ ଦିବସ ବ୍ୟାପି ବିଶାଳ ବିଭବ । ୨ ।
ଅବସାଦେ ଅବସାନ ଘଟିଛି ସବୁର,
ଆହା କି କରୁଣ ମୂର୍ତ୍ତି ତପନ ବିଧୁର । ୩ ।
ପଶ୍ଚାତେ ନିକ୍ଷେପି ଦୃଷ୍ଟି ଚାହିଁ ପ୍ରାଚୀ ଦେଶେ,
ଝୁରି ଝୁରି ଅଞ୍ଚଳକୁ ଅସ୍ତ ଯାନ୍ତି ଶେଷେ । ୪ ।
ମାଡ଼ି ଆସେ ଗୁହାଆଡ଼ୁ ଘନ ଅନ୍ଧକାର,
ପଳାଇଥିଲା ଯେ ଲଭି ଉଷା ତିରସ୍କାର । ୫ ।
ଏହିକି ଜଗତ ମାତ୍ର ବିଧାତା ବିଧାନ,
ବିସ୍ତାରମ୍ଭେ ହୁଏ ଶେଷେ ଲଘୁ ଅବସାନ ?

Digitized by srujanika@gmail.com

ଲିହୁଛି ଲଲାଟପଟେ ବିଧି କି ମୋହର,
ପଣ୍ଡ ହେବ ଜୀବନର ସବୁ ଆଡ଼ମ୍ବର ? । ୭ ।
ତେବେ କପାଁ ଘାରିଯାଏ ଅବସାଦେ ମନ,
ଆଗକୁ ଚହିଁବା ପାଇଁ ଅରାଜି ନୟନ ? । ୮ ।
ଯତନେ ପୋଷିତ ଉଚ୍ଚ ଅଭିଳାଷମାନ,
ଉଷାଗମେ ତାରାପରି ଲଭି ଅନ୍ତର୍ଦ୍ଧାନ,
ଅନୁଭବ କରେ ହୃଦ ମହାଶୂନ୍ୟମୟ,
ନିରର୍ଥକ ଏ ଜୀବନ ହେଉଛି ପ୍ରତ୍ୟୟ । ୧୦ ।
ଅଜ୍ଞାତ ଅନ୍ଧାର କୋଣୁ କେଉଁଠୁ ବାହାରି,
ତୁଚ୍ଛ କ୍ଷୀଣ ଜଳସ୍ରୋତ କ୍ରମଶ ବିସ୍ତାରି । ୧୧ ।
ଧୀରେ ଧୀରେ ମାଟି ଖୋଳି ହୋଇ ଅଗ୍ରସର,
ହୋଇଯାଏ ବିଶାଳ ନଦୀ ସେ କ୍ଷୁଦ୍ର ନିର୍ଝର । ୧୨ ।
ଅଭିଯାନେ ନ ମାନେ ସେ କେତେ ବାଧାବିଘ୍ନ,
ପ୍ରସ୍ତର ପର୍ବତ ପୁଣି ମୃତ୍ତିକା କଠିନ । ୧୩ ।
ବାଧା ପାଇ ରୋକିଯାଏ ବଢ଼ାଏ ସ୍ୱବଳ,
ଭାଗ୍ୟ ବଳେ ସାହା ହୁଏ ଆକାଶର ଜଳ । ୧୪ ।
ଅତିକ୍ରମି ତେବେ ବାଧା ଅବା ଏଡ଼ିଦେଇ,
ନଦୀର ପ୍ରତିଷ୍ଠା ଲଭେ ସଗର୍ବେ ସେହି । ୧୫ ।
ଅଲଂଘ୍ୟ ହୁଅଇ ଯେବେ ବିଘ୍ନ କେଉଁଠାରେ,
ଅସମର୍ଥ ହୁଏ ଯେବେ ବାଟ ପାଇବାରେ,
ସମସ୍ତ ଉଦ୍ୟମ ତା'ର ହୁଅଇ ବିଫଳ,
ଲୁପ୍ତ ହୁଏ ଧାରା-ହରା ହୋଇ ସେ ବିକଳ । ୧୭ ।
ହେବି କି ମୁଁ ସେହିପରି ପ୍ରତିଷ୍ଠାବିହୀନ,
ଅନ୍ଧାର ଗହ୍ୱରୁ ଆସି ମରୁପଥେ ଲୀନ ? । ୧୮ ।

Digitized by srujanika@gmail.com

ଯୁଦ୍ଧ ପରେ ଯୁଦ୍ଧ ଜିତ ରାଜଧାନୀ ପାଶେ,
ପୂର୍ଣ୍ଣିତା ଝଲକ ଉଠେ ଯେବେ ଅଭିଳାଷେ,
ଏକାଳେ କାହିଁକି ଉଡ଼ିଯାଏ ମୋ ଉତ୍ସାହ,
ସାଗର ସମୀପେ ନଦୀ ହରାଏ ପ୍ରବାହ । ୨୦ ।
ଯେଣେ ଚୁହେଁ ତେଣେ ଦିଶେ ଅଦିନ କୁହୁଡ଼ି,
ମାଡ଼ିଆସେ ନିଷ୍ଫଳତା ଛାନିଯାଏ ବୁଡ଼ି । ୨୧ ।
ଚୌଦିଗ ଘୋଷଇ ମୋର ବିଜୟ ନିଷ୍ଫଳ,
ନିନ୍ଦୁଛି ପ୍ରକୃତି ସାରା ଯେହେତୁ ମୁଁ ଦୁର୍ବଳ । ୨୨ ।
ଯେଦିନ ଭେଟିଲି ଯୁଦ୍ଧେ ବିପକ୍ଷ ନାୟିକା,
ପୁରୁଷର ବେଶ ସାଜି ସେ ବୀର ବାଳିକା । ୨୩ ।
ଅସି ଧରି ଅଶ୍ୱ ପୃଷ୍ଠେ ଧାଇଁଲା ମୋ ଦିଗେ,
ପଡ଼ିଲା ସେ ଉଲ୍‌କାସମ ତ୍ୱରିତେ ଅନ୍ତକେ,
ନଦୀର କଲ୍‌କଲ ସ୍ୱରେ କହିଲା ସରୋଷେ,
'ରାଜ୍ୟରେ ଫେରିଯାଅ ମରଣ ସନ୍ତୋଷେ ।' ୨୫ ।
ନିମେଷକେ ଅସି ତା'ର ବିଭ୍ରମ ବିକ୍ରମେ,
ପରିଚୟ କଲା ଆସି ମୋର ଲୌହ ବର୍ମ୍ମେ,
ଚୁହିଁଲା ତରୁଣୀ ମୋତେ ସ୍ନିଗ୍ଧ ମୁଗ୍ଧ ଦୃଷ୍ଟେ,
ଚପଳା ଅଚଳା ଅବା ହେଲା ଅଶ୍ୱପୃଷ୍ଠେ । ୨୭ ।
ଶୁଣିଥିଲି ପ୍ରତିପକ୍ଷ ନେତ୍ରୀ ରାଜସୁତା,
ଶୌର୍ଯ୍ୟ ବୀର୍ଯ୍ୟ ପରାକ୍ରମୀ ନାରୀ ନରଭୂତା । ୨୮ ।
ସମ୍ମୁଖେ ଦେଖିଲି ତାକୁ ବଚନରୁ ବାରି,
ଜାଣିନେଲି ସେହି ତ ସେ ସୁବିଖ୍ୟାତା ନାରୀ । ୨୯ ।
ବିରୁଦ୍ଧ ହେଲେ ହେଁ ବେଶ ଯାଇନାହିଁ ଲୁଚି,
ନାରୀତ୍ୱ ନୟନ ଦୁଇ ତା'ର ପ୍ରକାଶୁଛି । ୩୦ ।

Digitized by srujanika@gmail.com

ରମଣୀର, ସବୁଆଡ଼ୁ ହୋଇ ନିକ୍ଷେପିତ
ଭଙ୍ଗୀ ତା ନୟନ-ତଟ ହୋଇ ଉଦ୍‌ବେଳିତ । ୩୧ ।
ଝଙ୍କାଡ଼ି ପଡ଼ିଲା ଆସି ସର୍ବାଙ୍ଗେ ମୋହର,
ପ୍ରବଳ ପ୍ଲାବନେ ଯଥା ପ୍ରବାହ ପ୍ରଖର । ୩୨ ।
ହୋଇଗଲା ଭ୍ରମ ମୋର ସବୁ ତେଜଯାକ,
ଶିଥିଳ ହେଲି ମୁଁ ଯେହ୍ନେ ନିର୍ବାପ୍ତ ପାବକ । ୩୩ ।
ଉପୁଜିଲି ଲୋମହର୍ଷ ହୃଦୟ ଭିତର,
ଥରିଗଲା ରକ୍ତ ଗୃପ ହେଲା ଖରତର । ୩୪ ।
ଅଦ୍‌ଭୁତ ସେ ଅନୁଭୂତି, ନିମେଷ ମାତ୍ରକେ,
କରିଦେଲି ହୀନବୀର୍ଯ୍ୟ ଏ ବୀର ଯୁବକେ । ୩୫ ।
ଚାହିଁଲି କାତରେ ମୁହିଁ ତା' ଦୁଇ ନୟନେ,
ଚାରି ଆଖି ଚାହାଁଚାହିଁ ହୋଇଗଲେ କ୍ଷଣେ । ୩୬ ।
ଅୟସ୍କାନ୍ତ ମଣି ତା'ର ବେନ କମାନକ,
ଅସ୍ୱାମୟ ଏ ଚିତ୍ତର ହେଲେ ଆକର୍ଷକ । ୩୭ ।
ଶକ୍ତିଯୁକ୍ତ ତାର ସେହି ବିଦ୍ୟୁତ ଚାହାଣି,
ବିଯୁକ୍ତ-ଝଲକି ମୋତେ ନେଲା ଜୋରେ ଟାଣି । ୩୮ ।
ବିବଶ ହୋଇଲା ମନ ଭାବିଲି ସେକ୍ଷଣେ,
ଆତ୍ମ ସଂରକ୍ଷଣ ଏକା ଆତ୍ମ ସମର୍ପଣେ । ୩୯ ।
ଚାହୁଁ ଚାହୁଁ ସେହି ନାରୀ ଫେରାଇଲା ଅଶ୍ୱ,
ହୋଇଗଲା ଅନ୍ତର୍ହିତ ନେଇ ମୋ ସର୍ବସ୍ୱ । ୪୦ ।
ମୁହୂର୍ତ୍ତକେ ହୋଇଗଲା ସୁଦୀର୍ଘ ନାଟକ,
ଉଦ୍‌ଭ୍ରମିତ ମନ-ମଞ୍ଚେ ଅଙ୍କ ପରେ ଅଙ୍କ । ୪୧ ।
ହେଲେ ମାତ୍ର କ୍ଷଣବ୍ୟାପୀ ବସୁଧା କମ୍ପନ,
ବିରାଟ ବିଧ୍ୱଂସ କରେ ନିମେଷେ ସାଧନ । ୪୨ ।

Digitized by srujanika@gmail.com

ମୁହୂର୍ତ୍ତକେ ହେଲି ମୋର ସମସ୍ତ ବିଧ୍ୱସ୍ତ,
ଆଜୀବନ ଗଢ଼ା ଅଟ୍ଟାଳିକା ବିପର୍ଯ୍ୟସ୍ତ । ୪୩ ।
ନିଷ୍ଠା ଉପାଦାନେ ଗଢ଼ା ଆକାଙ୍କ୍ଷା ମନ୍ଦିର,
ପ୍ରତିମା ତହିଁରେ ସ୍ଥାପି ସାମ୍ରାଜ୍ୟ ପ୍ରାପ୍ତିର,
ନୈବେଦ୍ୟ ଲଗାଉଥିଲି ଶରୀରର ବଳ,
ଅଳପ ରହିଛି ପୂଜା ହେବାକୁ ସଫଳ,
ଧୂଳିସାତ ଏ ସମୟେ ମନ୍ଦିର ପ୍ରତିମା,
ବ୍ୟର୍ଥ ମୋ ଅର୍ଚ୍ଚନା ଖାଲି ଲଭିଲି ଲଘିମା । ୪୬ ।
ଭୁଲିଗଲି କାହିଁ ସେହି ସ୍ପୃହା ଯୁଦ୍ଧ ଜୟେ,
ରାଜପଦେ ଅଭିଳାଷ ଲଭିଲି ହୃଦୟେ । ୪୭ ।
ଉଠଇ ଅନ୍ତରୁ ଧ୍ୱନି ଶୁଣେ ବାରମ୍ବାର,
କହେ କିଏ ଦୃଢ଼ ସ୍ୱରେ କରିଣ ଧିକ୍କାର ।
"ବ୍ୟର୍ଥ ତୋ ଜୀବନ ବୃଥା ସମସ୍ତ ଉଦ୍ୟମ,
ଶିଶିର ପରିଏ ନାଶେ କରୁ ପରିଶ୍ରମ । ୪୮ ।
ମଧ୍ୟାହ୍ନର ଉଷ୍ଣବାୟୁ ଉପରେ ଯେସନ,
ସମର ବିଳାସ ସୁଖ କରୁ ତୁ ସେବନ । ୫୦ ।
କରିଛୁ କି ଅନୁଭବ ଶୀତଳ ମଳୟ,
ସ୍ରୋତସ୍ୱିନୀ ପାଶେ କେବେ ସୁଖ ଶାନ୍ତିମୟ ? । ୫୧ ।
ସମର-ସନ୍ତ୍ରାସେ ହୁଏ ତୋ' ହୃଦୟ ଶୂନ୍ୟ,
ପ୍ରେମର ଆନନ୍ଦେ ହେବ ତୋ' ହୃଦୟ ପୂର୍ଣ୍ଣ" । ୫୨ ।
ମୁହୁର୍ମୁହୁ ସେହି ବାଣୀ ହୃଦୟେ ଗୁଞ୍ଜରି,
କରୁଛି ଅସ୍ଥିର ମୋତେ ଗଲିଣି ମୁଁ ସରି । ୫୩ ।
ଚାରିଆଡ଼େ ତରୁଲତା ପଲ୍ଲବେ ପଲ୍ଲବେ,
ବିକଶିତ ପୁଷ୍ପରାଶି ହସି ଅଭିନବେ । ୫୪ ।

Digitized by srujanika@gmail.com

ଉପାଂଶୁରେ କରୁଛନ୍ତି ମନ୍ଦ ପରିହାସ,
ଝଂଜା ମୁହିଁ କମିଁ ମୋର ମାନବସଂହାସ । ୫୫ ।
ସୈକତ ବିସ୍ତାର ମଧ୍ୟେ ଏହି ସ୍ରୋତସ୍ୱିନୀ,
ତାଳେ ତାଳେ ନାଚି କଳ କୋମଳଭାଷିଣୀ । ୫୬ ।
ହସି ହସି କହେ ମୋତେ ସଂଦେଶ ତାହାର,
ସୈକତ ଜୀବନ ମଧ୍ୟେ ପ୍ରୀତି-ପୀୟୂଧାର । ୫୭ ।
ନନ୍ଦିକା-ପୁଷ୍କର କୀର୍ତ୍ତି-ଶୋଭୀ ନଦୀ ତୀରେ,
ଚିନ୍ତାକୁଳ ପାଦଚାର କରେ ଯେବେ ଧୀରେ । ୫୮ ।
ପଡ଼ିଯାଏ ଆଖି ସେହି ଚଞ୍ଚଳ ସ୍ରୋତରେ,
କି ଆନନ୍ଦେ ଲୋଟିଯାଏ ସେ କୀର୍ତ୍ତି-ପୀୟୂରେ । ୫୯ ।
ଧରି ବୁକେ ନବୋଦିତ ସୁଧାଂଶୁ ପ୍ରତିମା,
ମଳିନ ତାରକା ପୁଞ୍ଜ ଆକାଶ ନୀଳିମା । ୬୦ ।
ତରଙ୍ଗ କ୍ରୀଡ଼ାରେ ମାତି ଖିଳି ଖିଳି ଦୋଳେ,
ପଡ଼ଇ ପ୍ରସ୍ତର ଗାତ୍ରେ ବିଶ୍ରାମ ବିରଲେ । ୬୧ ।
ମନେ ହୁଏ ହୁଅନ୍ତା କି ସେ ଭାଗ୍ୟ ମୋହର,
ବିଭାସିତ ଏ ହୃଦୟେ ଆଲୋକ ପ୍ରେମର । ୬୨ ।
ଦ୍ୱେଷ ବୈର ଆଦି ବୃତ୍ତିମାନ ଅଭିମାନ,
ଆଲୋକ ବିକାଶେ ସବୁ ହୋଇଯାନ୍ତେ ମ୍ଳାନ । ୬୩ ।
ସ୍ୱଚ୍ଛ ଧାରଟିଏ ହୋଇଯାଆନ୍ତି ମୁଁ ବହି,
ସେ ରାଜ-ନନ୍ଦିନୀ ପାଶେ ପ୍ରେମ ଗାଥା କହି । ୬୪ ।
ନାଚିଯାଏ ଆଖି ଆଗେ ସେ ରୂପ ସୌରଭ,
ସରି କି ହେବ ତାହାଙ୍କ ବିଜୟ ବିଭବ । ୬୫ ।
ଭୁଲୁର ବିଭ୍ରମେ ଜିଣିପାରେ ଯେ ଜଗତ;
ଲୋଡ଼ା କି ଅଛି ତାହାର ଅଶ୍ୱ ସେନା ରଥ । ୬୬ ।

Digitized by srujanika@gmail.com

କମଳ ଦଳ ତୁଆର ତା'ର ଗଣ୍ଡସ୍ଥଳ,
ଶତ ବିଜୟୀଙ୍କ ହୃଦ କରେ ସେ କୋମଳ । ୬୭ ।
ଆରକ୍ତ ଅଧରୁ ତା'ର ବିରକ୍ତ ବଚନ,
ଶୁଣିବାର ଯୋଗ୍ୟ ଏକା ଏହି ମୂଢ଼ଜନ । ୬୮ ।
ତା' ତୀବ୍ର ଧିକ୍‌କାର ପ୍ରିୟା ମଦକଳ ପରି,
ଲଭିଲି ସରଗ ସୁଧା ବରଷଣ ସରି । ୬୯ ।
କହିଲି ସେ 'ରାଜ୍ୟଚୋରର' ମୋତେ ଅପମାନ,
ନେଇଛି ଆଦରେ 'ପଦ' ଭଳେ ନାହିଁ ଗ୍ଲାନି । ୭୦ ।
'ଚୋର' ବୋଲି ପରିଚିତ ହେଲେ ମୁଁ ସାର୍ଥକ
ମଣିବ ନିଜକୁ, ଜାଣି ଦର୍ଶନ ସ୍ମାରକ । ୭୧ ।
ହେବ କି ଜୀବନେ ପୁଣି ଦେଖା ତା' ସହିତ,
ବିଜୟିନୀ ସେହି ମୁହିଁ ଅରି'ପରାଜିତ । ୭୨ ।
କାହିଁ ସେହି ରାଜଜେମା କାହିଁ ମୁଁ ଇତର,
ଆକାଶ-କୁସୁମ ସିନା ଦେଖା ପରସ୍ପର । ୭୩ ।
ଦେଖନ୍ତି କି କେବେ ତାକୁ ଥରେ ମୁଁ ସ୍ୱପନେ,
ରହନ୍ତି ନିରେଖି ନିର୍ନିମେଷ ନୟନେ । ୭୪ ।
ସେ ଲାବଣ୍ୟ ଅପଘନେ ଅନାଇ ଅନାଇ,
ଜୀବନର ସବୁ ସାଧ ନିଅନ୍ତି ମେଣ୍ଟାଇ । ୭୫ ।
ହତଭାଗ୍ୟ ମୁହିଁ ମୋତେ ସ୍ୱପ୍ନ ସୁଦ୍ଧା ସ୍ୱପ୍ନ
ନୟନ ପଲକ ନିଦ୍ରା କରିଛି ବର୍ଜନ । ୭୬ ।
କଟାଉଛି ସେହିଦିନୁ ଉନମତ୍ତମନା,
ଉନ୍ନିଦ୍ର ଯାମିନୀ ଭାଳି ଭାଳି ସେ ଲଳନା । ୭୭ ।
ଯମର କଥା ତ ଦୂରେ, ଭୋଜନ ଶୟନ,
ବିଷପରି ଲାଗେ ଏହି ଜୀବନ ଧାରଣ । ୭୮ ।

Digitized by srujanika@gmail.com

ସମର ସ୍ଥଗିତ ଯୋଗୁଁ ଭାବୁଛନ୍ତି ଯୋଧେ,
ନାହିଁ ମୋ ଉତ୍ସାହ କମ୍ପା ଦୁର୍ଗ ଅବରୋଧେ । ୭୯ ।
ନ ଜାଣନ୍ତି ସୈନ୍ୟ ମୋର ମୁହିଁ ପରାଜିତ,
ନନ୍ଦିକା-ବାହିନୀ ପାଇଁ ମୋ ଅସି କୋଷିତ । ୮୦ ।
ନେଇ ଏ ସୁବଧ ଯଦି ଆକ୍ରମନ୍ତି ଆସି,
ରାଜସୈନ୍ୟ ଅକସ୍ମାତେ ବିକ୍ରମ ପ୍ରକାଶି । ୮୧ ।
ନ କରିବ ପ୍ରତିରୋଧ; ହେଉ ତାଙ୍କ ଜୟ,
ହୋଇଗଲେ ବନ୍ଦୀ ଶାନ୍ତ ହେବ ଏ ହୃଦୟ । ୮୨ ।
କୋମଳ ପଳାଶ ପାଶେ କମଳିନୀ ଛନ୍ଦି,
ନିଶାଗମେ ମଧୁକର କରେ ଯେବେ ବନ୍ଦୀ । ୮୩ ।
ବହୁ ଭାଗ୍ୟ ମଣେ ଅଳି ଥାଇ ସେ ବନ୍ଧନେ,
ହେବ କି ସେ ଭାଗ୍ୟ ମୋର ! ଏ ସ୍ଥିର ଜୀବନେ । ୮୪ ।
କାହିଁ, ସେ ଘଟଣା ସୁଦ୍ଧା ନୁହେ ଘଟିବାର,
ନ ମିଳେ ସୂଚନା ତା'ର କହେ ଗୁପ୍ତଚର । ୮୫ ।
ବନ୍ଦ କରି ଦୁର୍ଗଦ୍ୱାର ପ୍ରାକାର ବେଷ୍ଟନେ,
ଅପେକ୍ଷନ୍ତି ରାଜସେନା ମୋର ଆକ୍ରମଣେ । ୮୬ ।
ମନ୍ତ୍ରମୁଗ୍ଧ ଅହି ଯଥା କୁଣ୍ଡଳୀ ଭିତରେ,
ନ ଜାଣେ ତା' ଦଂଶଭୀତି ଜାଗଇ ମନରେ । ୮୭ ।
ବସି ରହି ଖାଲି ସୈନ୍ୟେ ହେଲେଣି ଅଥୟ,
ଉଠିଲାଣି ତାଙ୍କ ହୃଦେ ସେହି ସ୍ୱର ଲୟ । ୮୮ ।
କରୁଛି ବ୍ୟଥିତ ଯାହା ସେନାପତି ମନ,
ହୃଦୟ ଡାକୁଛି ନାହିଁ ତା' ସଙ୍ଗେ ମିଳନ । ୮୯ ।
ବହୁଦିନ ପରେ ପୁଣି ଫେରି ନିଜ ବାସ,
ଦେଖିବେ ବଧୂର ପ୍ରିୟା ମୁଖେ ମଧୁହାସ । ୯୦ ।

Digitized by srujanika@gmail.com

ମଣିବେ ସେ କୋଟିନିଧି ସେହ୍ନଟିକି ହାସ,
ତୁଚ୍ଛ ସିନା ତାହା ଭୁଲେ ସମର ଉଲ୍ଲାସ । ୯୧ ।
ସେନାମଣ୍ଡ ବଚଳିତ ସୈନ୍ୟ ଘରମୁହାଁ,
ଯୁଦ୍ଧ ପକ୍ଷେ ଅସମ୍ଭବ ପରିସ୍ଥିତି ଥୁଆ । ୯୨ ।
କେତେ କାଳ ଏହିପରି ଅନିଶ୍ଚିତ ଭାବେ,
ସୈନ୍ୟଙ୍କୁ ସାନ୍ତ୍ୱନା ଦେଇ ରଖିବ ଏ ଠାବେ ? ୯୩ ।
ତା'ପରେ ବା ହେବ କ'ଣ ନ ଦିଶୁଛି କିଛି,
ରଖିବ ପରାଣ ସିନା ଆଶାବାରି ସିଞ୍ଚି । ୯୪ ।
ରାଜ୍ୟଜୟ ଆଶା ପଛେ ଧାଇଁ ଏତେ ଦିନ,
ନ କରିଛି ହିଂସା ହତ୍ୟା କେତେ କୃତ୍ୟ ହୀନ । ୯୫ ।
ନିକଟେ ପହଞ୍ଚି ଦେଖି ନାହିଁ ସେ ଇଚ୍ଛାର,
ମନୁଷ୍ୟ ହୃଦୟେ ଶାନ୍ତି ଶକ୍ତି ଦେବାର । ୯୬ ।
ଯା' ପ୍ରାପ୍ତି ଆଶାରେ ହୁଏ ଚିତ୍ତ ପରିପୂର୍ଣ୍ଣ,
ଯା' ବନ୍ଧନେ ଦେହ ମନ ସବୁ ହୁଏ ଚୂର୍ଣ୍ଣ । ୯୭ ।
ହେଉ ପଛେ ମରୀଚିକା ତାକୁ ଅନୁସରି,
ଉଦ୍ୟମ ସନ୍ତୋଷେ ମନ ଦେବ ମୋର ଭରି । ୯୮ ।
ଗୃହଆଡ଼େ ହସ ହସ ପ୍ରକୃତି ସୁନ୍ଦରୀ,
ଆନନ୍ଦେ ଅଧୀରା ପ୍ରିୟ ମିଳନେ ନାଗରୀ । ୯୯ ।
ବିରହ କାତରେ ଶୀର୍ଣ୍ଣ ମ୍ଳାନ ମୁଖେ ହାସ,
ନାଚି ଉଠେ ଏ ହୃଦୟ ଦେଖି ସେ ବିଳାସ । ୧୦୦ ।
ସେ ଆଶା ପ୍ରାପତି ପାଇଁ ହିଏ ଉଦ୍ଦୀପନା,
ବିଜୟେ ମତାଏ ଯେହ୍ନେ ସମର ବାଜଣା । ୧୦୧ ।
ଆରମ୍ଭ ଏ ଅଭିଯାନ ହୃଦୟ ବିଜୟେ,
କରି ଆତ୍ମ-ସମର୍ପଣ ସମ୍ରାଟ ତନୟେ । ୧୦୨ ।

Digitized by srujanika@gmail.com

ବାହୁପାଶେ ହେବା ପାଇଁ ବନ୍ଦୀ ଅନୁନୟ,
ହେବ ଏକା ଅସ୍ତ୍ର ମୋର ଶୁଦ୍ଧ ପ୍ରେମମୟ । ୧୦୩ ।
ବନ୍ଧ ତୁ ଉଜାଣି ନଈ, ଯାଅ ବଡ଼ାନସୀ
ବନ୍ଧାରେ ଆସିବ ଯେବେ ତୋ ଘଟରେ ପ୍ରେୟସୀ । ୧୦୪ ।
କହ ତାଙ୍କୁ ମୋର ହୋଇ କରି ପାଦସ୍ପର୍ଶ,
ଝୁରି ହୁଏ ତାହା ପାଇଁ ରଜନୀ ଦିବସ । ୧୦୫ ।
ଜଣା ଅଛି ପ୍ରେମରସ କୁମୁଦିନୀବରେ,
ଜଣାନ୍ତୁ ତାଙ୍କୁ ମୋ ବାର୍ତ୍ତା କୌମୁଦୀଯନ୍ତରେ । ୧୦୬ ।
ହୁଅନ୍ତୁ ସଦୟ ମୋତେ ନଭେ ଋତୁରାଜ,
କରନ୍ତୁ ମୋ ପାଇଁ ଆଜି ବାର୍ତ୍ତାବହ କାର୍ଯ୍ୟ । ୧୦୭ ।

———

Digitized by srujanika@gmail.com

ନନ୍ଦିକା

ଅଯୋଗ୍ୟ ଅପତ୍ୟ ଯୋଗେ କଳଙ୍କ କାଳିମା,
ଲାଗିବ କେଶରୀକୁଳେ ଲିଭିବ ଗରିମା । ୧ ।
ରଖିବେ କୁଳର ଟେକ ଗାଇବେ ତା' ଯଶ,
କାଳ ସଙ୍ଗେ କରି ଯୁଦ୍ଧ ଶତ ଶତ ବର୍ଷ । ୨ ।
ସୁବିଶାଳ କୀର୍ତ୍ତିରାଶି କେଶରୀବଂଶର,
ଜୀବନ୍ତ ରଖିବ ଯୋଗ୍ୟ ଭାବୀ ବଂଶଧର । ୩ ।
ବିଧିର ଏସନ ଧାତା କଲେକି ବିଧାନ
ପିତା ମୋ ହୋଇବେ ଶେଷ ରାଜା ନିଃସନ୍ତାନ । ୪ ।
ନ ବୁଝି ନିୟତିଗତି ଅଧୀର ଜନକ,
ଅନପତ୍ୟ ହେବା ମଣି ଗଭୀର ବାଧକ । ୫ ।
ଆରମ୍ଭିଲେ ମହାବ୍ରତ କୁଳଦେବ ପାଶେ,
ନିୟତିର ନିୟନ୍ତ୍ରଣ ପରିବର୍ତ୍ତି ଆଶେ । ୬ ।

Digitized by srujanika@gmail.com

ଶରୀର ଲକ୍ଷଣ ପୁଣି ଶୁଦ୍ଧ ମନ ଭାବ,
ଟଳାଇଲା ଶେଷେ କିନ୍ତୁ ବିଧାତା ପ୍ରଭାବ । ୭ ।
ଲଭିଲେ ସନ୍ତାନ ମାତ୍ର ନୁହେଁ ସେ କୁମର,
କନ୍ୟା ସେହି ମୁହିଁ ତାଙ୍କ ଦେବତାଙ୍କ ବର । ୮ ।
ନ କରେ ବସ୍ତୁର ସ୍ୱାଦୁ ଯଥା ଉପବାସୀ,
ମିଳିଲା ଯା ଗ୍ରହଣ କରେ ଆଗ୍ରହ ପ୍ରକାଶି,
ଯାଇ ମୋତେ ତଥା ପିତା ମଣି ଭାଗ୍ୟବାନ,
ବଂଶର ରକ୍ଷକ ମୁହିଁ ବୋଲି କଲେ ଜ୍ଞାନ । ୧୦ ।
ନୁହେଁ କନ୍ୟା ପରହସ୍ତେ ସମର୍ପଣଯୋଗ୍ୟା,
ବଧୂଭାବେ ଜାମାତାର ଅନ୍ତଃପୁରଭୋଗ୍ୟା,
ହେଲି ମୁହିଁ ସୁବିଶାଳ କେଶରୀ ବଂଶର,
ଅଖଣ୍ଡ ପ୍ରତାପଧାରୀ ଯୋଗ୍ୟ ବଂଶଧର । ୧୨ ।
ସୁବର୍ଣ୍ଣ ପଲଙ୍କୁ ତାଙ୍କ ଉତ୍ତରାଧିକାରୀ,
କେଶରୀ ରାଜ୍ୟର ତଥା କୀର୍ତ୍ତି ପ୍ରତିହାରୀ,
ଏହି ଆଶା ପ୍ରଭାବିତ ପିତାଙ୍କ ହୃଦୟ,
ହେଲେହେଁ ମୁଁ କନ୍ୟା ମୋତେ ମଣିଲେ ତନୟ । ୧୪ ।
କରାଇଲେ ସବୁ ଶିକ୍ଷା ସେହି ଭାବେ ମୋର,
ବାଲ୍ୟକାଳୁ ବଢ଼ିଛି ମୁଁ କେଶରୀ-କିଶୋର । ୧୫ ।
ଚତୁରଙ୍ଗ ଯୁଦ୍ଧବିଦ୍ୟା ଶାସନ ଚାଳନ,
ଯୁବରାଜ ହିସାବେ ମୁଁ କଲି ଅଧ୍ୟୟନ । ୧୬ ।
ଅନ୍ତଃପୁରବାସ ଅବା ନାରୀ-ପରିଚ୍ଛଦ,
ନ ଜାଣେ, ନ ଅଛି ମୋର ନାରୀର ସମ୍ବନ୍ଧ । ୧୭ ।
ପିତା ସଙ୍ଗେ ଭ୍ରମି ରାଜ୍ୟ ଯୁବରାଜବେଶେ,
ପରିଚିତ ଯୁବରାଜ ବୋଲି ସାରା ଦେଶେ । ୧୮ ।

Digitized by srujanika@gmail.com

ସାମନ୍ତ ସୈନିକ ତଥା ଅମାତ୍ୟ ଜନତା
ସମସ୍ତଙ୍କ ଦୃଷ୍ଟି ମୁହିଁ ଭବିଷ୍ୟତ କର୍ତ୍ତା । ୧୯ ।
ଦୀର୍ଘ ଷୋଳ ବର୍ଷକାଳ ଚଳି ଏହିମତେ,
ନାସ୍ତି ବୋଲି ନିଜେ ମଧ୍ୟ ନ ଗଲି ପରତେ । ୨୦ ।
ହେଲେ ଯେବେ ଧୀରେ ଧୀରେ ବୟସ ଆକ୍ରାନ୍ତ,
ଶରୀରେ ଦୁର୍ବଳ ହେଲେ ତେଜସ୍ୱୀ ମୋ ତାତ,
ପଡ଼ିଲା ମୋ ଶିରେ ଆସି ରାଜ୍ୟରକ୍ଷା ଭାର,
ଚଳାଇଲି ରାଜ୍ୟ ଯଥା ସମ୍ରାଟ କୁମାର । ୨୨ ।
ଦିବସର ପରିଣାମେ ଯଥା ଅନ୍ଧକାର,
ମାଡ଼ିଆସି ଅଲକ୍ଷିତେ ଘୋଟଇ ସଂସାର,
ବୟସର ପରିଣତି ସଙ୍ଗେ ତାତଙ୍କର,
ଯେତେ ଶତ୍ରୁ ଗୃହଆଡ଼େ ହୋଇଲେ ତତ୍ପର । ୨୪ ।
ନିଶମିତ ଅସନ୍ତୋଷ ପୁଣି ମୁଣ୍ଡ ଟେକି;
ବଳହୀନ ରାଜାଙ୍କୁ ସେ ଚୁହିଁଲା ନିରେଖି । ୨୫ ।
କାୟାଠାରୁ ଛାୟା ବଡ଼ ଅପରାହ୍ନେ ଯଥା,
ମଣିଲେ ଅମାତ୍ୟେ ବଡ଼ ରାଜାଠାରୁ ତଥା । ୨୬ ।
ସହାୟ ମୁଁ ଏକମାତ୍ର ବୃଦ୍ଧ ପିତାଙ୍କର,
କଲି ପଣ ସମ୍ଭାଳିବି ସମସ୍ତ ମୁକର । ୨୭ ।
ତାଳଦେଇ ସବୁ ଶକ୍ତି ଦେହର ମନର,
ରଖିଲି ଅକ୍ଷୁଣ୍ଣ ରାଜ୍ୟ କେଶରୀ ବଂଶର । ୨୮ ।
ନ ପାରିବି ଆଉ କିନ୍ତୁ ମଣେ ଅସମର୍ଥ,
ଆଚମ୍ବିତେ ଆଜୀବନ ଶିକ୍ଷା ହେଲା ବ୍ୟର୍ଥ । ୨୯ ।
ରାଜଦ୍ରୋହୀ ଜନତା ପାଇ ସୁଦକ୍ଷ ନାୟକ,
ଆସୁଛନ୍ତି ମାଡ଼ି ଯେହ୍ନେ ଅରଣ୍ୟପାବକ । ୩୦ ।

Digitized by srujanika@gmail.com

ବିଶ୍ୱାସଘାତକ ଅବା ହୋଇ ପରାଜିତ,
ବହୁ ସ୍ଥାନେ ରାଜସେନା ଦୂରେ ପଳାୟିତ,
ବିଜୟ ଉତ୍ସାହ ଲଭି ଶତ୍ରୁସେନା ଆଜି,
ରାଜଧାନୀ ବକ୍ଷେ ସ୍ଥିତ ପଟବାସ ସାଜି । ୩୨ ।
କରି ଦୁର୍ଗ ଅବରୋଧ, ବିଜୟ କେତନ
କରିବେ କେଶରୀ ବଂଶ ଧ୍ୱଂସେ ଉତ୍ତୋଳନ । ୩୩ ।
ଏ ସମୟେ ପିତୃକୁଳ ବିଜୟ କେତନ,
ତୋଳି ମୁଁ ରଖିବି ଦେଇ ପଛେ ଏ ଜୀବନ । ୩୪ ।
କଲି ପଣ ଯଥା କରେ ଯୋଗ୍ୟ ବଂଶଧର,
ସେହି ଶିକ୍ଷା ପାଇଥିଲି ଜନ୍ମୁ ବରାବର । ୩୫ ।
ଦେବାକୁ ସୈନ୍ୟଙ୍କେ ମୋର ବିପୁଳ ଉତ୍ସାହ,
ହେଲି ଅବତୀର୍ଣ୍ଣ ରଣେ ନେଇ ଅଶ୍ୱବାହ । ୩୬ ।
ଉଠିଲେ ଉଲ୍ଲସି ସର୍ବେ ରାଜ ଯୋଦ୍ଧାଗଣ,
ମାତିଲେ ସମରେ କରି ସ୍ୱଜୀବନ ପଣ । ୩୭ ।
ଶତ୍ରୁପକ୍ଷ ଛତ୍ରଭଙ୍ଗ ପ୍ରାୟ ହେଲା ଆସି,
ଅନ୍ଧାର ଆକାଶେ ଜହ୍ନ ଆସିଲା ତରାସି । ୩୮ ।
ବିଜୟ ସୂଚନା ପାଇ ଦ୍ୱିଗୁଣ ବିକ୍ରମେ,
ଧାଇଁଲି ମୁଁ ଶତ୍ରୁ ପଛେ ଭୁକ୍ଷ ମଣି ଭ୍ରମେ । ୩୯ ।
ଜୟ ଜୟ କୋଳାହଳେ ସୁବର୍ଣ୍ଣ ସେନାନୀ,
ଧାଇଁଲେ ବିପକ୍ଷ ପଛେ ମୋ ଉତ୍ସାହ ମାନି । ୪୦ ।
ବିଭ୍ରାଟେ ଜୀବନ ଭୟେ ଯାଆନ୍ତି ପଳାଇ,
ରାଜଦ୍ରୋହୀ ସୈନ୍ୟସାକ, ଥାଏଁ ମୁଁ ଗୋଡ଼ାଇ । ୪୧ ।
ଅକସ୍ମାତେ ଭେଟିଲି ମୁଁ ବିଦ୍ରୋହୀ ନାୟକ,
ପଛ ମୁହେଁ ଅଶ୍ୱପୃଷ୍ଠେ ଯୁଦ୍ଧ ପଳାତକ । ୪୨ ।

Digitized by srujanika@gmail.com

ତୁରଙ୍ଗ ମୋ ଗଲ୍ ଯେବେ ଉଡ଼ି ପାଶେ ତାର,
'ରାଜ୍ୟେଶ୍ୱର' ବୋଲି ତାକୁ କଲି ତିରସ୍କାର । ୪୩ ।
ଫେରାଇଲି ଅଶ୍ୱ କ୍ଷିପ୍ରେ ହେଲି ସମ୍ମୁଖୀନ,
ଯୁଦ୍ଧ ପରିଣତି ଯୋଗୁଁ ଆନନ୍ଦ ମଗନ । ୪୪ ।
କୁହେଳିକା ଭେଦି ଯଥା ପ୍ରଭାତ ଅରୁଣ,
ପକାଏ ପଙ୍କଜେ ଦୃଷ୍ଟି ଆରକ୍ତ କରୁଣ,
ସେହିପରି ଅରୁଣାଭ ତା' ବେନି ନୟନ,
ନୂଆ ଏକ ବାର୍ତ୍ତା କିବା କଲ୍ ନିବେଦନ । ୪୬ ।
ହେଲ୍ ଯେବେ ମୋ ଖଡ୍‌ଗର ସଂଯୋଗ ତା ବର୍ମେ,
ବିଦ୍ୟୁତ କମ୍ପନ ଯେହ୍ନେ ହେଲ୍ ମୋ ମରମେ । ୪୭ ।
ସମ୍ମୁଖେ ସୁନ୍ଦର ଯୁବା ସ୍ନିଗ୍ଧ ନିରୀକ୍ଷଣେ,
ମନ୍ତ୍ରମୁଗ୍ଧ କଲ୍ ପରି ଦେଲ୍ କରି କ୍ଷଣେ । ୪୮ ।
ଗାରୁଡ଼ି ମୋହିତ ଫଣୀ ପରାଏ ଅଚଳ,
ନିରେଖି ରହିଲି କ୍ଷଣେ ତା' ମୁଖକମଳ । ୪୯ ।
ହରିନେଲ୍ ମୁହୂର୍ତ୍ତକେ ଜୀବନ ସାଧନା,
ହୋଇଗଲ୍ ଲୁପ୍ତ ମୋର ପୁରୁଷ ଭାବନା । ୫୦ ।
ନାରୀଭାବ ଉଦ୍‌ବେଳିତ ହେଲ୍ ମୋ ହୃଦୟେ,
ସାଗର ସରମ୍ଭେ ଯଥା ହିମାଂଶୁ ଉଦୟେ । ୫୧ ।
ଜୀବନେ ପ୍ରଥମେ ସେହି କଲି ଅନୁଭବ,
ନାରୀ ହୋଇ ସଂସାରେ ମୋ ହୋଇଛି ସମ୍ଭବ । ୫୨ ।
ନୁହେଁ ସେ ସୁନ୍ଦର ରୂପ ଅସିଘାତ ଯୋଗ୍ୟ,
ଭାଗ୍ୟବନ୍ତୀ ରମଣୀର ଏକା ତାହା ଭୋଗ୍ୟ । ୫୩ ।
ନୁହେଁ କି ସେ ଭାଗ୍ୟବନ୍ତୀ ଏ ରାଜକୁମାରୀ,
ଜୀବନ ସଙ୍ଗିନୀ ଯୋଗ୍ୟା ହେବାକୁ ତାହାରି । ୫୪ ।

Digitized by srujanika@gmail.com

ରମଣୀ ହୃଦୟେ ଯେବେ ଉଠିଲା ଏ ପ୍ରଶ୍ନ,
କୃତ୍ରିମ ପୁରୁଷଭାବ ହେଲା ଅବସନ୍ନ । ୫୫ ।
ବିକ୍ଳବ ଦଶାରେ ବେଗେ ଆସିଲା ବାହୁଡ଼ି,
ଗୁଡ଼ିଦେଇ ପଳାଇଲେ ଯୁବା ରୂପ ଛାଡ଼ି । ୫୬ ।
ସେଦିନଠୁ ନାରୀ ମୁହିଁ ନୁହେଁ ସେନାପତି,
ସ୍ୱଭାବ ବିକାଶ ଚାହେଁ ଯେଣୁ ମୁଁ ଯୁବତୀ । ୫୭ ।
ଫୁଲଟିଏ ଫୁଟିଉଠ ପ୍ରଭାତ କିରଣେ,
ଝାଉଁଳି ପଡ଼ଇ ପୁଣି ନିଶା ଆଗମନେ,
ରୂପର ବିକାଶ ଅଳି ଗୁଞ୍ଜନ ଶ୍ରବଣ,
ସୁବାସ ବିସ୍ତାର ପୁଣି ରେଣୁ ବିତରଣ,
ପବନ ସହିତ ଖେଳା ମଧୁର ସମ୍ଭାଷ,
ସତ୍ତର କରଣେ ଚାହିଁ ମୃଦୁ ମୃଦୁ ହାସ,
କରିବାକୁ ହେବ ସବୁ ଏ କ୍ଷୀଣ ଜୀବନେ,
ତେବେ ସିନା ସାର୍ଥକତା ବିଧାତା ସୃଜନେ । ୬୧ ।
ତେଜି କି କେତକୀ କେବେ କୁସୁମ ସ୍ୱଧର୍ମ,
ଥିଲେ ମଧ୍ୟ ପିନ୍ଧି ଖଣ୍ଡେ କଣ୍ଟକର ବର୍ମ । ୬୨ ।
ପ୍ରେମର ପଳାଶେ ଗଢ଼ା ନାରୀର ସୁମନ,
ସହାନୁଭୂତିର ଯହିଁ ମଧୁର ଝରଣ,
ମହନୀୟ କୋମଳତା ଯାହାର ବିକାଶେ,
ଶାନ୍ତିର ପ୍ରେରଣା ଥାଏ ଯାହାର ସୁବାସେ । ୬୪ ।
ଅଭ୍ୟାସ ପାଷାଣ ବପ୍ରେ ଅବରୋଧି ତାକୁ,
ମାତିଥିଲା ଧାତା ସୃଷ୍ଟି ବ୍ୟର୍ଥ କରିବାକୁ । ୬୫ ।
ନୋହିଲା ସେ ଅବଶେଷେ ରୁଦ୍ଧ ନାରୀଭାବ,
ମୁକ୍ତ ହୋଇ ଅନ୍ୱେଷିଲା ଜଗତେ ତା ଠାବ । ୬୬ ।

Digitized by srujanika@gmail.com

କୋମଳ ଅଙ୍କୁର ଯଥା ଫଟାଇ ପାଷାଣ,
ଶିର ଟେକ ଦାବୀ କରେ ଜଗତେ ତା' ସ୍ଥାନ,
ରମଣୀ ନନ୍ଦିକା ତଥା ହୋଇ ଗୃହମୁକ୍ତ,
ଦାବୀ କରେ ଏ ସଂସାରେ ସ୍ଥାନ ଉପଯୁକ୍ତ । ୬୮ ।
ସେହିକ୍ଷଣ ସେହିକ୍ଷଣି ଯୁବାର ନୟନ,
କରିଦେଲା ମୋହପାଇଁ ସ୍ଥାନ ନିରୂପଣ । ୬୯ ।
ଅନୁରୂପ ତରୁ ସଙ୍ଗେ ଘଟିଲେ ସଂଯୋଗ,
ଲତାର ଜୀବନ ଧନ୍ୟ ପୂର୍ଣ୍ଣ ତା' ସମ୍ଭୋଗ । ୭୦ ।
ଢ଼ଳିଗଲା ସବୁଟିକ ମନ ସେ ତରୁଣେ,
ମନେ ହେଲା ସେହି ସଖା ଅନୁରୂପ ଗୁଣେ । ୭୧ ।
ପିତା ଶତ୍ରୁ ସେହି କିନ୍ତୁ ବିଦ୍ରୋହୀ ନାୟକ,
ରାଜାଜ୍ଞା ନେବାକୁ ତା'ର ବିଚ୍ଛିନ୍ନ ମସ୍ତକ । ୭୨ ।
ଶୁଣିଛି ସେ ବୀର ନୁହେଁ ସମ୍ଭ୍ରାନ୍ତ କୁଳୀନ,
ପଙ୍କରୁହ ପରି ତାର ଜନ୍ମ ଅତି ହୀନ । ୭୩ ।
ହୋଇଥାଏ ଏ ପରାଣ ତଥାପି ତାହାଠି,
ମନେ ହୁଏ ତାହା ବିନା ମୋ ଜୀବନ ମାଟି । ୭୪ ।
ହେଲା କି ବାତୁଳ ମୁହିଁ ପତଙ୍ଗ ପରାଏ,
ନନ୍ଦା-ଜାତବେଦ ମୁଖେ ଉଦବେଗେ ଧାଏଁ । ୭୫ ।
ଛି ଛି ଏତେ ମୋର ପୁଣି ସୁବର୍ଣ୍ଣ ଦୁହିତା,
ବିଦ୍ରୋହ ତିମିର ନାଶେ କେଶରୀ-ସବିତା,
ପିତାର ରାଜାର ପୁଣି ସମସ୍ତ କ୍ଷମତା
ଲଭି, ରଣେ ଦେଖାଇଣ ପ୍ରଭୂତ ବୀରତା,
ଜୟଶ୍ରୀ ପ୍ରସନ୍ନ ହୋଇ ଆସୁଥିବା କାଳେ,
ପଡ଼ିଲା ସେ ମୋର ନାରୀ-ଦୁର୍ବଳତା ପାଲେ । ୭୮ ।

Digitized by srujanika@gmail.com

ଉତ୍କଳ କେଶରୀବଂଶ ସ୍ୱର୍ଣ୍ଣ ଇତିହାସେ,
ଲାଗିବ କଳଙ୍କ ସିନା ନନ୍ଦିକା ସକାଶେ । ୭୯ ।
କି କହିବେ ପିତା ଅବା ମନ୍ତ୍ରୀ ବା ଜନତା,
ନିନ୍ଦିବେ ସକଳେ କହି ନନ୍ଦିକା ଉନ୍ମତ୍ତ । ୮୦ ।
କି କହିବ ସେ ଯୁବକ ପାଇଲେ ଏ ବାର୍ତ୍ତା,
ଘୃଣାରେ ଅଳପ ହସି କହିବ 'କାମାର୍ତ୍ତା',
ପରିହାସ ଜ୍ୱାଳ ଉଠେ ଉଠିବ ଶିଖରେ,
ଭଗାରିହସାଠୁଁ ଲଜ୍ଜା କି ଅଛି ମହୀରେ । ୮୧ ।
ଯୁବରାଜବେଶେ ଯେହୁ ରାଜାଙ୍କ ଗହଣେ,
ଥିଲା ଉନମତ୍ତ ସାରା ସାମ୍ରାଜ୍ୟ ଭ୍ରମଣେ,
ନିରେଖି ଯାହାକୁ ରାଜା ପରଜା ସମସ୍ତ,
ଭାବୁଥିଲେ କୁଳରବି ହେବ ନାହିଁ ଅସ୍ତ,
ବହୁ ରଣଜେତା ବୃଦ୍ଧ ସେନାପତିଗଣ,
ମଣୁଥିଲେ ଯା'କୁ ଯୋଦ୍ଧା ଅତି ବିଚକ୍ଷଣ,
ବିଜୟ ଉଲ୍ଲାସେ ମତ୍ତ ବିଦ୍ରୋହୀ ସେନାନୀ,
ଯାହା ଯୋଗୁଁ ପଳାଇଲେ ପରାଜୟ ମାନି,
ସେହି ସେ ନନ୍ଦିକା ପିତା ଅଖିଳ ସନ୍ତାନ,
ପ୍ରଣୟ ପିପାସେ ହେଲା ଶୁଷ୍କ ମ୍ରିୟମାଣ । ୮୨ ।
ଶତ୍ରୁ ସେନାପତି ସଙ୍ଗେ ପୁଣି ସେ ପ୍ରଣୟ,
ଆକସ୍ମିକେ ରଣଭୂମେ ହେଲା ଅଭ୍ୟୁଦୟ । ୮୩ ।
ଭୁଲିଗଲା ପିତା ସ୍ନେହ ବଂଶର ଗରିମା,
ରାଜାଙ୍କ ବିଶ୍ୱାସ ଆତ୍ମ-ସମ୍ମାନର ସୀମା । ୮୪ ।
ଏହି ବୋଲି ଅପବାଦ ବ୍ୟାପିବ ଚୌଦିଗେ,
ବୋଲିବେ କାଳିମା ମୁଖେ ଐତିହାସିକେ ।

Digitized by srujanika@gmail.com

ବୁଝିବେ କି କେହ୍ନ ହେଲେ ନର୍ତ୍ତକୀ କୁମାରୀ,
ବାହ୍ୟ ବେଶ ଯାହା ହେଉ ଅନ୍ତରେ ସେ ନାରୀ । ୯୧ ।
ଯାଇଛୁ ଛୁଟି ସେ ମୋହ ଚନ୍ଦ୍ରବଦନ ପାଇଁ,
ନାରୀ ଛଡ଼ା ଅନ୍ୟ ଭାବ ଆଉ ମୋର ନାହିଁ । ୯୨ ।
ସମ୍ଭବ ସେ ପ୍ରତିପକ୍ଷ ନାୟକ ଯୁବକ,
ନ ବୁଝି ପ୍ରଣୟତତ୍ତ୍ୱ ହୋଇ ରାଜ୍ୟରଙ୍କ । ୯୩ ।
ଅବୈଧ ସୁବଧା ନେବ ଗୁପ୍ତ ଆକ୍ରମଣେ,
ଉଦାସୀନ ରାଜସୈନ୍ୟେ ପରାଜିବ ରଣେ । ୯୪ ।
ତଥାପି ନ ବଳେ ଟଳେ ଯୁଦ୍ଧେ ମୋର ସ୍ପୃହା,
ନ ହୁଏ ସଂଜାତ ସେହି ଯୁବକେ ଅସୂୟା । ୯୫ ।
କପଟ ସମରେ ଯେବେ ହୋଇଯାଏ ହତ,
ଗଲେ ଏ କୃତ୍ରିମ ଜୀବ ହେବି ମୁଁ ଆଶ୍ୱସ୍ତ । ୯୬ ।
ଅଥବା ହୁଅଇ ଯେବେ ବନ୍ଦୀ ଶତ୍ରୁ ହସ୍ତେ,
କଠିନ ସମସ୍ୟା ଛୁଡ଼ାହେବ ମୋ ଅଗ୍ରତେ । ୯୭ ।
ଗୃହିଁବ ଯୁବକ ଯେବେ ଇନ୍ଦ୍ରିୟ ତର୍ପଣେ,
ଦେଖିବାକୁ ମୋତେ ତା'ର ଶୁଦ୍ଧାନ୍ତଃ ମଣ୍ଡନେ । ୯୮ ।
ପାଇବ ନାହିଁ ସେ କେବେ ନର୍ତ୍ତକୀ ଜୀବନ୍ତ,
ତା'ର ମୃତ୍ୟୁ ଅବା ମୋର, ଏହା ସୁନିଶ୍ଚିତ । ୯୯ ।
ଭୋଗ୍ୟବସ୍ତୁ ମଣେ ନାରୀ ଯେଉଁ ନରାଧମ,
ଅଯୋଗ୍ୟ ସେ ପାଇବାକୁ ନାରୀ ମମ ସମ । ୧୦୦ ।
ଗୃହିଁବ ଯଦିବା ମୋତେ ବୀରେ ସୁସେବକ,
ସାଥୀ ରୂପେ ନର୍ମ୍ମେ କର୍ମ୍ମେ ସଦା ସହାୟକ
ତେବେ ମୁଁ ଅଜାଡ଼ି ଦେବି ମୋର ଯା' ସମସ୍ତ,
ହୃଦୟୁ ହୃଦୟେ ତା'ର କରିଦେବି ନ୍ୟସ୍ତ । ୧୦୨ ।

Digitized by srujanika@gmail.com

ଚରର ମୁଖୁଁ କନ୍ତୁ ଶୁଣେ ଯାହା ମୁଁ ସମ୍ବାଦ,
ଗଣୁଛି ସମରେ ଶତ୍ରୁ ମହା ପରମାଦ । ୧୦୩ ।
ପରାଜୟେ ନଷ୍ଟ ତା'ର ନୈତିକ ସାହସ,
ରଣକ୍ଳାନ୍ତ ସୈନ୍ୟ ମଧ୍ୟ ହେଲେଣି ଅବଶ । ୧୦୪ ।
ତଥାପି କାହିଁକି ରହେ କାଠଯୋଡ଼ୀ ତୀରେ,
କରେ କି ମନ୍ତ୍ରଣା ବସି ଯୁବକ ଶିବିରେ । ୧୦୫ ।
ବନ୍ଦ କରି ଦୁର୍ଗ ଦ୍ୱାର ପାଞ୍ଚୁଛି କୌଶଳ,
ସମୂଳ ବିନାଶକଳ୍ପେ ଅରାତିର ବଳ । ୧୦୬ ।
ଛଳବ ପିତାଙ୍କୁ କେତେ କାଳ ଏହିମତେ,
ବିରାଟ ବାହିନୀ ତଥା ଅଧୀର ସାମନ୍ତେ ? । ୧୦୭ ।
ଶୈଶବ କୈଶୋର ଗଲା ଆତ୍ମ ପ୍ରବଞ୍ଚନେ,
ଶେଷେ ପୁଣି ଲାଗିଛି ମୁଁ ଜନକ ବଞ୍ଚନେ । ୧୦୮ ।
ଶୈଶବର ପ୍ରତିବନ୍ଧୁ ଯା' ସ୍ନେହେ ତିଆରି,
ସ୍ୱତନ୍ତ୍ର ନନ୍ଦିକା ବୋଲି ଯେ ଥାନ୍ତି ବିଚାରି । ୧୦୯ ।
ନୁହେଁ କି ଉଚିତ ତାଙ୍କୁ ଥରେ ମନ କଥା,
ଜଣାଇବା ସବିନୟେ ହୃଦୟର ବ୍ୟଥା । ୧୧୦ ।
ଅତି ସ୍ନେହେ କନ୍ୟା ମନ ନ ବୁଝି ଜନକ,
ଭ୍ରମାନ୍ତେ ସିନା 'ଅତି' ସବନ୍ଧ ବାଧକ । ୧୧୧ ।
ଦିନ ସ୍ନେହ-ଆବରଣ ତୋଳି ଦେଇ ଥରେ,
ଦେଖନ୍ତୁ ସେ ଅଭିନୟ ନନ୍ଦିକା ହୃଦରେ । ୧୧୨ ।

× × × ×

ପିତା ହୋଇ କନ୍ୟାର ସେ ହେଉନ୍ତୁ ସହାୟ,
ସ୍ୱପ୍ନସମ ସୁଜନେ ହେ ନୋହି ଅନ୍ତରାୟ । ୧୧୩ ।

Digitized by srujanika@gmail.com

ଲେଖନୀ ସାହାଯ୍ୟେ କରି ମୋ' ହୃଦ ବର୍ଣ୍ଣନ,
ଗୋପନେ ପିତାଙ୍କ ହସ୍ତେ କରି ନିବେଦନ । ୧୧୪ ।
କରିବି ମୁଁ ସମାପନ ପୁରୁଷ ଆଗର,
ନାରୀରୂପେ ଏ ଜଗତେ ହେବି ମୁଁ ବାହାର । ୧୧୫ ।
ପ୍ରୀତିର କୁସୁମ ହାର ଗୁନ୍ଥିବି ଯତନେ,
ସଖୀ ରୂପେ ସେ ଯୁବକ ହୃଦୟ ବରଣେ । ୧୧୬ ।
ହୁଏ ଯଦି ଭାଗ୍ୟବଶେ ମୋ' ଆଶା ପୂରଣ,
ତେବେ ତ ସାର୍ଥକ ଏହି ନାରୀର ଜୀବନ । ୧୧୭ ।
ପିତା ଯେବେ ଅନ୍ତରାୟ ହୁଅନ୍ତି ମୋହର,
ଜାଣିବି ସ୍ୱାର୍ଥରେ ଭରା ତାହାଙ୍କ ଆଦର । ୧୧୮ ।
ନିଜର ଆନନ୍ଦ ପାଇଁ ଅନ୍ୟର ହୃଦୟ,
ଦଳିଦେଇ ଶତ୍ରୁ ବୋଲି ଦେବେ ପରିଚୟ । ୧୧୯ ।
ନ ଦେଖିବେ ନନ୍ଦିକାକୁ ସେ ପୁଣି ଜୀବିତ,
ଅପତ୍ୟ ସୁଖରୁ ହେବେ ସେ ଚିର ବଞ୍ଚିତ । ୧୨୦ ।
କିନ୍ତୁ ଯଦି ଫୁଲ ହାର ନ କରି ଗ୍ରହଣ,
ସେ ସୁନ୍ଦର, ଉପେକ୍ଷାରେ କରଇ ବର୍ଜ୍ଜନ । ୧୨୧ ।
ନାରୀପଣ ତେବେ ହେବ ସେହିଠାରେ ଶେଷ,
ଦେଖିବ ଜଗତ ପୁଣି ମୋର ନରବେଶ । ୧୨୨ ।
ଜାଣିବି ମୁଁ ଲୌହ ଶରେ ପଟୁ ଏ ଶରୀର,
ଫୁଲ ଶର ସାଧ୍ୟ ନୁହେଁ ଏହି ଅପାଙ୍ଗୀର । ୧୨୩ ।
ବାହୁବଳେ କରିପାରେ ବିଧ୍ୱଂସ ସାଧନ,
ନାହିଁ ବଳ କରିବାକୁ ପ୍ରେମେ ଆକର୍ଷଣ । ୧୨୪ ।
ଦେଇଛନ୍ତି ଧାତା ସିନା ନାରୀର ଶରୀର,
ମନଟିଏ ଦେଇଛନ୍ତି ନର ପ୍ରକୃତିର । ୧୨୫ ।

Digitized by srujanika@gmail.com

କେତେ ଋଷି ବ୍ରହ୍ମଋଷି ତପସ୍ୟାର ଫଳ,
ପାଇଅଛି ଉପହାର ନାରୀ ପଦତଳ । ୧୨୬ ।
ସାମାନ୍ୟ ଯୁବକ ପ୍ରାଣ ନ ପାରି ଠେଲାଇ,
ନାରୀ ବୋଲି କମ୍ପା ମିଛେ କରିବ ବଢ଼ାଇ । ୧୨୭ ।
ନୁହେଁ ମୁଁ ଲଳନା ଖାରି ସୁବର୍ଣ୍ଣ କୁମରି,
କାର୍ଯ୍ୟ ମୋର ଶତ୍ରୁନାଶ ପର୍ଯ୍ୟନ୍ତ ସମରି । ୧୨୮ ।
ଦେଇ ପ୍ରତି ରକ୍ତବିନ୍ଦୁ ସମର ଅଙ୍ଗନେ,
ଲଭିବ ସନ୍ତୋଷ ଅରି ବିନାଶ ସାଧନେ । ୧୨୯ ।
ସତେ କି ସେ ନ ଦେଖିବ ମୋ' ପ୍ରେମ ମାଗୁଣି,
ପିଙ୍ଗି ଦେବ ଉପେକ୍ଷାରେ ମୋ' ବାର୍ତ୍ତା ଶୁଣି ? ୧୩୦ ।
ଯେ ବ୍ୟଥା ଘାରୁଛି ମୋତେ ତାକୁ କି ନ ଘାରେ,
କୁମାରୀ-ସଙ୍ଗ-ଲାଳସା ନ ଜାଗେ କୁମାରେ ? ୧୩୧ ।
ଯେଉଁ ନଦୀ ତରତର ଧାଏଁ ସିନ୍ଧୁମୁଖେ,
ଡାଳିଦେବା ପାଇଁ ନିଜ ପ୍ରାଣ ସଖାବୁକେ । ୧୩୨ ।
ନ କହେ କି ସେହି ନଦୀ ମଧୁର ନିଃସ୍ୱନେ,
କପଟି ସାଗର ଯେବେ ତରଙ୍ଗ ଚୁମ୍ବନେ । ୧୩୩ ।
ନ ପଡ଼େ କି ତା' ନୟନେ ଅଳି-ଆଚରଣ,
ଅକାତରେ କରେ ସେହୁ ଆତ୍ମ-ସମର୍ପଣ । ୧୩୪ ।
ବହୁ ଦୂରେ ସମୀରଣେ ପାଇଣ ସୂଚନା,
ଝୁରିହୁଏ ବୋଲି ଦୁଃଖେ ବିରହେ ସୁମନା । ୧୩୫ ।
ସୁକୋମଳ ଲତାଟିଏ ବାହୁ ପ୍ରସାରଣେ,
ପ୍ରକାଶିଲେ ମନୋଭାବ ପ୍ରେମ ଆଲିଙ୍ଗନେ । ୧୩୬ ।
ସଅଁପେ ନିଜକୁ ତରୁ ହୋଇ ଅକୁଣ୍ଠିତ,
ସ୍ୱଚ୍ଛନ୍ଦ ବୃଦ୍ଧିରୁ ନିଜେ ହେଲେହେଁ ବଞ୍ଚିତ । ୧୩୭ ।

Digitized by srujanika@gmail.com

ସେଦିନ ସାକ୍ଷାତ ଫଳେ ଯେ ଦଶା ମୋହର,
ଘଟିଛି କି ସେହିପରି ଦଶା ତୁଙ୍ଗର ? । ୧୩୮ ।
ପୁରୁଷର ଆଖି ତା'ର ଏତେ ଆକର୍ଷକ,
ନାରୀର ନୟନ କିବା ନୋହିଲା ଚୁମ୍ବକ । ୧୩୯ ।
ମନ୍ଦ ମନ୍ଦ ବହି ଭୃହି ମଳୟ ପବନ,
ଶିରା ପ୍ରଶିରାରେ କରୁ ଯେ ଭାବ କମ୍ପନ । ୧୪୦ ।
ହୁଏ କି ତା' ପ୍ରତିକର୍ମ ଯୁବା ଧମନୀରେ,
କହି ଯା' ଗୋପନେ କାନେ ସମୀରଣ ଧୀରେ । ୧୪୧ ।
ଯେ ତାନ ଉଠାଏ ହୃଦେ ପିକ କୁହୁସ୍ୱରେ,
ଉଠେ କି ସେ ତାନ କେବେ ସେ ଯୁବା ମନରେ ? ୧୪୨ ।
ତରୁଲତା ପଶୁପକ୍ଷୀ ସରସୀ ସରିତ,
ଯା' ନିର୍ଦ୍ଦେଶେ ହୋଇ ନିଜେ ପ୍ରେମ ପୁଲକିତ । ୧୪୩ ।
ଉପୁଜାନ୍ତି ସେହି ଭାବ ରମଣୀ ହୃଦୟେ,
ନ ପଶନ୍ତି ପାଖ କିବା ଯୁବକର ଭୟେ । ୧୪୪ ।
କରଯୋଡ଼ି ନିବେଦନ କରେ ଋତୁରାଜ,
ନ ହୁଅ ଗୋ ପକ୍ଷପାତି କେବେହେଁ ସୁରାଜ । ୧୪୫ ।
ଯେ ବସ୍ତୁର ମୋହ ପ୍ରତି ହେଉଛି ପ୍ରୟୋଗ,
ତାହାହିଁ ଯୁବକ ପକ୍ଷେ ହେଉ ଉପଯୋଗ । ୧୪୬ ।

Digitized by srujanika@gmail.com

ନନ୍ଦିକାର ପିତାଙ୍କଠାକୁ ପତ୍ର

ଦେଘନ ମୋ' ପ୍ରଣାମ ଜନକ ଚରଣେ,
ନିବେଦେ ନନ୍ଦିକା ଅତି ସନ୍ତର୍ପଣେ । ୧ ।
ଆସନ୍ନ ବଇଶି ରାଜ୍ୟ ଟଳମଳ,
ସ୍ଥବିରତା ଯୋଗେ ଶରୀର ଦୁର୍ବଳ । ୨ ।
ଏ ସମୟେ ଏହି ପତ୍ର ଅବାନ୍ତର,
ହୁଏତ ଲଭିବ ଘୃଣା ଅନାଦର । ୩ ।
ସନ୍ତାନେ ତୁମର ସ୍ନେହବତ୍ସଳତା,
ବଳାଇଲା କିନ୍ତୁ ଏ ଗୁରୁ ଧୃଷ୍ଟତା । ୪ ।
ନ ପାରିଲି ରହି ନ ଖୋଲି ମୋ' ମନ
ତାହାଠିଁ, ଯା' ଯୋଗେ ଲଭିଛି ଜୀବନ । ୫ ।
ଗୁଡ଼ିଗଲେ ମାତା ଅଜ୍ଞାନ ଶୈଶବେ,
ଜାଣେ ନାହିଁ ତେଣୁ ମାତୃସ୍ନେହ ଲବେ । ୬ ।
ଦେଖୁ ହେଲି ଦିନୁ ନ ଜାଣେ ଆନକୁ,
ପିତା ମାତା ଗୁରୁ ମଣିଛି ତୁମକୁ । ୭ ।
ତବ ସ୍ନେହସିନ୍ଧୁ ଅଗାଧ ସଲିଳେ,
ଏକା ମୁଁ ନଉକା ଖେଳେ ଅବଲୀଳେ । ୮ ।
ତବ ଅନୁକମ୍ପା ଅନନ୍ତ ଆକାଶେ,
ଏକମାତ୍ର ଜ୍ୟୋତି ନନ୍ଦିକା ତରାସେ । ୯ ।
ନାହିଁ କେହି ଆଉ ସେଠି ପ୍ରତିଦ୍ୱନ୍ଦୀ,
ଏକଛତ୍ର ରାଜ୍ୟ ଭୋଗିଲି ଅବଧି । ୧୦ ।
'ମୋ ଅନ୍ତେ ଗୌରବ କେଶରୀ କୁଳର,
ରଖିବ ଅକ୍ଷୁନ୍ନ ନନ୍ଦିକା ମୁକର' । ୧୧ ।

Digitized by srujanika@gmail.com

ନ ଥିଲା ଏ ଖାଲି ଆଶା ହୋଇ ହୃଦେ,
ଗୁପ୍ତ ପଥ ଭଳି ବନ୍ଦ ଜଉମୁଦେ । ୧୨ ।
ନାମ ନେଲା ପରି ହେଉଥାଅ କହି,
କେତେ ଯେ ଆନନ୍ଦ ନ ପାଇଛ ତହିଁ । ୧୩ ।
ନଥିଲା କେବଳ କଥାରେ ଏ କଥା
କେତେ କଥା ଲଭେ ନାହିଁ ବାସ୍ତବତା । ୧୪ ।
କାମରେ ଆଚରି ଅଛ ସେହି ବାଣୀ,
ସତ ମଣିଅଛ କଳ୍ପନା କାହାଣୀ । ୧୫ ।
ସମର ସାଧନା ଶାସନ ଗୃଳନା,
ଚତୁର୍ବିଧ ମନ୍ତ୍ର ଯାହା ଥିଲା ଜଣା । ୧୬ ।
ଶିଖାଇଛ ସବୁ ଗୋଟି ଗୋଟି କରି,
ଲଭିଛ ସନ୍ତୋଷ ସୁଶିକ୍ଷକ ପରି । ୧୭ ।
ନିଜ ଆଚରଣେ ଦେଇଛ ଧାରଣା,
କରିବ ପୂରଣ ତୁମର କାମନା । ୧୮ ।
ତବ ପଦ ଅଙ୍କ ମୋ' ଅନୁସରଣେ,
ନ ଯିବଟି ଲଭି କାଳାନ୍ତକମରଣେ । ୧୯ ।
ଅଶାନ୍ତିର ନିଆଁ କୁହୁଳି ଉହାଡ଼େ,
ମାତିଲା ବିଦ୍ରୋହ ଯେବେ ଗୃହଆଡ଼େ । ୨୦ ।
ନ କରିଛ ଚିତ୍ତ ଆକୁଳିତ ଅତି,
କହିଛ "ନନ୍ଦିକା ଯୋଗ୍ୟ ମୋ' ସନ୍ତତି' । ୨୧ ।
କରିବ ତୁରିତେ ସେ ଶାନ୍ତ ବିଦ୍ରୋହ,
ଭାଙ୍ଗିଯିବ ସବୁ ବଇରୀଙ୍କ ମୋହ" । ୨୨ ।
ଘେନ ସେ ଆଦେଶ ଶିରେ ଅକିଞ୍ଚନ,
ପାରୁଚେରିଧନ୍ତ କରୁଛି ପାଳନ । ୨୩ ।

Digitized by srujanika@gmail.com

ସହସା ଏ କାଳେ ଲଭି ଅବକାଶ,
ସ୍ୱରୂପ ମୋହର ହେଲା ପରକାଶ । ୨୪ ।
ନାରୀ ମୁହିଁ ନୁହେଁ ଯୋଗ୍ୟ ବଂଶଧର,
ବିଶାଳ କୀର୍ତ୍ତି କେଶରୀ କୁଳର । ୨୫ ।
ଊଷର କର୍ଷଣେ ତବ ବ୍ୟର୍ଥ ଶ୍ରମ,
ମରୀଚିକା ଦେଖି ତବ ଜଳ ଭ୍ରମ । ୨୬ ।
ଶେଷ ଜୀବନରେ ଏହି ଆବିଷ୍କାର,
କରିବାକୁ ଥିଲା ଭାଗ୍ୟ ନାୟିକାର । ୨୭ ।
କେଶରୀବଂଶର ଶେଷ ନରପତି;
ନାହିଁ କେହି ତୁମ ସନ୍ତାନ ସନ୍ତତି । ୨୮ ।
ବାନ୍ଧିଥିଲ ଆଶା ଯେ ନାୟିକାଠାରେ,
ମରି ଯାଇଛି ଯେ ନାହିଁ ଦୁନିଆରେ । ୨୯ ।
ତବ ସ୍ନେହ ସାର ହୃଦୟେ ଉର୍ବର;
ବଢ଼ାଇ ଥିଲ ଯେ ଆଶା ତରୁବର,
ଉପାଡ଼େ ତା ମୂଳ ପୁଣି ହୋଇ ଝଡ଼,
ମାନି ନେଉଛି ଏ ଅପରାଧ ବଡ଼ । ୩୧ ।
ତଥାପି ସେ ହୃଦ ବିଶାଳ ପ୍ରାନ୍ତରେ;
କ୍ଷୁଦ୍ର ଏକ କୋଣ କନ୍ୟା ଦାବୀ କରେ । ୩୨ ।
ମୃତ ସିନା ସେହି କଳ୍ପିତ ନାୟିକା,
କେଶରୀକୁଳର ଗୌରବବର୍ଦ୍ଧିକା । ୩୩ ।
ଅଛି ତ ଜୀବିତା ନାୟିକା ଦୁହିତା,
ମାତୃହୀନା ପିତା ସେନେହେ ପାଳିତା । ୩୪ ।
ସେ ହିସାବେ ତାତ ! କରିବ କି ମନା,
ଅଳ୍ପ ସ୍ନେହ ଦାନେ ବିନୀତ ପ୍ରାର୍ଥନା । ୩୫ ।

Digitized by srujanika@gmail.com

ମାତୃହୀନା ସୁତା ମନ ବୁଝିବାରେ,
ପିତା ବିନା ଆନ କେ ଅଛି ସଂସାରେ
ଦୁଃଖ ଦେଇ ସୁଦ୍ଧା ଲୋଡ଼ିବାକୁ ସୁଖ,
ତବ ସ୍ନେହ ବୁଝି ନୋହୁଛି ବିମୁଖ । ୩୭ ।
ଅପୁତ୍ରକ ହେବା କେଡ଼େ ଦୁଃଖମୟ,
ଭଲ କରି ବୁଝେ ପିତାର ହୃଦୟ । ୩୮ ।
ତରୁଣୀ କୁମାରୀ ବ୍ୟଥା ସେହିପରି,
ବୁଝୁଛି କାରଣ ଅନନ୍ୟ ଅନୁସରି । ୩୯ ।
ବଢ଼ାଇ ବିଳାସେ ବଲ୍ଲରୀ ବନକେ,
ମାଡ଼ିବାକୁ ସାହା ନ ରଖି ଅନ୍ତକେ । ୪୦ ।
ଖାଲି ମୂଳେ ମାଳି ସିଞ୍ଚୁଥିଲେ ଜଳ,
ହେବ କି ସେ ଲତା ଜୀବନ ସଫଳ । ୪୧ ।
ସେହି ଲତା ପରି ତରୁଣୀ ବନିତା,
ଗୃହୀଁ ଗୃହଆଡ଼େ ମନେ ଅନାଶ୍ରିତା । ୪୨ ।
ଯେବେ ସେ ଗୃହୀଁଲେ ଦିଶେ ମହାଶୂନ୍ୟ,
ବିଷାଦେ ନିଜକୁ ବିଚାରଇ ଘୃଣ୍ୟ । ୪୩ ।
ଗଡ଼ି ପଡ଼ି ତଳେ ବଲ୍ଲୀ ନିରାଶ୍ରୟ,
ମରଇ ମରଣେ ମହା ଶାନ୍ତିମୟ । ୪୪ ।
କି ଲେଖିବ ଆଉ ଅବୋଧ ବାଳିକା,
ତବ ସ୍ନେହ ଭିକ୍ଷା କରେ ଏ ସେବିକା । ୪୫ ।
ବୁଝି ଯେହ୍ନୁ ଲକ୍ଷ ଲକ୍ଷ ଜନମନ,
କରନ୍ତି ବ୍ୟବସ୍ଥା ଯାହାକୁ ଯେସନ । ୪୬ ।
ସେ କି ନ ବୁଝିବେ କନ୍ୟାର ହୃଦୟ,
ଯାହା ପ୍ରତି ସେହ୍ନୁ ଚିର ଦୟାମୟ । ୪୭ ।

Digitized by srujanika@gmail.com

ନ କରୁ ବିଧାତା, ଯଦି ମନ୍ଦ ଭାଗ୍ୟ
ବଳେ ନ ମିଳଇ ପିତା ଅନୁରାଗ । ୪୮ ।
ଜାଣିବି ତେବେ ତ ଏ ଅଭାଗୀ ପାଇଁ,
ଏ ସଂସାରେ ସ୍ଥାନ କାହିଁ ହେଲେ ନାହିଁ । ୪୯ ।
ନାହିଁ ପ୍ରୟୋଜନ ଏ ଜୀବନ ବହି,
ଆସିଛି ଯେଉଁଠୁ ଗୁଳିଯିବି ତହିଁ । ୫୦ ।
କରିଅଛ ସ୍ନେହ ଏତେ କରି ପିତଃ,
ସହିଅଛ କେତେ ଦୁଃଖ ମୋ ନିମିତ୍ତ । ୫୧ ।
ପିଲା କାଳୁ ଯେବେ ମାଗିଛି ମୁଁ ଯାହା,
କରିଛ ପୂରଣ ଅକାତରେ ତାହା । ୫୨ ।
ଏ ଜୀବନେ ମାତ୍ର ଗୋଟିଏ ମାଗୁଣି,
ଅଛି ମୋର ଆଉ ନାହିଁ କିଛି ପୁଣି । ୫୩ ।
ନ ହେବ କି ପୋନା ସେତିକ ସୁତାର,
ହୋଇଯିବ ଶୁଷ୍କ ସ୍ନେହ-ପାରାବାର । ୫୪ ।
ସେ ମାଗୁଣି କ'ଣ ଜାଣେ ମୁହିଁ ଯେଣୁ,
ନ ହୁଏ ଭରସା ନିବେଦନେ ତେଣୁ । ୫୫ ।
ନ ଲେଖି ତଥାପି ନାହିଁ ମୋ ଉପାୟ,
ଏ ଲିଖନେ ଖୋଲି ମନ ଅଭିପ୍ରାୟ । ୫୬ ।
ନ କରିବ ରାଗ ଶୁଣି ମୋ ମିନତି,
ମୁଁ ପରା ତୁମର ଅଧମ ସନ୍ତତି । ୫୭ ।
ପଢ଼ୁ ପଢ଼ୁ ପତ୍ର ନ ହେବ ଅଧୀର,
ନ ଭାବିବ ମୋତେ ଉନ୍ମତ୍ତ ଅସ୍ଥିର । ୫୮ ।
ପତ୍ରର ମନକୁ ବହୁ ଚିନ୍ତା କରି,
ଥୋଉଛି ମାଗୁଣି ଚରଣେ ତୁମରି । ୫୯ ।

Digitized by srujanika@gmail.com

ସୁବର୍ଣ୍ଣ କେଶରୀ

ପହୁଞ୍ଚି ପଶ୍ଚିମେ ସୁଦ୍ଧା ଭାବୁଥିଲ ମନେ,
ମଧ୍ୟାହ୍ନ ଆଲୋକ ଯାକ ରଖିବ ଅକ୍ଷୁଣ୍ଣ,
ଭୁବନବ୍ୟାପୀ ନିଜ ପ୍ରତାପ ଉତ୍ତାପ,
ରଖିଥିବ ଝଲସାଇ ଚରାଚର ଚକ୍ଷୁ ।
ଭାଙ୍ଗିଗଲା ଅହୋ ସ୍ୱପ୍ନ ନିମିଷକେ ସବୁ,
ନିଷ୍ଠୁର ନିର୍ଦ୍ଦେଶ ପଢ଼ି ସନ୍ଧ୍ୟାରେ ଲିଖିତ ।
ହେଉପଛେ ଦୁଃଖଦାୟୀ ନିନ୍ଦକା ଚିଟାଉ,
ବାଜୁପଛେ ଛୁରୀପରି କୋମଳ ହୃଦୟେ,
କରନ୍ତୁ ସେ ଆବରଣ-ଘନ ଉନ୍ମୋଚନ,
ଅବରୋଧି ବୁଦ୍ଧି ମୋର ଘେରିଥିଲା ଯାହା !!
ହେଉ ଯେତେ ମହାଯଶା ବୀର ଶକ୍ତିଶାଳୀ,
ଦିନେ ହେଲେ ଯିବ ଶୂନ୍ୟ କାଳର ଇଙ୍ଗିତେ !!
ଭୁଲିଗଲି କି କୁହୁକେ ବିଦିତ ଏ ସତ୍ୟ,
ମାତିଲି ପାଗଳ ପରି ନିଷ୍ଠୁର ଲଙ୍ଘନେ !!!
ଦିଶଇ ଅଧୁନା ଆଗେ ଅତି ସ୍ପଷ୍ଟ ଦୃଶ୍ୟ,
ବିକ୍ଷୋଭିତ ବୀଚିମୟ କରାଳ ସାଗର,
ତରଙ୍ଗ ଗର୍ଜନ ଭେଦି ମାରୁଛି କୁହାଟ,
ସିନ୍ଧୁର ସେପାରେ କିଏ ମୋତେ ଉପଲକ୍ଷି,
ସରିଲା ସଂସାର କାମ ବାହୁଡ଼ ଏଥର,
ଯାଉଛି ତରଣୀ ହୋଇ ରହିଥାଅ ସଜ,
ଶୁଣି ବାଣୀ ସାବଧାନ ହୁଏ ଛନ୍ନଛନ୍ନ,
ଘାରିଯାଏ କାତରତା ଦୁର୍ବଳ ପରାଣେ ।

Digitized by srujanika@gmail.com

ଖାଲି ମୁଁ ସରିଲି ନୁହେଁ ଏତିକି କେବଳ,
ସରିଗଲା ମୋହ ସଙ୍ଗେ କେଶରୀ ସାତତ୍ୟ,
ଯେ ବଂଶେ ଯଯାତି ବୀର ଲଲାଟ ମର୍କତ,
କୀର୍ତ୍ତିବଳେ ଅମରଙ୍କ ମେଳେ ଲଭି ସ୍ଥାନ,
ସାଗର-ସେବିତ ପୁଣ୍ୟ ଉତ୍କଳ ଭୂମିରେ,
ତୋଳିଥିଲେ କେଶରୀର ଜୟବୈଜୟନ୍ତୀ,
ସେଇ ବଂଶ ପାଇଯିବ ଧରାପୃଷ୍ଠୁଁ ଲୋପ,
ଅନ୍ତ ତା'ର ବଂଶଧର ରହିବ କେବଳ ।
ପରମ୍ପରା କ୍ରମେ ଜାଣି ଅଜ୍ଞାତ ବୃତ୍ତାନ୍ତ,
ଲୋକମୁଖେ ଶୁଣି ଅବା ପଢ଼ି ଇତିହାସେ,
କହିବ ଆପୃତ୍ତି, ଊର୍ଦ୍ଧ କେଶରୀ ରାଜତ୍ୱ,
'ଅକର୍ମା' ରାଜାରେ ଏକ ହୋଇଗଲା ଶେଷ ।
ଅନ୍ୟଥା ଅକୀର୍ତ୍ତିମୟ ଏ ହୀନ ଜୀବନ,
ସେହି ଭାବେ ହେବ ସିନା ଲୋକରେ ବନ୍ଦିତ ! !
ବୁଡ଼ିଗଲା ଲୋକ ଯଥା କୁଟା କେରାକକୁ,
ଧରିବାକୁ ଯାଏ ମଣି ଉଦ୍ଧାର-ନଉକା,
ମଣୁଥିଲି ତଥା ସୁତା ନନ୍ଦିକା ଭରସା,
କେବଳ ମୋହରି ନୁହେଁ କେଶରୀକୁଳର ।
ଜାଣିଥିଲି କନ୍ୟା ସେହୁ ନୁହେଁ ତ କୁମର,
ଅବଶେଷେ କୁଳାନ୍ତର କରିବ ଆଶ୍ରୟ,
ତଥାପି ନିର୍ମାଣୁଥିଲି ଆଶା ଅଟ୍ଟାଳିକା,
ଅକର୍ମା ଗଢ଼ଇ ଯଥା ଆକାଶ ପ୍ରାସାଦ ।
ଭୁଲି ଗଲି ସିନା ନିଜ ସନ୍ତୋଷ ସକାଶେ,
ବୁଝିବାକୁ ମାତୃହୀନା କନ୍ୟାଟିର ମନ,

Digitized by srujanika@gmail.com

ନ ପାରି ସମ୍ଭାଳି ନିଜେ ସ୍ୱଭାବ-ସରଳେ
କହିଲି ଅଗତ୍ୟା ଛାଡ଼ି ସମସ୍ତ ସଂକୋଚ ।
ରାଜାରୂପେ ଅସିଦ୍ଧି ମୋ ଘୋଷେ ସାରା ରାଜ୍ୟ,
ଅଶାନ୍ତ ଇଙ୍ଗିତେ ତାକୁ ବାହାର ବଇରୀ ।
ମନୁଷ୍ୟ ହିସାବେ ବ୍ୟର୍ଥ ହେଲି ଏ ଜୀବନ,
ନ ରଖିଲି କୀର୍ତ୍ତି ଯେଣୁ ଥିଲେହେଁ ସୁଯୋଗ ।
ହେଲି ପ୍ରତିପନ୍ନ ମୋର ଚରମ ବ୍ୟର୍ଥତା,
ପିତା ରୂପେ ଏକମାତ୍ର କନ୍ୟାର ନିକଟେ ।
ବହୁଗୁଣ ରୂପବତୀ ଏକମାତ୍ର କନ୍ୟା,
ମାତୃହୀନା ନ୍ୟସ୍ତ ତା'ର ଜନକ ଆଶ୍ରୟେ,
ଲାଳନ ପାଳନ ତଥା ବିକାଶ ସକାଶେ,
ଦେଲି ତାକୁ ବଳି ନିଜ ଚିତ୍ତ ପ୍ରସାଦନେ ।
ଅବଗ୍ରହେ ହୋଇ ତୃଷୀ ଅନନ୍ୟଉପାୟ,
ଦୁରାଶାରେ ମାତି ଯଥା ପଲ୍ଲବ ଶୁଖାଇ,
ବେଗେ ଶସ୍ୟନାଶ ସଙ୍ଗେ ପାମୀଯ୍ୱ ଅଭାବ
ଅପୁତ୍ରକ ତଥା ମୋର କନ୍ୟାର ନିଗ୍ରହ ।
ଜଳେ ମୀନ ଭଳି ପ୍ରେମେ ହୋଇ ନିମଗନ,
ଯାପିଛୁ ମୁଁ ଦୀର୍ଘକାଳ ସଂସାରୀ ଜୀବନ,
ପ୍ରେମର ଜୀବନ୍ତ ମୂର୍ତ୍ତି ମୋ ପ୍ରିୟା ସହିତେ,
ରହିଛି ଅଦ୍ୟାପି ଆର୍ଦ୍ର ଯା ବିରହକ୍ଷତ,
ମଣିନାହିଁ ହିନେ ହେଲେ ଯେହୁ ଅପରାଧୀ,
ପ୍ରେମର ବିଗ୍ରହରେ ଏହି ପ୍ରବୀଣ ପ୍ରେମିକେ,
ନ ବୁଝେ ସେ ଲତା ତରୁ ଉପଧ୍ନ ବ୍ୟାପାର
କହିବାକୁ ହେଲି ଶେଷେ କନ୍ୟାକୁ ସେ କଥା !!!

Digitized by srujanika@gmail.com

ଯେଣେ ଗୃହେଁ ବିଫଳତା ଦେଖେ ଗୃହଆଡ଼େ,
ଅପକର୍ଷ ଲେଖା ଯେହ୍ନେ ସୁବର୍ଣ୍ଣ ଲଲାଟେ ।
ପତନେ ଯେ ରାଜ୍ୟ ଗଢ଼ା ଉପବନ ସମ,
ଧୂଆ ହୋଇ ଚକ୍ର ବନ୍ଧୁ ପୂର୍ବପୁରୁଷଙ୍କ,
ବହ୍ନି ଝଞ୍ଜା ବିଦ୍ରୋହର ଯାଏ ସେ ଉଜୁଡ଼ି
ଆଖି ଆଗେ ନିରୁଦ୍ୟମ ଦେଖେ ବସି ମୁହିଁ,
ନ୍ୟସ୍ତ କରି ସବୁ ଭାର ଅବଳା ଜଣେକୁ
ଅଯୋଗ୍ୟତା ନିଦର୍ଶନ ଅଛି କି ଅଧିକ ?
ଧଶୁଛି ଅଦୂରେ ମୁଖ ବ୍ୟାଦାନି ବିଧ୍ୱଂସ,
ମାଡ଼ିଆସେ ଗ୍ରାସିବାକୁ କେଶରୀ ପ୍ରତିଷ୍ଠା
ଅଛି କି ଉପାୟ କିଛି ପ୍ରତିବିଧାନର ?
ଖୋଜି ତ ନ ପାଏ କିଛି ଅବସନ୍ନ ମନେ
ଲଳନାର ଶିକ୍ଷା ଦେଇ ନନ୍ଦିକାକୁ ଆଗେ
କରିଥାନ୍ତି ଯେବେ ଯୋଗ୍ୟ ପାତ୍ରେ ସମର୍ପଣ
ହୋଇଥାନ୍ତା ଏ ସମୟେ ଜାମାତା ସହାୟ,
ରଖିଥାନ୍ତେ ମାତୃବଂଶ ପ୍ରତିଷ୍ଠା ଦୌହିତ୍ରେ ।
କରିଛି ସେ ଦ୍ୱାର ବନ୍ଦ କୃତ୍ରିମ ଆଗ୍ରହେ
ଅସହାୟ ଅଧୁନା ମୁଁ ନିଭୃତ ଆଳୟେ ।
ପୂର୍ବଜଙ୍କ ପୁଣ୍ୟ ଶେଷ ହେବାରୁ ଦୁହିତା,
ଶତ୍ରୁ ହସ୍ତେ ରାଜ୍ୟ ଦାନ କରିଛି ପ୍ରାର୍ଥନା ।
ଶୁଣିବାକୁ ବଞ୍ଚିଥିଲି, ବଞ୍ଚିଛି ତା' ଶୁଣି
ଏହାନ୍ତିଁ ଚରମ ଏହି ଅଭାଗା ଜୀବନେ ।
ନ ପାରିବ ଲଙ୍ଘି ଲଜ୍ଜା ଏ ସୀମା କଦାପି,
ନିମ୍ନତମ ତଳ ଏହି କଳଙ୍କ ପାତାଳେ ।

Digitized by srujanika@gmail.com

ପରାଜିତ ଶତ୍ରୁ ସୈନ୍ୟ ବଢ଼ାଇ ବିକ୍ରମ
ଭେଦିବ ଏ ସୁଦୃଢ଼ କୋଷ୍ଠ କରି ଭସ୍ମସାତ୍,
ଉଲଗ୍ନ କୃପାଣ କରେ ଉଗ୍ର ହୋଇ ଆଗେ
କଲେ ଦାବୀ ଅଧୀନତା ମୃତ୍ୟୁର ବିକଳ୍ପେ
ମଣିବି ମୁଁ ଶ୍ରେୟସ୍କର ଅରିହସ୍ତେ ମୃତ୍ୟୁ,
ସମ୍ଭାବିତ ଦୁର୍ବଳର ସେହି ପ୍ରାୟଶ୍ଚିତ୍ତ ।
ଯେତେ କାଳ ସ୍ପନ୍ଦଶୂନ୍ୟ ନୁହେଁ ଏ ହୃଦୟ
ହେଲେ ହେଁ ଦୁର୍ବଳ ଅସି ଉଠାଇ ବିକ୍ରମେ;
ଲଢ଼ିବି ମୁଁ ଅରି ସଙ୍ଗେ, ଉପେକ୍ଷି ତା' ସ୍ପର୍ଦ୍ଧା,
ଫିଙ୍ଗିବି ସୃଣିକା ପରି ତା' ଉପରେ ପ୍ରାଣ,
ଅସମ୍ଭବ ନିମନ୍ତ୍ରଣ ବିଦ୍ରୋହୀ ଚୂଡ଼ଙ୍ଗେ,
ନିଃସନ୍ଦେହେ ଉନ୍ମାଦିନୀ ନନ୍ଦିକା ଅବଳା ।

× × × ×

× × × ×

ଏ କ'ଣ ? ମର୍ମ୍ମର ବାଣୀ ଶୁଭୁଛି କୁଆଡ଼ୁ
କହେ କିଏ କର୍ଣ୍ଣେ ଜପ କଥା କେଉଁଦିଗେ ?
ଶୁଣେ ଧ୍ୱନି ବାରମ୍ବାର, ଅଦ୍ଭୁତ ବ୍ୟାପାର ।
ବାହାରର ନୁହେଁ ଏତ ଅନ୍ତରୁ ବାହାର ।
"ସ୍ଥବିରର ଦୃଢ଼ାଗ୍ରହ ହେବା ଅନ୍ତରାୟ,
ଅନ୍ୟାୟ କିଶୋରୀ କନ୍ୟା ବାଞ୍ଛା ସମ୍ପୂରଣେ" ।
ପହିଲେ ଏ କଥା ଧୀରେ ପୁଣି ଉଚ୍ଚସ୍ୱରେ,
ଉଠି ମୋ' ଅନ୍ତରେ କରେ ପରାଣ ଅସ୍ଥିର ।
ଦେଖେଁ ଏ କି ଅଭିନୟ ଚିନ୍ତା-ରଙ୍ଗମଞ୍ଚେ,
ଦହିଯାଏ ଚିତ୍ତ ମୋର ଥରିଉଠେ ଦେହ ।

Digitized by srujanika@gmail.com

ମ୍ଲାନମୁଖେ ଏକପାର୍ଶ୍ୱେ କନ୍ୟା ମୋର ଊଭା,
କରୁଣ ନୟନେ କରେ ମୂକ ନିବେଦନ,
ଯୌବନ ତାହାର ଯେହ୍ନେ ହୋଇ ବୁଭୁକ୍ଷିତ,
ଭିଖାରି ପରାଏ ହାତ ପତାଏ ବିକଳେ,
ନ ମାନି ଧିକ୍କାର କ୍ରୂର ନିଷ୍ଠୁର ଧମାର,
କପର୍ଦ୍ଦକ ପାଇଁ ଦିଏ ନିଜକୁ ଲୋଟାଇ ।
ଅପଟୀ କ୍ଷେପଣେ ଦୂରେ ଧୂମାଚ୍ଛନ୍ନ ଦିଗୁଁ,
ପହ୍ନିଲ ଅସ୍ପଷ୍ଟ ପୁଣି ସ୍ପଷ୍ଟ ଧୀରେ ଧୀରେ,
ଭାସି ଆସେ ସମୀରଣେ ନାରୀ ମୂର୍ତ୍ତିଟିଏ,
ନନ୍ଦିକାଜନନୀ ଏ ଯେ କ୍ରୁଦ୍ଧା ଉତ୍ତେଜିତା ।
ରହିଁ ଦେଇ ଦୁହିତାକୁ ଫେରାଇ ତା ଆଖି,
ଚାଲାଉଛି ଖର ପରି ମୋ ଆଡ଼େ ସରୋଷେ,
ନିକଟୁ ନିକଟତର ହୋଇ ସେ ମୂରତି,
ଠାରି କରି କହେ ସେହି ପରିଚିତ ସ୍ୱରେ :—

ନନ୍ଦିକା ଜନନୀ

"ଶେଷବେଳେ ଦୁରାଶାରେ ମାତି କାହିଁପାଇଁ,
"ଏକମାତ୍ର କନ୍ୟାଟିକୁ ସାଗରେ ଭସାଅ,
"ଅଛି ସିନା ଦାବି ତୁମ ତା'ଶରୀରେ କିଛି,
"ନାହିଁ ତୁମ ଅଧିକାର ତାହା ମନେ ଥିଲେ,
"ଲୋଡ଼ିବ ଯା' ମନ ତା'ର ଜୀବନ ବିକାଶେ,
ନାହିଁ ତୁମ ଅଧିକାର ସେଥି ହସ୍ତକ୍ଷେପେ,
"ନିଜର ମହତ ରଖି ନ ଘଟାଅ ବାଧା,
"କନ୍ୟାର ଜୀବନ ହେଉ ସୁଖ ସୁଧାମୟ ।

Digitized by srujanika@gmail.com

"ଭଲ ହେଉ ମନ୍ଦ ହେଉ ସେହି ତ ସର୍ବସ୍ୱ,
"ଜଗତେ ନାହିଁ ତ ଆନ ଆପଣାର ବୋଲି ।
"ହୋଇଥାନ୍ତା ଯେବେ ପୁତ୍ର ନ ହୋଇ ସେ କନ୍ୟା,
"ହୁଅନ୍ତା ତ ଅଧିକାରୀ ତୁମ ସାମ୍ରାଜ୍ୟର,
"ରକ୍ଷା ବା ବିନାଶ ଯାହା କରନ୍ତା ସେହି ତ,
"ମୃତ୍ୟୁର ଏ ପାରେ ରହି ଦେଖନ୍ତ ଯା' ଦୃଶ୍ୟ ।
"ଭୁଲି ଭୁଲି ଅତୀତକୁ ଅଶ୍ରୁ ବିମୋଚନ,
"ଅଥବା ଆସକ୍ତ ଅତି ଭବିଷ୍ୟତ ପ୍ରତି,
"ବର୍ଜ୍ଜନୀୟ ଦୁଇ ଏହି ମନୁଷ୍ୟ ପକ୍ଷରେ,
"କର୍ତ୍ତବ୍ୟ କେବଳ ବର୍ତ୍ତମାନର ବିଚାର,
"ହେଲଣି ଅତୀତ ଆସି ସମସ୍ତ ଜୀବନ,
"ମାଡ଼ିଆସେ ମହାଶୂନ୍ୟ ଭବିଷ୍ୟତ ବେଗେ,
"ଗ୍ରାସ କରି ଯାହା କିଛି ରହିଛି ସାମ୍ପ୍ରତ,
"ନିରର୍ଥକ ରାଜ୍ୟ, ବଂଶଚିନ୍ତା ଏତେବେଳେ ।
"ନୁହେଁ ଚିର ରାଜ୍ୟ ଯଶ ବଂଶର ଗରିମା,
"କାଳର ପ୍ରଭାବେ ଦିନେ ହେବ ସବୁ ଲୀନ,
"ବିସ୍ମୃତି ଗରଭେ ଯଥା ସାଗରେ ବୁଦ୍ ବୁଦ୍,
"ଶତ ବା ସହସ୍ର ବର୍ଷ ସମ୍ପୁ ସୂଚନା,
"ଅସଂଖ୍ୟ ସହସ୍ର ବର୍ଷୁ ସୃଜନ ଆରମ୍ଭୁ,
"ବହୁ ଜାତି ବହୁ ବଂଶ ଅନେକ ସଭ୍ୟତା,
"ଜକ ଜକ ହୋଇ କ୍ଷଣେ ଜ୍ୟୋତିରଙ୍ଗ ପରି,
"ଯାଇଛି ଉଭାଇ ଘନ ବିସ୍ମୃତି ତିମିରେ,
"କେଶରୀ ଖଦ୍ୟୋତଜ୍ୟୋତି ସେହିପରି ଦିନେ
"ମିଶିଯିବ ବିସ୍ମରଣେ କି ଅଛି ବିସ୍ମୟ !

Digitized by srujanika@gmail.com

"ଶତ ଚିନ୍ତା ଶତ ଚେଷ୍ଟା ନ ପାରିବ ରଖି,
"କୌଣସି ପ୍ରତିଷ୍ଠା ଚିର ନଶ୍ୱର ସଂସାରେ,
"ଗୁଡ଼ ତେଣୁ ଅବାନ୍ତର ନିରର୍ଥକ ଚିନ୍ତା,
"ଗୃହେଁ ଥରେ କନ୍ୟା ଆଚ୍ଛେ, ସେ ପର ଆତ୍ମଜା ।
"ଜୀବନ ପ୍ରଭାତେ ସେହି କମଳ କଳିକା,
"ଉତ୍ଫୁଲ୍ଲ ନୟନ ମେଲି ଦୋହଲି ସମୀରେ,
"ଆଶାରେ ଅନ୍ତର ଭରି ଗୃହେଁଛି ଗଗନେ,
"ସବୁ ନିତ୍ୟ ସୁଖମୟ ମନେ ହୁଏ ତାକୁ ।
"କପାଇଁ କରିବ ତାକୁ ବଞ୍ଚିତ ସୁଖରୁ
"ଭାଙ୍ଗିଦେଇ ଅକାରଣେ ତା' ମଧୁର ସ୍ୱପ୍ନ ?
"ଗୁଡ଼ିଦିଅ, କରୁ ଭୋଗ ସମସ୍ତ ଦିବସ,
"ଯେପରି ତା' ଇଚ୍ଛା, ହେଉ ଜୀବନ ସାର୍ଥକ ।
"ନିଜେ ତୁମେ କ୍ଷାନ୍ତ ହୋଇ ସଂସାର ଚିନ୍ତାରୁ,
"ଖୋଜ ସେ ଆନନ୍ଦ ଯାହା ନୁହେଁ କ୍ଷଣସ୍ଥାୟୀ ।
"ବଳାତ୍କାରେ କାଳ ଆସି ଭିଡ଼ିନେବା ଆଗୁ,
"ସଜ ହୋଇ ରହ ନିଜେ ଭେଟିବାକୁ ତାକୁ,
"ଜୀବନ ମରଣ ମଣି ଦୁଇପାର୍ଶ୍ୱ ମାତ୍ର,
"ଅନନ୍ତ ସତ୍ତାର, ଯାହା ଚିରାନନ୍ଦମୟ ।

ସୁବର୍ଣ୍ଣକେଶରୀ

ଶୁଣୁ ଶୁଣୁ ପ୍ରେୟସୀର ସ୍ନେହ ଉପାଳମ୍ଭ,
ଯାଉଥିଲା ବୁଝି ମନ ସରସ ଯୁକ୍ତିରେ,
ଦେଖାଗଲା କର୍ତ୍ତବ୍ୟର ସରଳ ସରଣୀ,
ଗହନ ଅରଣ୍ୟମୟ ଚିନ୍ତାର ସଂକ୍ଷୋଭେ ।

Digitized by srujanika@gmail.com

ହେଲା କିନ୍ତୁ ଅନ୍ତର୍ହିତ ସେ କରୁଣ ଦୃଶ୍ୟ,
ମାନସର ଅଭିମାନଭରା ସେ ରୂପଶ୍ରୀ ।
ଗଲାଚାଲି, କେଣେ ଗଲା ଉଭାଇ ପ୍ରେୟସୀ,
ଚାହୁଁ ଚାହୁଁ ଲିଭିଗଲା ଇନ୍ଦ୍ରଜାଲ ପରି ।
ସୁଦୀର୍ଘ ବିରହ ବ୍ୟଥା ନ ପାରି ସମ୍ଭାଳି,
ଆସିଥିଲା କରିବାକୁ କିବା ନିମନ୍ତ୍ରଣ
ସେହି ଲୋକେ, ଯହିଁ ନାହିଁ ଅଶାନ୍ତ ଉଦ୍‌ବେଗ,
ଅଶରୀର ପ୍ରେମମୟ ମିଳନ ସକାଶ ?
ସୁକୁମାରୀ ନନ୍ଦିକାର କାତର ମାଗୁଣି,
ନ ହେବ ସ୍ୱୀକୃତ କାଳେ ଏହି ଆଶଙ୍କାରେ,
ଆସିଥିଲା ତେଜି ଅବା ଅମର ନିବାସ,
ସନ୍ତାନବତ୍ସଳା ମାତା ସନ୍ତାନ କଲ୍ୟାଣେ ।
ଆଦର ଉର୍ବର ଭୂମେ ଆଶୈଶବୁଁ ବଢ଼ି,
ସ୍ନେହର ଶ୍ରାବଣଧାରା ଭୋଗି ମୋ ନନ୍ଦିନୀ
ହେବ କି ସେ ଶେଷେ ଶୀର୍ଣ୍ଣ ଧାନ୍ୟ ଶସ୍ୟ ଭଳି,
ଶରତ ଆସାର ବିନା ଦୈବଦୁର୍ବିପାକେ ?
କରିବ ଜୀବନେ ସାଙ୍ଗ କାତରେ ବରାକୀ,
ନିଷ୍ଠୁର ଜନକ ସ୍ନେହ ଅଭାବ ହେତୁରୁ ।
ନ ଦେବ ଘଟାଇ ତାହା ଥାଉଁ ଏ ଜୀବନ,
ରଖିବ କନ୍ୟାର କଥା ଆମନ୍ତ୍ରି ଚୂଡ଼ଙ୍ଗେ ।
ସରିଗଲା ଏ ଜୀବନ କାମନାକ ମୋର,
ନାହିଁ କିଛି କରିବାର ଆଉ ଏ ସଂସାରେ,
ସୁଖର ଜୁଆରେ ତଥା ଦୁଃଖର ଭଟ୍ଟାରେ,
ଅସହାୟ ତୃଣପରି ହୋଇ ଇତସ୍ତତଃ,

Digitized by srujanika@gmail.com

ସମସ୍ତ ଜୀବନ କ୍ଳାନ୍ତ ନେଉଛ ବିଶ୍ରାମ
ଶାନ୍ତର ପରମାନନ୍ଦ ଆସ୍ୱାଦନ ପାଇଁ ।
କରି ପୂର୍ଣ୍ଣ ଅଭିଳାଷ କନ୍ୟା ନନ୍ଦିକାର
ଆଚରିବି ବାନପ୍ରସ୍ଥ ଶାନ୍ତ ଅନ୍ୱେଷଣେ ।

ନନ୍ଦିକା ଓ ଚୂଡ଼ଙ୍ଗ

ଚୂଡ଼ଙ୍ଗ :—

ପ୍ରିୟତମେ,
          ପୂରିଛି ବାସନା ମମ ଆଜ ଅବଶେଷେ,
ମିଳିଛି ଦର୍ଶନ ପୁଣି ସେ ଗୁରୁଦେବର,
ସୁକଠିନ ବାରବାଣ ଭେଦି ଯାର ବାଣ,
କରିଲା ଶିଥିଳ ସ୍ନାୟୁ ସମସ୍ତ ହୃଦର
ରକ୍ତାକ୍ତ ସମରାଙ୍ଗନେ ଅକାଳେ ସେଦିନ,
ନ ପାରି ସମ୍ଭାଳି ରଣୁଁ କଲି ପଳାୟନ ।
ସେହିଦିନୁ ଚିତ୍ତାକାଶେ ତବ ସୁନ୍ଦରିମା,
ଊଷାର ଅରୁଣ ଛବି ଆଙ୍କେ ସନାତନ,
ମିଳନ ଆଲୋକ ପାଇଁ ନିର୍ମାଣିଲା କ୍ଷେତ୍ର,
ଅନ୍ଧାର କଠିନ ହୃଦେ ଫାଟିଗଲା ପଥ ।
ସେହିଦିନୁ ରାଜସୁତା ! ତୁମେ କି ସର୍ବସ୍ୱ,
ଏକଛତ୍ର ଅଧୀଶ୍ୱରୀ ହୃଦୟ-ରାଜ୍ୟର ।
ଝଳ ଝଳ ତବ ରୂପ ଦିବସ ରଜନୀ,
ମଣିଛି ସମାନ ନିଦ୍ରା ସ୍ୱପ୍ନ ଜାଗରଣ,
ଆହାର ବା ଅନଶନ ସକଳ ଅବସ୍ଥା,
ନୟନ ଦୁଇଟି ଖାଲି ନାଚୁଥାଏ ମନେ ।

Digitized by srujanika@gmail.com

ତବ ବିନା ନିରର୍ଥକ ନୀରସ ଜୀବନ—
ଧାରଣ ଅଯୋଗ୍ୟ ବୋଲି ଭାବୁଥିଲି ମନେ
ମିଳିଲା ଏକାଳେ ବାର୍ତ୍ତା ତବ ଜନକଙ୍କ,
ଜଳଦ ପ୍ରେଷିତ ଯେହ୍ନେ ତୃଷାର୍ତ୍ତ ଚାତକେ,
ଭାବିଲି ମୁଁ ଭାଗ୍ୟବାନ ଯେଣୁ ଶଶଧର,
ଧରିବାଏ ବାମନକୁ ଓହ୍ଲାଇ ଆକାଶୁ ।
ବହୁ କୀର୍ତ୍ତିଶାଳୀ ପୁଣ୍ୟ କେଶରୀ କୁଳର
ଖ୍ୟାତନାମା ସୁବର୍ଣ୍ଣଙ୍କ ଆଦରିଣୀ ସୁତା;
ପାଇବ ସଙ୍ଗିନୀ ରୂପେ ଥିଲା ଏ ସ୍ୱପନ,
ସତ୍ୟ ହେଲା ଅବଶେଷେ ବିଧାତା ନିର୍ଦ୍ଦେଶେ,
ଅନୁଗ୍ରହପ୍ରାର୍ଥୀ ହୋଇ ସମ୍ରାଟ ନନ୍ଦିନୀ,
'ରାଜ୍ୟ ଚୋର' ଭିକ୍ଷା ଆଜି ହୃଦ-ଦସ୍ୟୁ ପାଶେ ।

ନନ୍ଦିକା :—ସେତିକ ସେତିକ, ରଖ ପ୍ରଗଲ୍ଭ ବଚନ,
ଅଜଣା ବାଳିକା ପ୍ରତି ଅସଙ୍ଗତ ତାହା ।
ବିଶାରଦା ରଣେ ରାଜ ଅଲ୍ୟଲ ନନ୍ଦିକା,
ଗରବିଣୀ ପିତା ଯଶେ ବଂଶର ଗୌରବେ,
ଦେଖିଛି ଯେ ଦିନ ତବ ସୁନ୍ଦର ମୂରତି
ସେହିଦିନ ସେ ମୁହୂର୍ତ୍ତେ ମରିଯାଇଛି ସେ ।
ସେ ମରଣେ ଯାଇଛି ତା' ସମର କୌଶଳ,
ଆଭିଜାତ୍ୟ ଅହଂକାର ଶୈଶବୁଁ ପୋଷିତ ।
କରିଛି ସେ ଆତ୍ମହତ୍ୟା ରଣ-ବିଜୟିନୀ,
ବୁଝିପାରି ଅନ୍ତରର ନାରୀ ଦୁର୍ବଳତା ।

Digitized by srujanika@gmail.com

ସାମାନ୍ୟ କୁମାରୀ ମୁହିଁ ନନ୍ଦିକା ଅଗ୍ରତେ,
ଯାହା ସଙ୍ଗେ ପ୍ରେମାଳାପ କରନ୍ତୁ ସମ୍ରାଟ ।
କାହିଁ ତୁମ୍ଭେ ଏକଛତ୍ର ରାଜା ଉତ୍କଳର,
କାହିଁ ଏହି ଅସହାୟା ସାମାନ୍ୟ ବାଳିକା ।
ରୂପେ ଗୁଣେ ସର୍ବଭାବେ ଜ୍ୟାୟସୀ ବଲ୍ଲଭା,
ସୁଲଭ ସମ୍ରାଟ ପକ୍ଷେ ବିଶେଷେ କୁମାର ।
ଏ ସାମାନ୍ୟ ବାଳା ପ୍ରତି କାହିଁକି ମମତା ?
ଅପାତ୍ରେ ଅଜାଡ଼ିଦିଅ ବହୁମୂଲ୍ୟ ଧନ ?
ରାଜାର ସଙ୍ଗିନୀ ହେବା ଯୋଗ୍ୟା ନୁହେଁ ମୁହିଁ,
ଜାଣେ ମୋ ମର୍ଯ୍ୟାଦା ତେଣୁ କରୁଛି ସଙ୍କୋଚ ।

ଚୂଡ଼ଙ୍ଗ :—ଶରଣ ପଶୁଛି ମାନ ପୂର୍ଣ୍ଣ ପରାଜୟ,
ଉତ୍କଳ-ସିଂହାସନ ସଙ୍ଗେ ସମ୍ମୁଖ ସମରେ
ପ୍ରକୃତ ଏ ଜନ ହୃଦେ ସାମ୍ରାଜ୍ୟ ଲାଳସା,
ପର୍ବତ ଶିଖରେ ପଦ୍ମ ପ୍ରକାଶ ସଦୃଶ ।
ଘାରିଥିଲା ଯେ ଉନ୍ମାଦ ଏତେକାଳ ମୋତେ,
ଛାଡ଼ି ସେ ଯାଇଛି ଯେବେ ଲଭି ପରାଭବ,
ଶୁଣିଲି ଭର୍ତ୍ସନା ମୋହ ଆଚରଣ ଯୋଗ୍ୟ,
'ରାଜ୍ୟଚୋର' ବୋଲି ତବ ଆରକ୍ତ ଅଧରୁ ।
ନ ରୁହେଁ ରାଜାର ସୁଖ, ସାମ୍ରାଜ୍ୟ ସମ୍ଭୋଗ,
ନ ଲାଗଇ ସୁଖ ମୋତେ ଯଶର ସୌରଭ ।
ଶୈଶବୁ ପୋଷିତ ଦୁଇ ଅଭିଳାଷଯାକ,
ସସ୍ନେହେ କରୁଛି ତବ ପଦେ ସମର୍ପଣ ।
ସେଦିନ ସମରାଙ୍ଗନେ ଖାଲି ଏ ଶରୀର,
ନୋହିଛି ବିଜିତ ତବ ବଳୋତ୍କର୍ଷ ଯୋଗେ,

Digitized by srujanika@gmail.com

ହୃଦ ମଧ୍ୟ ପରଭୃତ ତୁମର କଣ୍ଠାକ୍ଷେ,
ନ ପାରି ପଳାଇ ହେଲା ବନ୍ଦୀ ତୁମ୍ଭଠାରେ ।
ହୃଦୟବିହୀନ ଦେହେ ଏତେ ଦିନ କାଳ;
କାଟିଛି କି କ୍ଲେଶେ ତାହା ନ ପାରିବି କହି ।
ପାଇଲି ସନ୍ଦେଶ ଯେବେ ଆରାଧ୍ୟ ରାଜାଙ୍କ,
ଭାବିଲି ହୃଦୟ ସହ ମିଳିବ ଶରୀର ।
ଆଣି ନାହିଁ ଏଥି ମୋତେ ରାଜ୍ୟର ଲାଳସା,
ରାଜଦଣ୍ଡେ ନାହିଁ ମୋର ତିଳେ ଅଭିଳାଷ ।
ମଣେ ମୁହିଁ ତବ ସହ ଦରିଦ୍ରତା ଶ୍ରେୟ,
ତବ ବିନା ରାଜ୍ୟେ ଦେଇ ଜଳାଞ୍ଜଳି ମୁହିଁ
ଜପି ଜପି ତବ ନାମ ଧ୍ୟାୟି ତବ ରୂପ,
ଲଭିବି ସନ୍ତୋଷ ମୁହିଁ ପ୍ରାୟୋପବେଶନେ ।
ଜାଣେ ମୁଁ ଅଯୋଗ୍ୟ ତବ, ଅଧମ ଇତର,
ଘଟି ନାହିଁ ସୁସଂସ୍କାର ସୌଭାଗ୍ୟେ ଯାହାର,
ତଥାପି ଗୃହେଁ ଏ ପ୍ରାଣ ନନ୍ଦିକା କେବଳ,
ଅନ୍ୟଥା ଜଗତ ଶୂନ୍ୟ, ଜୀବନ ବ୍ୟର୍ଥ ।
ନନ୍ଦିକା :— କରେ ପୁଣି ଅନୁରୋଧ ସାମାନ୍ୟ ବାଳିକା,
ଭାବ ପୁଣି ଭଲ କରି ଉତ୍କଳ ସମ୍ରାଟ !
କିପାଇଁ ବଳାଅ ସ୍ନେହ ସାମାନ୍ୟ ବାଳାଟି,
ମାତୃହୀନା, ପିତା ତା'ର ସଂସାର-ବୈରାଗୀ ?
ହେଲେ ହେଁ ଅଭାଗୀ ତା'ର ଅଭିମାନ ଅଛି,
ଗୃହିଁବ ସେ ହେବାପାଇଁ ତୁମ୍ଭ ସମକକ୍ଷ,
କରିବାକୁ ସମର୍ପଣ ନିଜକୁ ତୁମ୍ଭଠି
ଗୃହିଁବ ସେ ତାହାଠାରେ ତୁମର ଉତ୍ସର୍ଗ,

Digitized by srujanika@gmail.com

କେବଳ କଥାରେ ନୁହେଁ, ସମସ୍ତ କାର୍ଯ୍ୟରେ
ପାରିବ କି କରି ତାହା ପ୍ରେମିକ ଯୁବକ ?

ଚୂଡ଼ାଙ୍ଗ:—ସାମାନ୍ୟ ମୁଁ ନରଲବ୍ଧ ବାଭବ-ଉଦ୍ଧତ,
କରିବ ଉପେକ୍ଷା କାଳେ ପ୍ରଥମ ପ୍ରଣୟେ,
ଅବା ହେବ ଭୋଗାସକ୍ତ ଇନ୍ଦ୍ରିୟସେବକ
ରମଣୀ ମାନଙ୍କେ ମଣି ଉପଭୋଗ୍ୟ ବସ୍ତୁ,
ଉଚିତ ଏ ଶଙ୍କା ତବ ପବନ ହୃଦୟେ,
ନୋହିବ ନିରସ୍ତ ତାହା କଥାରେ କେବଳ ।
ଯେପରି ପରଖିବାକୁ ଚାହଁ ସୁବଦନୀ,
ସାଧିବାକୁ ଯେ ସାଧନା ଦେବ ଗୋ ନିର୍ଦ୍ଦେଶ,
ପ୍ରସ୍ତୁତ ସେ ପାଇଁ ତବ ପ୍ରେମର ପ୍ରୟାଶୀ,
ଲଗିବ ସେ ପ୍ରାଣପଣେ ଉତ୍ତୀର୍ଣ୍ଣ ହେବାକୁ ।
ସୁଖେ ଦୁଃଖେ ଜୀବନର ସମସ୍ତ ବ୍ୟାପାରେ
ସମଭାବେ ସାଥୀ ରୂପେ ପାଇଲେ ତୁମକୁ,
ପରିପୂର୍ଣ୍ଣ ହେବ ଏହି ଅର୍ଦ୍ଧାଙ୍ଗ ଜୀବନ
ଲଭିବ ସାତ୍ତ୍ୱିକ ଭାବ ଉଭୟଙ୍କ ପ୍ରେମ ।
ଦୁଇଟି ପ୍ରବାହ ପଥେ ପରସ୍ପରେ ମିଶି,
ଢାଳିଦେଇ ପରସ୍ପରେ ଉଭେ ନିଜ ସତ୍ତା,
ହସି ଖେଳି ମିଶିବେ ସେ ମହାନନ୍ଦ ସଙ୍ଗେ,
ତଟିନୀ ଜୀବନ ସହିଁ ସମ୍ପୂର୍ଣ୍ଣ ସାର୍ଥକ ।

Digitized by srujanika@gmail.com

କାମଦେବଙ୍କ ପ୍ରବେଶ

କାମଦେବ:—କୁମର, କୁମାରୀ,

ଭେଟାଇଛନ୍ତି ଉଭୟଙ୍କୁ ମହା ପରିଶ୍ରମେ,
ନିବାରିଛନ୍ତି ମହାଯୁଦ୍ଧ ନାମେ ନରହତ୍ୟା,
ହିଂସାର ରାକ୍ଷସୀ ମୂର୍ତ୍ତି ଲଭୁ ପରାଭବ,
ପ୍ରେମର କୋମଳ ପଦେ ନୁଆଁଇଛନ୍ତି ମଥା ।
ବିସ୍ମୃତ ଜୀବନ ତୁମ ଦୁହିଁଙ୍କ ସମକ୍ଷେ,
ପ୍ରେମର ସଂସାର ଗଢ଼, ଭବିଷ୍ୟତେ ଚାହିଁ ।
ଆଦିମ ତରୁଣ ସେହି ମୁହିଁ ଏକ କାଳେ,
ହୋଇଥିଲି ସ୍ଥାପୟିତା କେଶରୀ କୁଳର,
ସ୍ଥାପିଲି ଅଧୁନା ଏକ ନୂତନ ରାଜତ୍ୱ,
ହେଉ ତା' ଗୌରବମୟ ତୁମର ସୁକୃତେ,
ସରଳ ଦୁହିଁଙ୍କ ପ୍ରାଣେ ବହୁ ଓତଃପ୍ରୋତ,
ପ୍ରେମର ପ୍ରବାହ ସ୍ୱଚ୍ଛ ବହୁକାଳ ବ୍ୟାପି,
ଘେନ ମୋର ଆଶୀର୍ବାଦ ଯୁବକ ଯୁବତୀ,
ହେଉ ସୁକଲ୍ୟାଣମୟ ଦାମ୍ପତ୍ୟ ଜୀବନ ।

———

Digitized by srujanika@gmail.com

ଲଳିତା

Digitized by srujanika@gmail.com

ଲଳିତା ଓ କାମଦେବ

(ବସନ୍ତ ଶୋଭିତ ଅରଣ୍ୟ)

କାମଦେବ:— ଆନନ୍ଦେ ଅଧୀର୍ ଯହିଁ ସାରାବସୁନ୍ଧରା,
ସ୍ଥାବର ଜଙ୍ଗମ ସର୍ବେ ମତ୍ତ ମଧୁପର୍ବେ,
ବିଷଣ୍ଣ ବଦନ କମ୍ପା ତରୁଣୀ ତୁମ୍ଭର,
ଏକାକୀ ଏ ଉତ୍ସବରେ, ମଧୁର ସଙ୍ଗୀତେ,
ଉଠାଅ ବିସ୍ୱର ଧ୍ୱନି ତାନଲୟୁ ଗୁଣ୍ଡ଼ି,
ବିପରୀତ ରୀତି ଏତ ତରୁଣୀ ସ୍ୱଭାବେ ।
ସ୍ୱଭାବେ ନବୀନା ତୁମ୍ଭେ, ପୁରାତନ ବୁଢ଼ା,
ଭୁଲିଯାଇ ସ୍ୱବୟସ ହୋଇଛନ୍ତି ତରୁଣ,
ଦେଉଛନ୍ତି ଭସାଇ ନିଜେ ଆନନ୍ଦ ସାଗରେ
ଜାଣି ଶୁଣି ଅଳପ ତା' ରହଣି ସଂସାରେ
ଚାହିଁ ଗୋ ଅଦୂରେ ସେହି ସହକାର ତରୁ,
ହେଲେ ବୁଢ଼ା ଜୀର୍ଣ୍ଣ ଶୀର୍ଣ୍ଣ ବୟସ-ବିକାରେ,
କି ରଙ୍ଗେ ରସିକ ସାଜି ପଲ୍ଲବ ବିଳାସେ,
ଚାହୁଁଛନ୍ତି, ଦେଉଛନ୍ତି ହସି ଅଳପ ମୁକୁଳେ ।

Digitized by srujanika@gmail.com

ବୃକ୍ଷେଁ ଦେଖ ପକ୍ଷୀକୁଳ ହୋଇ ଯୋଡ଼ଯୋଡ଼,
ପ୍ରେମର ସଙ୍ଗୀତ ଗାଇ ନାନାବିଧ ସ୍ୱନେ,
କରନ୍ତି ଏ ଉପବନ କୋଳାହଳମୟ,
ପ୍ରକୃତି ଆନନ୍ଦମୟୀ କରନ୍ତି ପ୍ରଚୁର ।
ବସନ୍ତର ମହୋତ୍ସବେ ସ୍ଥାବର ଜଙ୍ଗମ
ସକଳେ ଉନ୍ମତ୍ତ ସହିଁ ଅପାର ଆମୋଦେ,
କିଏ ତୁମ୍ଭେ ଭାଗ୍ୟହୀନା ସେଥିରୁ ବଞ୍ଚିତ,
ସ୍ରୋତସ୍ୱିନୀ ତଟେ ବସି ତୃଷାରେ କାତର ?

ଲଳିତା :—ଶୁଣନ୍ତୁ, ଗୁହାରି ମୋର ଆରାଧ୍ୟ ଦେବତା,
ଅଭାଗିନୀ ବାଳିକାର ମରମ କାହାଣୀ ।
ରାଜାର ନନ୍ଦିନୀ ମୁହିଁ ଲଳିତା ମୋ ନାମ,
ପିତାର ଅଖିଳ କନ୍ୟା ଅନନ୍ୟସନ୍ତତି,
ସଙ୍ଗୀତ ଆଲେଖ୍ୟ ଆଦି ସୁଲଳିତ କଳା,
ସହିତେ ସାଧିଛି ଅସ୍ତ୍ର ଶସ୍ତ୍ରର କୌଶଳ ।
ସୁନ୍ଦରପଣକୁ ସରି ସାରା ସଂସାରରେ,
ନାହାନ୍ତି କେହି ତ ବୋଲି ଥିଲି ଅଭିମାନ;
ସେହି ଗର୍ବ ଯୋଗେ ପୂର୍ବେ ପର୍ବତ ଶିଖରୁ
ସକଳି ଅନାଉଥିଲି ଅବମାନେ ତଳେ ।
ଦେଲି ମୋତେ ଅବଜ୍ଞାରେ ଯୁବା ଜଣେ ଠେଲି,
ସହସା ପଡ଼ିଲି ଖସି ସେ ଉଚ୍ଚ ଶିଖରୁ ।
ହୋଇଗଲି ଚୂର୍ଣ୍ଣ ମୋର ଅଭିମାନଯାକ,
ଧାଇଁଯାଏ ଅପମାନ ସାରା ଦେହେ ମୋର ।
ତୁଚ୍ଛ ମୋର ରୂପଶିରୀ ଗୁଣ ଏ ଯୌବନ,
ବ୍ୟର୍ଥ ଏ ଜୀବନ, ବ୍ୟର୍ଥ ସବୁ ମୋର ଶିକ୍ଷା ।

Digitized by srujanika@gmail.com

ନିଜଠୁଁ ପ୍ରତ୍ୟକ୍ଷ ଶୁଣିଗଲାଣି ଦେବତା,
ଜଗତ ପ୍ରତୀତ ହୁଏ ମହା ଶୂନ୍ୟମୟ ।
ପଶୁଛି ଶରଣ ପଦେ ବାରେ କର କୃପା,
ନୋହିଲେ ଗଲାଣି ସବୁ ରମଣୀ ଜନମୁଁ ।
ଶିଖାଅ ମୋତେ ସେ କଳା, ସାଧିଣ ଯାହାକୁ
କରିଛି ବଣୁଣି ନାରୀ ଭୁଙ୍ଗ ଅବଲେପ,
ଶତ ଶତ ଯତିଙ୍କର ସାଧନା ପ୍ରସୂତ
ଗିରି ଅଭିଯାନ ସମ ମହେନ୍ଦ୍ର କୁଳକ୍ଷେ ।
ଦେଇ ଶକ୍ତି ପ୍ରତିବନ୍ଧ ଶିଖିବି ସେ ବିଦ୍ୟା,
ସାଧିବି ସେ ଅହଙ୍କାରୀ ତରୁଣର ମନ ।
ଅନ୍ୟଥା ଅଶାନ୍ତିମୟ ଏ ନାରୀ ଜୀବନ
ସରିଯିବ ଅବସାଦେ ସାରା ଯଉବନ ।

କାମଦେବ:—ନ ହୁଏ ଶିଖାଇବାକୁ କାହାକୁ ସେ ବିଦ୍ୟା
ଆପେ ଆପେ ହୁଏ ସାଧ ମଦନ-ବିଜ୍ଞାନ ।
ଧର ଧୈର୍ଯ୍ୟ ରାଜଜେମା ନ ହୁଅ ଆକୁଳ,
କହ ମୋ ଫିଟାଇ ଯାହା ଜୀବନ-ବୃତ୍ତାନ୍ତ ।
ସୌନ୍ଦର୍ଯ୍ୟ ସହାୟ ହେବା ସ୍ୱଭାବ ମୋହର
ସେଥିପାଇଁ ପଞ୍ଚଶର ତତ୍ପର ସର୍ବଦା ।
ନଳିନୀ ବିକଶି ଦେଖି ଉଆଁଏ ତପନ,
କୁମୁଦିନୀ ମୋଦ ପାଇଁ ପଠାଏ ଚନ୍ଦ୍ରମା,
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା ଦେବତା ଈଶ୍ୱର,
ଶୋଭାର ବନ୍ଦନା ପାଇଁ ଖଟାଏ ସଭିଙ୍କୁ ।
ସୌନ୍ଦର୍ଯ୍ୟର ଉପାସନା ଜଗତେ ପ୍ରତିଷ୍ଠା,
ଲାଗିଥାଏ କରିବାକୁ ସତତ ସୁନ୍ଦର !

Digitized by srujanika@gmail.com

କହ ଗୋ ଭୃତ୍ୟେ କିଏ ଅଧମ ସେ ଜନ,
ଅବମାନେ ଉପେକ୍ଷିଲା ତୋର ଏ ସୁରୂପ,
ଅସାମାନ୍ୟ ଯାହା ଦ୍ରବ୍ୟ ଅପ୍‌ସରା ମଣ୍ଡଳେ,
ମଣିବେ ସୌଭାଗ୍ୟ ଯାକୁ ପୂଜିଲେ ଦେବତା ।
ସମସ୍ତ ବସନ୍ତ ଶୋଭା ହୁଏ ଯେବେ ଠୁଳ
ତବ କାନ୍ତି ସରି ତାହା ନ ହେବ ତ କେଭେଁ ।
ଏସନ ସୁନ୍ଦର ରୂପ କଲା ଯେ ଅବଜ୍ଞା,
ଦେଇ ସର୍ବ ଶକ୍ତି ତାକୁ କରିବ ଶାସନ ।

ଲଳିତା :— ପାରିବ କି କରି ସତେ ତାହାକୁ ଦମନ,
ନ ଢେଳିଲା ଅହଙ୍କାରେ ଯେହୁ ମୋର ହାତ ?
ଧନ୍ୟ ହେବ ଯେବେ ପ୍ରଭୁ ତବ ଶକ୍ତି ବଳେ,
ହୋଇ ସେ ବିଜିତ ଲୋଟେ ମୋହ ପାଦତଳେ ।
ଶୁଣନ୍ତୁ ଘଟଣା, ଦିନେ ସଖୀମେଳେ ସାଜି
ବୀରବେଶେ, ଯାଇଥିଲି ମୃଗୟା ବିହାରେ ।
କବଚେ ଆବୃତ ଉରୁ ତୂଣୀର ପଶ୍ଚାତେ,
କୋଷବଦ୍ଧ ତରବାରି ଝୁଲାଇ କଟିରେ,
ଶିରେ ଶିରସ୍ତ୍ରାଣ, ଧରି ଧନୁଶର ହସ୍ତେ
ବୁଲି ନାନା ଦେଶ ଶେଷେ ବୈତରଣୀ ତୀରେ
ହେଲି ଉପନୀତ, ତହିଁ ବଳିଲା ମାନସ,
କରିବାକୁ ଦରଶନ ବିରଜା ପ୍ରତିମା ।
ପ୍ରଣମି ଦେବୀଙ୍କୁ ଉଭା ହୋଇଗଲା ମାତ୍ରେ,
ପଡ଼ିଗଲା ଆଖି ଏକ ପାର୍ଶ୍ୱେ ମନ୍ଦିରର ।
ଦେଖିଲି ଆସୀନ ଏକ ଯୁବକ ସୁନ୍ଦର,
ପଜା ପାଇଁ ଥିଆ ଯେହ୍ନେ ସୁକାନ୍ତ ମୂରତି ।

Digitized by srujanika@gmail.com

କି କହିବି, ସେ ଲାବଣ୍ୟ ଦେଲା ଝଲସାଇ
କ୍ଷଣେ ଏ ନୟନ ଦ୍ୱୟ, ଲୁହାଖଣ୍ଡ ପରି
ହେଲା ଆକର୍ଷିତ ସେହି ଯୁବକ-ଚୁମ୍ବକେ ।
ହୋଇଲି ଅବଶ ମନ ପାସୋରିଲା ସବୁ,
ଗଲି ଧୀରେ ତାହାଠାକୁ ଛାଡ଼ି ଦେବୀ ପୂଜା ।
ହୋଇ ଉଭା ତା' ଅଗ୍ରତେ ଭରି ଦୁଇ ଆଖି,
ଦେଖିଲି ତା' ଚାରୁ ମୁଖ ଧ୍ୟାନେ ଅବନତ ।
ନ କରି ଉତ୍ତର ଉଚେ ପଚାରିଲି ତାଙ୍କୁ,
"କିଏ ହେ ଯୁବକ, କିବା କରୁଛ ଏଠାରେ ?"
ଶୁଣି ମୋ' ବଚନ ଯୁବା ଉଠାଇ ନୟନ,
ଚାହିଁଲା ମୋ' ଆଡ଼େ, ଆହା, ଧନ୍ୟ ସେ ଚାହାଣି ।
କଲି ଲକ୍ଷ୍ୟ ତା' ନୟନେ ପ୍ରଥମେ ପ୍ରକୋପ,
ନିମିଷେ ଉଭାଇ ଗଲା ତଡ଼ିତ ସଦୃଶ ।
ସଙ୍ଗେ ସଙ୍ଗେ ସ୍ନିଗ୍ଧ ଭାବ ବ୍ୟାପିଲା ତା' ଦୃଷ୍ଟେ,
ପୁଣି ତା' ଉଭାଇଗଲା ଦିଶିଲା ଗମ୍ଭୀର
ବାରିଦ ବର୍ଷଣ ପୂର୍ବେ ଯେସନ ଆକାଶ,
ଅପସରି ନେଲା ଆଖି ତା'ପରେ ମୋ'ଆଡ଼ୁ ।
ଅନାଇ ଭୂମିକୁ ଧୀରେ କହିଲା ବଚନ,
"ବ୍ରହ୍ମଚର୍ଯ୍ୟ ବ୍ରତ ଧରି ଦେବୀଙ୍କ ସନ୍ତୋଷେ,
"ସାଧୁଛି ସାଧନା ପୂର୍ବ ଦୁଷ୍କୃତ ନାଶନେ,
"ଅନୁଚିତ ସମ୍ଭାଷଣ ତେଣୁ ମୋହ ପକ୍ଷେ
"ରମଣୀ ସହିତ, ଏକା ଏ ମନ୍ଦିର କୋଣେ,
"ଅପସରି ଯାଅ ଏଠୁଁ ପୁରୁଷବେଶିନୀ
"ଛଦ୍ମବେଶେ ଆସିଅଛ ବ୍ରତ ଭଙ୍ଗେ ମୋର,

Digitized by srujanika@gmail.com

"ବିମାତା କୌଶଳ ଅବା ଦେବୀଙ୍କ ପରୀକ୍ଷା !
ଶୁଣି ଏ ପୁରୁଷ ବାଣୀ ତଥାପି ଆବେଗେ,
ପଚାରିଲି, "ଦେବ ନାହିଁ ତବ ପରିଚୟ ?"
ରୁଷ୍ଟ ହୋଇ ଅଶାଳୀନ ଯୁବା ଉତ୍ତରିଲା;
"ନ କରିବି ବାକ୍ୟାଳାପ ରମଣୀ ସହିତେ ।"
ଶୁଣି ଏ କର୍କଶ ବାଣୀ ଫାଟିଗଲା ଚିତ୍ତ,
ମନ ହେଲା ଚିରି ବୁକୁ ଦେଖାଇବି ତାକୁ,
ସରଳ ପରାଣେ ନାହିଁ କୈତବର ଲେଶ,
ସ୍ୱଚ୍ଛ ସ୍ନେହ ଭରା ଏହି ବାଳିକା ହୃଦୟ ।
ସମ୍ଭାଳି ନିଜର ମନ ବହି ରୋଷ ବ୍ୟାଜ,
କହିଲି କର୍କଶେ ତାକୁ "ଜାଣ ତ ଯୁବକ,
"ରାଜାଙ୍କ ନନ୍ଦିନୀ ମୁହିଁ କରିପାରେ ବନ୍ଦୀ,
"ଅବହେଳେ ଏହିକ୍ଷଣି ଏହିଠି ତୁମ୍ଭଙ୍କୁ ।"
ଅଳପ ଚମକି ଉଠି ଚାହିଁ ମୋ' ନୟନେ,
ପରଖିଲା ସତ୍ୟ କିବା ମୋର ତରଜନ ।
ବହିଲା ସତେ କି ଯେହ୍ନେ ବିଦ୍ୟୁତ ପ୍ରବାହ,
ତା' ବେନ ନୟନୁଁ, ଭେଦି ମୋ' ଶିରା ପ୍ରଶିରା,
କରିଲା ସଞ୍ଚାର ଏକ ଅଦ୍ଭୁତ ପୁଲକ,
ନ ପାରି ସମ୍ଭାଳି ବୁଡ଼ିପଡ଼ିଲି ତୁରିତେ,
ନ ରହି ମୁହୂର୍ତ୍ତେ ଆଉ କଲି ମୁଁ ପ୍ରସ୍ଥାନ,
ରହିଗଲା ମନ କିନ୍ତୁ ସେହି ଯୁବାଠାରେ ।
ନ ଶୁଣିଲା କାନ ଆଉ ଆଳୀଙ୍କ ଆଳାପ,
ନ ଦେଖିଲା ଆଖି କିଛି ବାହାର ଜଗତ,
'ନ କରିବି ବାକ୍ୟାଳାପ ରମଣୀ ସହିତେ'

Digitized by srujanika@gmail.com

ଝଣ ଝଣ ଚହଲ କାନେ ଏ କଥା ପଦକ,
ନାଚିଲ ନୟନ ଆଗେ ସେହି ମୁଖଚ୍ଛବି,
କରି ତା ଅଧୀର ପ୍ରାଣ ନବ ତରୁଣୀର ।
ବ୍ରହ୍ମଚାରୀ ବୋଲି ଗର୍ବ ବହି ଯେ ଯୁବକ
ଅବନମି ଆପଣାକୁ ନ କହିଲ ବାଣୀ,
ରମଣୀ ବୋଲିଣ ରାଜନନ୍ଦିନୀ ସହିତ
ସେହି ପୁଣି କରେ ମୋର ମନ ଅଧିକାର !
ବୁଝାଇଲି ନାନା ଭାବେ ଅବୁଝା ମନକୁ,
କରିଲି ଧିକ୍କାର କେତେ ଆତ୍ମ-ଅଭିମାନ ।
ମାଗୁଛି ତଥାପି ମନ ସେ ଯୁବାକୁ ଧେନ
ଏହାହିଁ ସଂକ୍ଷେପେ ମୋର ବିଷାଦ କାରଣ ।
ରୂପର ବିଭବ ଆଭିଜାତ୍ୟର ପ୍ରଭାବ,
ପରାଜିତ ଯୁବକର ଅହଙ୍କାର ପାଶେ ।
ବାଧୁଛି ଏହାହିଁ ବେଶି ତେଣୁ ହୁଏ କ୍ଷୁଣ୍ଣ,
ମଣେ ଏ ଜୀବନ ମୋର ତୁଚ୍ଛ ମୂଲ୍ୟହୀନ ।
ଚଉପାଶେ ବସନ୍ତର ହସ ହସ ଛବି,
କରେ ସିନା ପରିହାସ ଉପେକ୍ଷିତା ମୋତେ ।
ଅରବିନ୍ଦ ନବମଲ୍ଲୀ ଚୂତ ନୀଳୋତ୍ପଳ
ଅଶୋକ ସହିତ ପାଞ୍ଚ ତବ ପୁଷ୍ପଶର,
କୋମଳ ନାରୀର ହୃଦ କରେ ସିନା ଭେଦ,
କଠିନ ପୁରୁଷ ପକ୍ଷେ ସେମାନେ କୁଣ୍ଠିତ ।

କାମଦେବ:—ନ ଦିଅ ସୁନ୍ଦରୀ ଦୋଷ ପକ୍ଷପାତୀ ବୋଲି,
ସମ ଭାବେ ସମସ୍ତଙ୍କୁ ଦିଏ ମୁଁ ପ୍ରେରଣା ।

Digitized by srujanika@gmail.com

ମିଥ୍ୟା ସେ ପ୍ରବାଦ, କରେଁ ମୁଁ ଶର ପ୍ରୟୋଗ,
ମୋର ଅସ୍ତ୍ରଯାକ ସର୍ବସାଧାରଣ ଧନ ।
ଗୃହେଁ ଯେ ଯେ ପାରେ କର ସେ ଅସ୍ତ୍ର ପ୍ରୟୋଗ,
ଭେଦିପାରେ ଅବହେଳେ ଲକ୍ଷ୍ୟ ଯା ତାହାର
ସହାୟ କେବଳ ହୋଇ ପ୍ରେମର ଆହବେ
ଏକ ପରେ ଏକ ଶର ଦିଏଁ ମୁଁ ବଢ଼ାଇ ।
ଆରୋପିଛ ଯେଉଁ ଶର ତୁମର ଅପାଙ୍ଗେ,
ଭ୍ରୂଚାପେ ଲଗାଇ ଯାହା କରିଛ ନିକ୍ଷେପ
ସେ ଯୁବା ନୟନଯୁଗେ, ନୋହିଛି ସେ ବ୍ୟର୍ଥ
ଯେ ହେତୁ ଜଡ଼ିତ ତହିଁ ମୋହର ପ୍ରତିଷ୍ଠା ।

ଲଳିତା:—ତେବେ କିପାଁ ଅବହେଳା ଲଭିଲି ଏସନ,
ସୁମର ଯାହାକୁ ସରିଯାଏ ମୁଁ ସରନେ ।

କାମଦେବ:—ପରଖି ନିଜକୁ ଦେଖ ସେ ଦୋଷ ତୁମର,
ଅକାରଣେ ସିନା ଦିଅ ଦୋଷ ଅନ୍ୟ ଜନେ ।
ସ୍ୱଚ୍ଛ ନୀରେ ଭେଦି ସିନା ସୁଧାଂଶୁକିରଣ,
ସରସୀ ହୃଦୟେ ଦିଏ ନିଜକୁ ଅଜାଡ଼ି,
ଆବିଲତା ଅନ୍ତରାୟେ ବାହୁଡ଼େ ବିରସେ,
ଗୃହିଁ ଦେଇ ଖାଲି ମୁଖେ ପଙ୍କିଳ ପଲ୍ୱଳେ ।
ତଥା ଯୁବା ମୁଖ ଗୃହିଁ ନ ପାରିଲା ପଶି,
ଅନିଚ୍ଛ ହୃଦୟେ ତବ ଅହଂକାର ପୂର୍ଣ୍ଣ ।
ଗୁଣବନ୍ତ ରାଜକେମା ନିର୍ଗୁଣ ମାର୍ଗଣ
ଅବା ଘର ରାଜପୁତ୍ର କାଙ୍ଗାଳୀ ବାଳା,
ଏ ସବୁ ବିଚାର ଲେଶ ରହିଥାଏ ଯହିଁ,
ହୁଏ ଅବରୁଦ୍ଧ ତହିଁ ପ୍ରେମର ପ୍ରବାହ ।

Digitized by srujanika@gmail.com

ଅଭିମାନ ମନେ ତବ ହେଲା ପ୍ରତିକୂଳ
ଆକର୍ଷଣେ ଯୁବକର ପ୍ରଣୟ-ବାସନା ।

ଲଳିତା:—ଉପାୟ କି ଅଛି ଏବେ କହନ୍ତୁ ହେ ଦେବ,
ଲଗିବାକୁ କୂଳେ ଯହିଁ ଚାହେଁ ମୁଁ ଯିବାକୁ,
ଫିଟିଗଲା ତରୀ ମୋର ଭାସିଗଲା ସ୍ରୋତେ,
ଦରିଆ ମଝିରେ ବୁଡ଼ି ଯିବ କି ସେ ଶେଷେ ?

କାମଦେବ:—ମାତେ ଯେ ପ୍ରେମର ଯୁଦ୍ଧେ ହୁଏ ସେ ପାଗଳ,
ଲଜ୍ଜା ଜାତି କୁଳ ଧର୍ମ ଦେଇ ଜଳାଞ୍ଜଳି ।
ବିଜୟ ବାଞ୍ଛିତ ଯେବେ ପ୍ରଣୟ ସମରେ,
କଠୋର ସାଧନା ତେବେ ଆଚର କୁମାରୀ,
ଦିଅ ଗୋ ଲଭିଛ ଜ୍ଞାନ ରଜଜେମ. ବୋଲି,
ନିଜର ଅସ୍ତିତ୍ୱ ସୁଦ୍ଧା ପକାଅ ପାସୋରି ।
ଜିଣିବାକୁ ଯା'କୁ ଚାହେଁ ଝୁରି ହୁଅ ତ କୁ,
ପୂଜ ଗୋ ଯତନେ ପ୍ରତିଯାତନା ତାହାର ।
ଯେ ମୁହୂର୍ତ୍ତେ ହେବ ତବ ମନ ଉନ୍ମୁଖ,
ପିତା ମାତା କୁଳ ମାନ ସବୁ ଦେଇ ତେଜି
ହୋଇଯିବା ପାଇଁ ତାଳି ସେ ଯୁବକ-ହୃଦେ,
ସେତେବେଳେ ହେବ ଯାଇ ଜୟଶ୍ରୀ ଆୟତ୍ତ ।
ଯେ ଶର ମାରିଛ ତୁମେ ପ୍ରଥମ ମିଳନେ,
କରୁଥିବ କାମ ଧୀରେ, ନ ଫେରିବ ତାହା ।
ହୋଇବା ମାତ୍ରକେ ପୂର୍ଣ୍ଣ ତୁମର ସାଧନା,
ଆପେ ଆପେ ସଅଁପିବ ନିଜକୁ ଯୁବକ ।
ନ ହେବ ନିଷ୍କ୍ରିୟ ଖାଲି ଦେଇ ଉପଦେଶ,
କୃତ୍ରିମ ନାୟକ ପରି, ନୁହେଁ ସେ ମୋ ଶିକ୍ଷା ।

Digitized by srujanika@gmail.com

ଲଗିବ ତୁମରି ଲାଗି ସେ ତରୁଣ ପଛେ,
ଅଣାଇବ ଅନୁତାପ ତା' ଦୃପ୍ତ ହୃଦୟେ,
ଧାଇଁବ ସେ ଧରିବାକୁ ଜୀବନ ମୁକୁଟ,
ଦେଇଛୁ ଯାହାକୁ ଛାଡ଼ି ମିଛ ଅଭିମାନେ ।
ଲଳିତା:—ନିରୁପାୟ ଅବଳାର ସହାୟ ହେ ଦେବ,
କରିବ ପାଳନ ଆଜ୍ଞା ଅକ୍ଷରେ ଅକ୍ଷରେ,
ବିଜୟ ବା ପରାଜୟ ଲଗିଲା ତୁମ୍ଭଙ୍କୁ,
ନେସ୍ତାଗିଲି ଜୀବନକୁ ଅଭୀଷ୍ଟ ସାଧନେ ।

ଲଳିତା ଓ ବିମଳା

ବିମଳା:—ଜେମା,
ତବ ସ୍ନେହେ ଉତ୍ସାହିତା ହୋଇ ତବ ସଖୀ,
ଭରସେ ପଚାରିବାକୁ ଦୁଇ ଏକ କଥା ।
ଲଳିତା:—ପଚାର ସଖି ଗୋ ଯାହା ଆସୁଛି ମନକୁ,
ହୃଦୟ ଦୁଆର ମୁକ୍ତ ସଦା ତୁମ ପାଇଁ ।
ମଣି ସିନା ପର ମୋତେ ଲୁଚାଅ ନିଜକୁ,
ନ ଦେଖି ରହସ୍ୟ କିଛି ତବ ଜୀବନରେ,
ମଣେ ମୁଁ ତୁମ୍ଭଙ୍କୁ କିନ୍ତୁ ଅତି ଆପଣାର,
କହିବ ଖୋଲି ମୁଁ ଯାହା ପଚାରିବ ସଖି !
ବିମଳା:—ମନେ ହୁଏ କେବେ କେବେ, ଦିଅନ୍ତି ଅଜାଡ଼ି,
ଯା' କିଛି ମୋ ନିଜ କଥା ପ୍ରିୟସଖୀ ଆଗେ ।
ସମ୍ଭାଳି ନିଏଁ ମୁଁ ମାତ୍ର ନିଜକୁ ଆୟାସେ;
ବିରଜାଙ୍କ ଆଜ୍ଞା ଯେଣୁ ଆତ୍ମ ସଂଗୋପନ ।

Digitized by srujanika@gmail.com

ସେହି ତ ଜିଜ୍ଞାସ୍ୟ ମୋର, କାହିଁକି ଏ ଘୃଣା,
ଜେମାଙ୍କର ସବୁ ସ୍ନେହ କରେ ଅଧିକାର ।
ନ ପାଇଛ ନାମ ବିନା ଅନ୍ୟ ପରିଚୟ,
ଦେଖା ହେଲା ଅକସ୍ମାତେ ବୁଲୁ ବୁଲୁ ବନେ ।
ତରୁଣୀ ତୁମରି ପରି ନୁହେଁ ମୁଁ ତରୁଣ,
ତଥାପି କପାଳେ ଜେମା ଏତେ ସୁପ୍ରସନ୍ନ
ବନବିହାରିଣୀ ପ୍ରତି, ନ ପାରୁଛି ବୁଝି,
ରହିଛି ରହସ୍ୟ କିଛି କରେ ଅନୁମାନ,
ରହିଯାଅ ବେଳେ ବେଳେ କହୁଁ କହୁଁ କଥା,
ଭୁଲିଯାଏ ମନ ତବ ଅନ୍ୟ କେଉଁଆଡ଼େ,
ବିଷାଦର ଛାୟା ଖାଲି ପକାଇ ବଦନେ,
ଫେରିଆସେ ନିଜ ଠାବେ ବହୁ ଚେଷ୍ଟା ପରେ ।
କରେଁ ଲକ୍ଷ୍ୟ, ଦିନୁ ଦିନୁ ବଢ଼ୁଛି ବିତୃଷ୍ଣା,
ଅଶନ ବସନେ ତବ କଥୋପକଥନେ ।
କି ବ୍ୟଥା ଲାଗିଛି ମନେ କହ ଲୋ ସଜନି !
କାହାକୁ ହେଉଛ ଭଲ କିଏ ସେ ସୁଭଗ,
ପାଇଛି ହୃଦୟେ ତବ ପ୍ରଶସ୍ତ ଆସନ,
ଝୁରୁଥିବେ ଯାହା ପାଇଁ ସ୍ୱରଗେ ଦେବତା ?
ରାଜାର ନନ୍ଦିନୀ, କିବା ଅପ୍ରାପ୍ୟ ଜଗତେ,
ପୂର୍ଣ୍ଣ ହେବ ଇଚ୍ଛା ଖାଲି ପ୍ରକାଶ ମାତ୍ରକେ ।
କହ ସଖି ! କାହିଁପାଇଁ ବ୍ୟାକୁଳେ ହୃଦୟ,
କାହାପାଇଁ ଚିନ୍ତା ଏତେ କର ଦିନ ରାତି ।
ଲଳିତା:—ପଚାରିଲେ ଯାହା ସଖି ଉତ୍ତରେ ତାହାର,
ଉଠୁଛି ହୃଦୟୁ ଭେଦି ଖାଲି ଦୀର୍ଘଶ୍ୱାସ ।

Digitized by srujanika@gmail.com

ହୃଦୟ ବେଦନା ତୀବ୍ର ଦହୁଛି ଯା' ମୋତେ,
ନ ଦେଖିଲେ ତୋହ୍ର ବିନା ଅନ୍ୟ ଆଉ କେହ୍ନ ।
କରିଥିଲ ସ୍ନେହ ବୋଲି ସିନା ଗୋ ବିମଳେ,
ମୋ' ଦୁଃଖର ଅନୁକମ୍ପା ହେଲ ତବ ହୃଦେ ।
କେତେ ଯେ ଆନନ୍ଦ ଲଭେ ବ୍ୟଥିତ ପରାଣ,
ଦେଖି ଅନୁକମ୍ପା ଭାବ ସ୍ନେହୀ ହୃଦୟରେ ।
ନିଦାଘ ମଧ୍ୟାହ୍ନ-ସ୍ୱିନ୍ନ-ତୃଷାର୍ତ୍ତ ପଥିକେ,
ଦିଏ ସିନା ଛାୟା ଖାଲି ସମଦୁଃଖୀ ତରୁ,
ମୁହୂର୍ତ୍ତେ ସନ୍ତୋଷ ଦିଏ ଶୀତଳ ସାନ୍ତ୍ୱନା,
କରେ କି ପିପାସା ଦୂର ଖାଲି ଆଶ୍ୱାସନା ?
ବିମଳା :—ମଉନ ରହିଲ ଚମ୍ପା ଅନାଇ ତଳକୁ,
ଫିଟାଇ କହ ଗୋ ସବୁ ପ୍ରିୟସଖି ଆଗେ ।
ନୁହେଁ ମୁଁ ନିର୍ଜ୍ଜୀବ ତରୁ, ରହିବ ନିଶ୍ଚିନ୍ତ,
କେବଳ ଶୀତଳ ଛାୟା ଦେଇଣ ତୃଷାର୍ତ୍ତେ ।
କରିବି ମୁକର ତାହା ହେବ ଯା' ମୋ' ଯୋଗେ,
ରହୁଛି ଏ ପ୍ରାଣ ତବ ସ୍ନେହ ବିନିମୟେ ।
ଲଳିତା :—ପାରିବୁ କି ସତେ କରି ଅସାଧ୍ୟ ସାଧନ,
ନ ଯାଏ ପରତେ ଏହି ଅବିଶ୍ୱାସୀ ମନ ।
ଲଭିଣ ଯେ କାହିଁ ମୁହିଁ ହୀନ ପରାଭବ,
କଲେ ପ୍ରାୟଶ୍ଚିତ୍ତ ଏବେ ମାସ ମାସ କାଳ,
ହୋଇବ କି ତାହା ସଖି ! ସହଜେ ସାଧିତ,
ନ ପାରିବ ସେଥି ତୁମେ ଅବରୋଧ ବାଳା ।
ବିମଳା :—କହ ଥରେ ଭଲ କରି ଫେଡ଼ି ମନ କଥା,
ଦେଖିବ ମୋ' ଯୋଗେ କିଛି ହେବ କି ନ ହେବ !

Digitized by srujanika@gmail.com

ବଇଦଗ୍ଧ ମିଶା ପରା ରମଣୀ ଚରତେ,
ନ ହୁଅ ନଶ୍ଚିତ ମୁହିଁ ଅପାରଗ ବୋଲି ।

ଲଳତା :—ଜାଣେ ମୁଁ ନ ହେବ କେବେ ମନସ୍କାମ ପୂର୍ଣ୍ଣ,
ଝୁରି ହେବ ଚିରକାଳ ସେହି ଅଭିଳାଷେ,
ଉଠୁଛି ସତତ ମନେ ଯେ ଉଚ୍ଛ୍ୱାସ-ସ୍ରୋତ,
ବଢ଼ୁଛି ବେଦନା ଯା'କୁ ରଖିଲେ ଦବାଇ,
କରିବି ବାହାର ତାକୁ ତବ ଅନୁରୋଧେ,
ସମ୍ବର ଚିନ୍ତନ ଏହି ଅନ୍ତରଙ୍ଗ ପାଶେ ।
ଶୁଣ ଲୋ ବିମଳେ, "ଦିନେ ମୃଗୟା ବିହାରେ,
ଯାଇଥିଲି ଗିରିବେଶେ ସଖୀଙ୍କ ଗହଣେ ।
ଯାଉଁ ଯାଉଁ ପହଞ୍ଚିଲି ବିରଜାମଣ୍ଡଳେ,
ମନ ହେଲା ଦରଶନେ ବିରଜା ଦେବୀଙ୍କୁ ।
ଦଣ୍ଡବତ କରୁ କରୁ ଅନାଇଁ ଦେବୀଙ୍କୁ
ପଡ଼ିଗଲା ଆଖି ଏକ ମନ୍ଦିରର କୋଣେ ।
ଦେଖିଲି ଆସୀନ ଏକ ସୁନ୍ଦର ଯୁବକ,
କି ସୁନ୍ଦର ରୂପ ତା'ର ଯେହ୍ନେ କାମଦେବ ।
କି ସ୍ନିଗ୍ଧ ବଦନ ତା'ର ସ୍ମେର ବିରମିତ,
ସୁଖର ସ୍ୱପନେ ଗଢ଼ା ନୟନ ଦୁଇଟି ।
ଗଲି ସେ ତରୁଣ ପାଶେ ହୋଇ କୁତୂହଳୀ
ପଚାରିଲି ପରିଚୟ ନ କହିଲା କିଛି ।
ବଢ଼ାଇଲା ତୃଷ୍ଣା ମୋର ତୂଷ୍ଣୀ ଭାବ ତା'ର,
କଲି ପ୍ରଶ୍ନ ବାରମ୍ବାର, ନ ବୁଝିଲା ଯୁବା,
ନାରୀର ସମସ୍ତ ହୃଦ ବନ୍ଧୁଛି ତା' ଦ୍ୱାରେ,
କରିବାକୁ ଅକୁଣ୍ଠିତେ ଆତ୍ମଦାନ ତାକୁ,

Digitized by srujanika@gmail.com

ଯଯାତି ଓ ବିମଳା

ଯଯାତି :—ବନ ଗ୍ରାମ ଗିରିଗୁମ୍ଫା ଖୋଜି ଖୋଜି ଶେଷେ
ନ ପାଇ ନିରାଶ ହୋଇ ଛାଡ଼ିଥିଲି ଆଶା,
ଭେଟିବି ଜୀବନେ ବୋଲି ପୁଣି ଶେଷେ କେବେ,
ଶାବକ ପଡ଼ିଲୁ ନିଶ୍ଚେ ହିଂସ୍ର ଜନ୍ତୁ ଗ୍ରାସେ ।
କେତେ ଯେ ନିଷ୍ଫଳ ଭାଗ୍ୟ ଯାହା ଯୋଗୁଁ ଆଜି,
ରାଜାର ସନ୍ତାନ ଆଜେ ପଥର ଭିକାରୀ ।
କାହିଁ ଥିଲୁ ବିମଳା ଲୋ ସୁନ୍ଦର ଭଗିନୀ,
ରହିଲୁ ଭାଇକୁ ଭୁଲି କାହିଁ ଏତେ କାଳ ।

ବିମଳା :—କହିବି ତା' ପରେ ଭାଇ କହତ ଆଗେ ତୁ,
କୁଶଳ ତ ! ସବୁ ତୋର ନିରାମୟ ଦେହ ?
ପାଳୁଥିଲୁ ଯେ ବରତ ଦେବୀଙ୍କ ସନ୍ତୋଷେ,
ମିଳିଲା କି ବର ଜଗଜ୍ଜନନୀଙ୍କ ଠାରୁ ?
ଦିଶୁ ନାହିଁ କାହିଁ କିଛି ବ୍ରତର ସାଧନ,
ଜଣାଯାଏ ସାଙ୍ଗ ବ୍ରତ କଲ୍ୟାଣ ସବୁ ତ ?
ଶରୀର ବିଶୁଷ୍କ କାହିଁ ଚକ୍ଷୁ ଜ୍ୟୋତିହୀନ,
ଦିଶୁଛି ଅଙ୍ଗୁଳି ସ୍ପର୍ଶ ଚିନ୍ତାର କପୋଳେ,
ନୟନ ବତାଇଦିଏ ଅନ୍ୟମନା ତୁହି,
ଶୁଭାଶୁଭ ସବୁ କଥା କହ ଫେଡ଼ି ମୋତେ ।

ଯଯାତି :—ଯା' ପ୍ରତି ନୁହନ୍ତି ଦେବୀ ନିୟତି ପ୍ରସନ୍ନ,
ମଙ୍ଗଳ କି ହେବ କେବେ ତାହାର କଦାପି ?
ପରମ୍ପରା କ୍ରମେ ଆସି ଅଶୁଭ ତରଙ୍ଗ,
ବାଜୁଥିବ ଜୀବନର ସଇକତ ତୀରେ ।

Digitized by srujanika@gmail.com

ନିସ୍ପୃହ ସନ୍ତୋଷେ କଲି ଯେ ବ୍ରତ ଆରମ୍ଭ,
ପାଇଲି ସେ ବାଧା ବାଧ ହେଲି ଛାଡ଼ିବାକୁ ।
ସୁଦୂର କୋଶଳ ଦେଶୁଁ ପଦବ୍ରଜେ ଆସି,
ଯେ ଦେବୀଙ୍କ ପଦତଳେ ଲୋଟାଇ ଜୀବନ,
ଭାବିଥିଲି ଲଭିବାକୁ ତାଙ୍କ ଅନୁଗ୍ରହ,
ଯାଇଅଛି ତାହା ସ୍ପୃହା ମନରୁ ପାସୋରି ।
ଗ୍ରୀଷ୍ମର ଆତଙ୍କ ଦେଶେ ସତେ ଚକ୍ରବାଳବ୍ୟାପୀ,
ନିରସ ନିରାଶାପୂର୍ଣ୍ଣ ବିସ୍ତୀର୍ଣ୍ଣ ଊଷର ।
ଯାଏ ପ୍ରାଣ ପିପାସାରେ ପ୍ରଚଣ୍ଡ ଆତପେ,
ବାରି ବାରି ବୋଲି ହୁରି ପକାଇ ପକାଇ,
ଶେଷେ ଯେବେ ଦସ୍ୟୁ ନିଜେ ମୋ ଦୁଃଖେ କାତରି;
ହେଲେ ଆସି ଉଭା ଆଗେ ଜଳପାତ୍ର ଧରି,
ଉପେକ୍ଷିଲି ମାୟା ବୋଲି ତାଙ୍କୁ ଅଭିମାନେ
ନ କହିଲି କଥା ପଦେ ଗଲେ ସେ ବାହୁଡ଼ି ।

ବିମଳା : --ନୀରବ ହୋଇଲୁ କିପାଁ, କି ଦୁଃଖେ କାତର
ହେଉଛୁ, କହ ତୁ ଖୋଲି ଶୁଣେ ମୁଁ ସମସ୍ତ ।
ନିଜ ବୋଲି ଯାହା କିଛି ଥିଲା ଏ ସଂସାରେ,
ବଞ୍ଚିତ ସେଥିରୁ ହୋଇ ବହୁ ଦୂରଦେଶେ,
ନେଇଥିଲୁ ବିରଜାଙ୍କ ପାଦତଳେ ଆଶ୍ରା,
ଥିଲା ସେହି ଏକମାତ୍ର ଆଶା ଏ ଜୀବନେ ।
ବସିଲୁ ହରାଇ କିମ୍ପା ମହତ ଆଶ୍ରୟ,
ହେଲୁ ପଥଭ୍ରଷ୍ଟା କିମ୍ପା ସାଧନା ମଝିରେ ?
ଯାଇଥିଲେ କିଛିକାଳ ହୋଇ ସୁପ୍ରସନ୍ନ,
କରିଥାନ୍ତେ ପାରି ଦେବୀ ବିରଜା ଜନନୀ,

Digitized by srujanika@gmail.com

ଅଭାଗା ସନ୍ତାନେ ଏହି ସକଳ କଷଣୁଁ,
ଯାଇଥାନ୍ତା ଖୋଲି ଆପେ ସୁଖର ଦୁଆର ।
ଯଯାତି :—ଚିରଦିନ ପାଇଁ ମନା ସେ ଦୁଆର ମୋତେ
କରୁଥିଲି ବସି ସିନା ମିଛେ ମୁଁ ଆଘାତ ।
ଶମଳା :—ନ ପାରୁଛି ବୁଝି କିଛି ସଂକ୍ଷିପ୍ତ ବଚନୁଁ,
କହ ତୁ' ବିସ୍ତାରେ ସବୁ ଜାଣିଲୁ କେମନ୍ତେ,
ଅମାବାସ୍ୟା ଅବସାନ ହେବ ନାହିଁ କେଭେଁ,
ନ ହେବେ ଉଦୟ ସୁଖ-ଶଶାଙ୍କ ଜୀବନେ ।
ଯଯାତି :—କହିବ ଭଗିନୀ କ'ଣ ନ ସ୍ଫୁରେ ବଚନ
ଦେଉଛି ମୁଁ ଅପମାନ ଜୀବନ୍ତ ଦେବୀଙ୍କୁ ।
ଯେ ଦିନ ଗଲୁ ତୁ ଚାଲି ବନବିହରଣେ;
ସେହିଦିନ ଉଭା ହେଲା ଅବସ୍ମାତେ ଆଗେ,
ସୁନ୍ଦର ପ୍ରତିମା ଏକ ମାନବ ଶରୀର
ପୁରୁଷର ବେଶେ କିନ୍ତୁ ନାରୀର ଆକାର ।
ବୀରପରିଚ୍ଛଦେ ସୁଦ୍ଧା ଲୁଚୁ ତ ନ ଥିଲା,
କ୍ଷୀଣ କଟୀ ଉଚ୍ଚ ଊରୁ କୋମଳ କପୋଳ ।
ପଚାରିଲି ପରିଚୟ ପଞ୍ଚମ ନିଃସ୍ୱନେ,
ଚାହିଁଲା ସେ ବାଳାମୁଖେ ହେଲା ଇତସ୍ତତଃ
ଉଠିଲା ରୋମାଞ୍ଚ ତନୁ ଥରିଲା ହୃଦୟ,
ନ ପାରିଲି ଚାହିଁ ତାକୁ, ତଳକୁ ଅନାଇଁ,
ପଥର କରି ଏ ଗୁପ୍ତ କହିଲି ସ୍ୱଦନ୍ତେ,
“ନାରୀ ସଙ୍ଗ ବ୍ରହ୍ମଚାରୀ ନ କରେ ଆଳାପ” ।
ଉଠିଲା ସନ୍ଦେହ ମନେ ନୁହେଁ ସେ ମାନବୀ,
ଅପୂର୍ବ ସୁନ୍ଦରୀ ସେହୁ ଅପ୍ସରା ସମାନ,

Digitized by srujanika@gmail.com

ଭାବିଲି ସେ ହୋଇଥିବ ମାୟାବିନୀ ପରୀ,
କହିଲି ପୁଣି ମୁଁ ଦ୍ରୁତେ, 'ନ କହିବ କଥା ।'
କହିଲା ସେ ମତ୍ତକାଶୀ ଅଳପ ସରୋଷେ,
'ରାଜାର ନନ୍ଦନୀ ମୁହିଁ ଜାଣ ନାହିଁ ମୋତେ ?'
ଚାଲିଗଲା କହିଦେଇ ଚପଳା ପରାଏ,
ନେଇଗଲା ହରି ମୋର ବୁଦ୍ଧି ବୃତ୍ତି ସବୁ ।
ସେହିଦିନୁ ସେହିକ୍ଷଣୁଁ ଭୁଲିଗଲି ସବୁ,
ଅତୀତର ଅନୁଭୂତି ଭବିଷ୍ୟତ ଆଶା ।
ହୋଇଲା ପାସୋର ଦେବୀ ଉପାସନା-ବ୍ରତ,
ପଡ଼ିଛି ମୁଁ ଶୂନ୍ୟ ମନେ ଖାଲି ଦେହ ଧରି ।

କମଳା :—ରାଜାର ନନ୍ଦନୀ ନିଜେ ଛିଡ଼ା ହୋଇ ପାଖେ,
ପଚାରିଲେ ପରିଚୟ ହୋଇ ସ୍ପୃହାବତୀ,
ଅଛି କି ସୌଭାଗ୍ୟ ଆଉ ଏହାଠାରୁ ବଳି,
ଘଡ଼ିଲୁ ସୁବିଧା ଏକା ଜୀବନେ ଦୁର୍ଲ୍ଲଭ ।

ଯଯାତି :—କି କହିବି ଭଉଣି ଲୋ, ଚାହିଁ ଦେଲି ତାକୁ,
ଶିରାରେ ଶିରାରେ ହେଲା ବିଦ୍ୟୁତ ପ୍ରବାହ,
ମନେହେଲା ସମୁଦାୟ ହୃଦୟ ବାହାରି
ବହିଯିବା ପାଇଁ ଚାହେଁ ନ ମାନି ସଂଯମ,
ଭାଙ୍ଗିଲେ ଜଙ୍ଗାଲ ଯଥା ଅବରୁଦ୍ଧ ଜଳ,
ବହାଇ ଦେବାକୁ ନିଜେ ହୁଏ ଅଧୀର ।
ପ୍ରତିରୋଧ ରକ୍ଷଣେ ଦୁଃସ୍ଥ ଗୃହସ୍ଥ ସଦୃଶ,
ବାନ୍ଧିଲି ବନ୍ଧର ମୁହିଁ ବ୍ରତର ସ୍ମରଣେ ।
ବହିଗଲା ଜଳ କିନ୍ତୁ ଅଲକ୍ଷିତ ରନ୍ଧ୍ରେ,
କରେ ବସି ହାହାକାର ବିଶୁଷ୍କ କେଦାରେ ।

Digitized by srujanika@gmail.com

ବିମଳା :—ରାଜକେମା ଜାଣି ସୁଦ୍ଧା ହେଲ୍ କି ହୃଦୟ,
ଅଧୀର ସେପରି ଯଥା କରୁଛୁ ବର୍ଣ୍ଣନା ?

ଯଯାତି :—ନ ବୁଝେ ଏ ମନ ଯେତେ ବୁଝାଏଁ ତାହାକୁ,
ଚନ୍ଦ୍ରମା ଖୋଜୁଛି ବସି ଅମାବାସ୍ୟା ଯୋଗେ ।
ତବବେଳ ଅସମ୍ଭବ ଜାଣୁଛି ମୁଁ ତାହା
ତଥାପି ଆକୁଳ ପ୍ରାଣ ସେହି ଅନୁଧାନେ ।
ଦିଏ ସେହ୍ନ ଆକୁଳତା ସ୍ୱରଗର ସୁଖ,
ଯେହେତୁ ରହିଛି ତହିଁ ଅନ୍ତର ବାସନା ।
ନିଶ୍ଚିନ୍ତ ଜୀବନ ସ୍ୱର୍ଗ-ବିଭବ-ସମ୍ପନ୍ନ
ତୁଚ୍ଛ ମଣେ ନାହିଁ ଯେଣୁ ସେଥିରେ ବାସନା ।
ଆକୁଳତା ଆଲୋଡ଼ିତ ଚିନ୍ତା ଜର୍ଜ୍ଜରିତ,
ଅଶନ ବସନ କଷ୍ଟ ଏମନ ଜୀବନ,
ବିତାଇ ଲଭୁଛି ମୁହିଁ ଅପାର ଆନନ୍ଦ,
ଜାଣି ଶୁଣି ସେ ଆନନ୍ଦୁ ନ ହେବ ବଞ୍ଚିତ ।

ବିମଳା :—ହେଲୁ ତୁ ବାତୁଳ ଭାଇ ନ ବୁଝୁଛୁ କମ୍ପା,
ଅସମ୍ଭବ ପ୍ରାପ୍ତି ଆଶା ଚିତ୍ତର ବିକାର,
ଯାହା ଯୋଗେ ହେବ ତନୁ ଦିନୁ ଦିନୁ କ୍ଷିନ୍ନ,
ହେବ ସିନା ନିନ୍ଦମାସ୍ତୁ ଆମ ପରିଣାମ ! !

ଯଯାତି :—ରହିଛି ଆନନ୍ଦ ସେହି ନିନ୍ଦାରେ ଭଗିନୀ,
ରହିଛି ଅମୃତ ସେହି ନିନ୍ଦିତ ମରଣେ ।
ଗୁଡ଼ଦେ ଯାଏଁ ମୁଁ ଚଲି ଭାସି ସେ ଚିନ୍ତାରେ,
ଅଧୀରତା ଆନ୍ଦୋଳିତ ଆକୁଳ ସାଗରେ,
ଯାଉଁ ଯାଉଁ ଭାସି ଯହିଁ ହେବ ଜଳମଗ୍ନ
ପାଇବ ପରମ ଶାନ୍ତି ଅନ୍ତିମ ନିଃଶ୍ୱାସେ ।

Digitized by srujanika@gmail.com

ବିମଳା :—ସ୍ପଷ୍ଟ କରି କହ ଶୁଣେ କି ତୋର ବାସନା,
ଦେଖେ ମୁଁ ସାହାଯ୍ୟ କିଛି କରିପାରେ କି ନାଁ ?
ଯଯାତି :—କାହିଁ ସେ ବାସନା ଭଗି ! କି ରହିଛି କାହିଁ,
ସାହାଯ୍ୟ ତ ଦୂର କଥା, ପାରିବୁ ତ ଭାବି ?
ବିମଳା :—ଭାବୁ କିମ୍ପା ଏତେ ବଡ଼ ନିଜକୁ ମୋ'ଠାରୁ,
କେତେ ବଡ଼ ଅଭିଳାଷ ପୋଷୁ ତୁ ହୃଦୟେ
ସବୁଠାଇ କଳ୍ପନା ତବ ଯହିଁ ପାଇ ବାଧା,
ଆସେ ଫେରି ଯେବେ ସାଥେ ଉତ୍କଟ ବିଷାଦ,
ସେଇଠି ମୁଁ ଅବଲୀଳେ କରେ ବିଚରଣ;
ବୁଝେ ନିଁ ମୁଁ ନିର୍ବୋଧ ଯେତେ ମନେକରୁ ମୋତେ ।
ଯଯାତି :—ରୁଷନା ଭଗିନୀ ମୋର ପ୍ରଳାପ ବଚନେ
ନ କରି ଲୋ ମନେ ତୋତେ ମୋହଠାରୁ ଶ୍ରେଷ୍ଠ ।
କହୁଛି ମୋ' ମନକଥା ପାରୁଛୁ ଯେତିକି;
ପାରୁ ଯଦି ହୁଅ ମୋର ସଙ୍କଟେ ସହାୟ ।
କାନ୍ଦୁଛି ପରାଣ ଥରେ ପୁଣି ଭେଟିବାକୁ
ଅନନ୍ୟସୁନ୍ଦରୀ ସେହି ରାଜାର ନନ୍ଦିନୀ ।
ନ ଚାହେଁ ମୁଁ ଅନ୍ୟ କିଛି ଖାଲି ଦରଶନେ
ହେବ ଏ ସନ୍ତପ୍ତ ପ୍ରାଣ କିଞ୍ଚିତ ଶୀତଳ ।
ଦେଖା ହେଲେ ବିନୟେ ମୁଁ ମାଗିନେବି ଦୋଷ
କରିଛି ମୁଁ ଯାହା ଅଜ୍ଞ ଥରେ ଅଭିମାନେ ।
ବିମଳା :—ଏଥିପାଇଁ ଏତେ ଚିନ୍ତା ଏତେ ଅଧୀରତା
ଯାଉଛି ଏକ୍ଷଣି ମୁହିଁ କରିବି ଉଦ୍ୟମ ।
ଅନୁମାନେ ସଫଳତା ଲଭିବ ଉଦ୍ୟମେ
ପ୍ରକୃତିସ୍ଥ ହୋଇ ରହ କିଛିଦିନ ପାଇଁ;

Digitized by srujanika@gmail.com

ଯାଉଛୁ ମୁଁ ଏବେ ଦେବ ପଠାଇ ଉଦନ୍ତ,
ପାଇବା ମାତ୍ରକେ ଯିବୁ ନର୍ଦ୍ଦିଷ୍ଟ ସ୍ଥାନକୁ ।
ଅପେକ୍ଷିବୁ ସେହିଠାରେ ଯହିଁ ରାଜଜେମା,
ଆସିବେ ମିଳିବା ପାଇଁ ଏକାନ୍ତ ନିର୍ଜ୍ଜନେ ।
ସାବଧାନ, ନ ଜାଣିବେ ଯେପରି ସେ ନମୋତ,
ତୋହର ଭଉଣୀ ବୋଲି କୌଣସି ପ୍ରକାରେ ।
ଭାବୁ ଥିବୁ ପାଗଳର ପ୍ରଳାପ ଏ ସବୁ,
ମନେ ରଖ କିନ୍ତୁ ମୋର ନର୍ଦ୍ଦେଶ ସମସ୍ତ ।

———

ଲଳିତା ଓ ଯଯାତି

(ପ୍ରଥମ ମିଳନ)

ଲଳିତା:—କି ହେତୁ ଜାଗିଲା ମନେ ତବ ଅଭିଳାଷ,
ବ୍ରହ୍ମଚାରୀ ହୋଇ ବାମା ସହିତେ ସମ୍ଭାଷ ?
ଜାଣ ମୁଁ କୁମାରୀ, ତେଣୁ ଅଟେ ଅନୁଚିତ,
ଏକାନ୍ତ ମିଳନେ ଇଚ୍ଛା ଅଜଣା ଯୁବାର ।
ନ ପାରିଲି ଏଡ଼ି ପ୍ରିୟ ସଙ୍ଗିନୀ ନବନ୍ଧ,
ଆସିଲି ଅଳପେ ଦେଖା ଦେବାକୁ ତୁମ୍ଭଙ୍କୁ,
କି ଅଛି ଜିଜ୍ଞାସା ତବ କର ଶୀଘ୍ର ଶେଷ
ଯିବ ମୁଁ ତୁରିତେ ଫେରି ନିଜ କାମେ ମୋର ।

ଯଯାତି :—ନାହିଁ ମୋ' ଜିଜ୍ଞାସା କିଛି, ଖାଲି ଦରଶନ ଲାଗି
ହେଉଥିଲି ଆକୁଳିତ; ଯାଉଥିଲା ପ୍ରାଣ ।
ସେଦିନ କରୁଣା କରି ଯାଇ ମୋର ପାଶେ;
ପଚାରିଲ ପରିଚୟ ବିରଜା ମନ୍ଦିରେ;
ସେହିଦିନୁଁ ଯାଇଛି ମୋ' ଅହମିକା ହରି;
ଯାଇଛି ମୋ' ବ୍ରତାଚାର ଦେବୀ ଆରାଧନା ।

Digitized by srujanika@gmail.com

ଜୀବନେ ମମତା ମମ ଯାଇଅଛି ତୁଟି,
ବଞ୍ଚିଅଛି ଖାଲି ତବ ଦରଶନ ଆଶେ ।
ତୁଚ୍ଛ ଏ ଜୀବନ ସାଙ୍ଗ କରିବ ସନ୍ତୋଷେ,
ଚାହିଁ ଚାହିଁ ତବ ଏହି ସୁନ୍ଦର ମୂରତି ।
ଏତିକି ମାଗୁଣି ମୋର ରାଜକୁମାରୀଠାରେ,
ନିତି ପ୍ରତି ଥରେ ଯେମନ୍ତ ମିଳେ ଦରଶନ ।

ଲଳିତା :—ଭୁଲିଯାଅ ଯୁବକ, ମୋ ଉଚ୍ଚ ଆଭିଜାତ୍ୟ,
ଜାଣ ମୋତେ ଜଣେ ଅତି ସାମାନ୍ୟ ଅବଳା ।
କାପାଇଁ ଲାଳସା ତେବେ ମମ ଦରଶନେ ?
ନ ପାରିବ କରି କିଛି ତବ ଉପକାର ।

ଯଯାତି :—ଚାହେଁ ନାଁ ମୁଁ ଉପକାର, ଚାହେଁ ନାହିଁ କିଛି,
କେବଳ ଦର୍ଶନ ମାତ୍ର ପ୍ରାର୍ଥନା ମୋହର ।

ଲଳିତା :—ନୁହେଁ ମୁଁ ସରଗ ଦେବୀ, ଦେବ ଦରଶନ
ଯାହାପାଇଁ ଅକାରଣେ ହେଉଛ ଆକୁଳ ।
ସାମାନ୍ୟ ବାଳିକା ମୁହିଁ କରିବି ସେପରି
ଚାହିଁ ନିତି ଭେଟ, ଫେଡ଼ କହ ତାହା ।
ଲାଗୁଛି ତ ଅସମ୍ଭବ ତାହା ସୁଦ୍ଧା ମୋତେ,
ଯେ ହେତୁ ନ ଅଛି ତବ ଅବସ୍ଥାନ ଏଠି ।
ଅଜଣା ଏ ରାଜ୍ୟ କାହିଁ ରହିବ ଯୁବକ ?
କୁମାରୀ ମୁଁ ନିତି ଅବା ଭେଟିବି କିପରି ?

ଯଯାତି :—ନାହିଁ ମୋ ପିପାସା କ୍ଷୁଧା ନାହିଁ ଅନ୍ୟ ଚିନ୍ତା,
ଶୀତ ଉଷ୍ଣ ନ ବାଧିବ ମୋ ଶରୀରେ କିଛି ।
ରହିବି ଏଇଠି ପଡ଼ି ଏହି ତରୁତଳେ,
ଏହିଠାରେ ନିତି ବାରେ ଦିଅ ଦରଶନ ।

Digitized by srujanika@gmail.com

ଲଳିତା :—ଲାଗୁଛି ବିସ୍ମୟ ଶୁଣି ତବ କଥା ଯୁବା,
କି ଅଛି ମୋହଠି ଏତେ କରୁଛ ଆଦର ।
ସଜନୀର ଅନୁରୋଧେ ଆକାଂକ୍ଷା ତୁମର,
କରିବ ପୂରଣ ଦୃଷ୍ଟ ହୁଏ ହେ ଯୁବକ !
ସନ୍ନିକଟେ ଅଛି ମୋର ପ୍ରମୋଦ ଉଦ୍ୟାନ,
ବିଳାସ ବିହାର ଯହିଁ କରେ ମୁଁ ଅବାଧ,
ନିଷିଦ୍ଧ ପ୍ରବେଶ ସେଠି ପୁରୁଷ ମାନଙ୍କ,
ନାରୀ ସୁଦ୍ଧା ଯିବା ମନା ମୋ ଆଦେଶ ବିନା ।
ଅଛି ସେଠି ଉପଗୃହ ନିବସ ସେଠାରେ,
ସଙ୍ଗିନୀ ବିମଳା ତବ ବୁଝିବ ବୃତ୍ତାନ୍ତ ।

ଲଳିତା ଓ ଯଯାତି

(ଅନ୍ୟତମ ମିଳନ)

ଯଯାତି :—ଗଭୀର ଅନ୍ଧାରମୟ ଜଳଦ ହୃଦୟ,
ଝଲକି ବିଜୁଳି ପ୍ରାୟ ଲଭିଯାଏ କାହିଁ,
ବଢ଼ାଇ ତିମିର ମାତ୍ର କ୍ଷଣିକ ଆଲୋକେ,
ବରଂ ଥିଲା ତ ଭଲ ନ ଥିଲେ ବିଜୁଳି ।
ଚାହେଁ ମୋ ପରାଣ ତବ ପରାଣ ସହିତ,
ମିଶାମିଶି ହେବା ନିମି, ହୋଇ ଏକସ୍ରୋତା,
ବହି ଯାଉ ହସି ହସି ଅନନ୍ତ ଆଡ଼କୁ,
କାଳିନ୍ଦୀ ଜାହ୍ନବୀ ଯଥା ପ୍ରୟାଗ ସଙ୍ଗମୁ ।
ଲଳିତା :—ସତେ କି'ଣ ଏତେ ସ୍ନେହ ଅଛି ତବ ହୃଦେ,
ନଗଣ୍ୟ ବାଳିକା ପ୍ରତି, କହୁଛ ଯେପରି ?
ଯଯାତି : ତେବେ ସୁଦ୍ଧା ନ ହେଉଛି ପ୍ରତ୍ୟୟ ତୁମର,
ଭାଗ୍ୟ ଛଡ଼ା କାହାକୁ ମୁଁ ନିନ୍ଦିବ ଏ ସ୍ଥଳେ ?

Digitized by srujanika@gmail.com

ମନ ହୁଏ ହୋଇଯାନ୍ତା ଲୁପ୍ତ ମୋ ଅସ୍ତିତ୍ୱ
ରହନ୍ତି ବିକାଶ ମାତ୍ର ହୋଇ ତବ ହାସ୍ୟ,
ଅଥବା ରହନ୍ତି ଯାଇ ଚନ୍ଦ୍ରରେ ତୁମର,
ମୁଖର ଚନ୍ଦନ ହୋଇ ମରଣ ଅବଧି,
ରହନ୍ତି ଅଦୃଶ୍ୟ ତବ ବିଶାଳ ନୟନେ,
ସ୍ୱପନ ସଂସାରେ ହୋଇ ଏକଛତ୍ରପତି,
ଅଥବା ସୁଗନ୍ଧ ହୋଇ ତବ ଅଙ୍ଗଜାତ,
କରନ୍ତି ଚୌଦିଗେ ମୁହିଁ ସୁବାସିତ ସୁଖେ !
ଉପବନ କୁସୁମର ବିକଚ ସମ୍ଭାର,
ହେବାକୁ କେତେମେ ସତେ ଲାଳସୁଛି ନାଁ ବନ୍ଧୁ !

ଲଳିତା :—କରୁଅଛ ଏବେ ମୁଗ୍ଧା ବଧୂର ଅପେକ୍ଷା
ନ ବୁଝିନ୍ତି ଅନ୍ତରର କାତରତା ମମ ।
ଯା ଥିଲା ମୋହର ସବୁ ଦେଇଛି ଅଜାଡ଼ି,
ସ୍ନେହର ଅଞ୍ଜଳିରୂପେ ତବ ବିନୋଦନେ ।
ନୁହେଁ ମୁଁ ସ୍ୱତନ୍ତ୍ର ଆଉ ନାହିଁ ମୋର ସତ୍ତା,
ଭିନ୍ନ ହୋଇ ତୁମଠାରୁ ଯେସନେ କୌମୁଦୀ,—
ନାହିଁ ତା' ପୃଥକ ସ୍ଥିତି କଳାକରଠାରୁ
ରହେ କି ପୃଥକ କେବେ ଛାୟା କାୟାଠାରୁ ?
ସଅଁପିଲି ଏ ହୃଦୟ ଯେଦିନ ତୁମକୁ,
ସରିଲା ସେଦିନ ମୋର ଅନୁଭବ ପାଳ ।
ଭଲ ମନ୍ଦ କିଛି ଆଉ ନାହିଁ ମୋ ବିଚାର,
ତୁମର ଯା' ଭଲ ମନ୍ଦ ତାହାହିଁ ମୋହର ।
ଜାଗରଣେ ତୁମେ ମୋର ସମସ୍ତ ସଂସାର,
ଶୟନେ ତୁମେ ହିଁ ମୋର ସ୍ୱପନ-ବିଭବ !

Digitized by srujanika@gmail.com

କର୍ଣ୍ଣଧାର ତୁମେ ମୋର ସ୍ନେହ-ତରଣୀର,
ଦେଇଛୁ ଭସାଇ ଯାକୁ ଯୌବନସାଗରେ ।
ଚଳାଇ କ୍ଷେପଣୀ ଦୁହେଁ ଚାଲି ଯିବା ଭାସି,
ସ୍ନେହ ରାଜ୍ୟେ ଯହିଁ ନାହିଁ ବିଭବ ବିଚାର,
ପ୍ରେମ ଯହିଁ ନିୟାମକ ସକଳ ବସ୍ତୁର,
ନ ଥାଏ ବିବେକ ଯହିଁ ହୃଦୟ ଦମନେ,
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା ଆକାଶ ଅବନୀ
ଗାଆନ୍ତି ସକଳେ ଯହିଁ ପ୍ରେମର ସଙ୍ଗୀତ ।

ଯଯାତି :—ଅବନମି ଯାଏ କମ୍ପା ସହସା ଏ ମନ,
ଆଶଙ୍କାକାତର ହୁଏ କେଜାଣେ କାହିଁକି ?
ଉଚ୍ଚ ହୋଇ ସିନ୍ଧୁ ଶିରେ ନିରେଖି ସୁଦୂରେ,
ତରଙ୍ଗବିଳାସ, ସୁଖେ ମୋହୁଥିଲି ମନ,
ପ୍ରବେଶି ସାଗରମଧ୍ୟେ ଦେଖି ସେ ଲହରୀ,
ଭୟ ହୁଏ ହେବି କି ମୁଁ ରସାତଳଗାମୀ ।
ରାଜାର ନନ୍ଦିନୀ ତୁମେ କୁମାରୀ ସୁନ୍ଦରୀ,
ସାମାନ୍ୟ ତରୁଣ ସହ ଗୋପନେ ମିଳନ,
ଭୟ ହୁଏ ପରିଣାମେ ପାଇଲେ ପ୍ରକାଶ,
ଶିହରି ଉଠେ ମୋ ତନୁ ଭାବିଲେ ସେ କଥା ।

ଲଳିତା :—ଏତେ କ୍ଷୀଣ ତବ ସ୍ନେହ ଏତେ ଅଗଭୀର,
ଓଷ୍ଠମାନସ୍ଥିତ ତବ ପ୍ରେମର ବେଭାର
ନୋହେ ଯଦି ହୃଦରାଜ୍ୟ ଅଧିକାରୀ ପ୍ରେମ,
ଚାଲିଯାଏ ଭୟେ ଭୟ ଛାଡ଼ି କାହିଁ ଭୟ,
ସଙ୍କୋଚ ସଙ୍କୋଚେ ଅନ୍ତ ଯାଏ ଅପସରି,
ଲାଜ ପାଇ ଲଜ୍ଜା ନିଜେ ଯାଏ ଦେଶାନ୍ତର ।

Digitized by srujanika@gmail.com

ଅଗାଧ ପ୍ଲାବନ ଯହିଁ ବିଶୁଦ୍ଧ ପ୍ରେମର,
ଯିବ ତ ତରଣୀ ସେଠି ଆପେ ଆପେ ଭାସି,
ଉଚ୍ଛ୍ୱାସ ଅନଳ ଭରା ବାଡବସ୍ତ ଯୋଗେ
ଉପେକ୍ଷି ପ୍ରସ୍ତର ବାଧା, ଉଚ୍ଛ ହୋଇ ସୁଧା
ରହେ ଯାହା ବନ୍ଧୁ ମାତେ, ଗମ୍ଭୀର ସଲିଳେ
ଲୁଚଇ ନିଜକୁ ଦେଖି ପ୍ରେମର ପ୍ରବାହ ।
ନୁହେଁ ସେ ବିଶୁଦ୍ଧ ପ୍ରେମ ଯାହା ପାଇଁ ଜଣେ,
ନ ପାରେ ତେଆଗି କୁଳ ଜୀବନ ବିଭବ ।
ଅଛି ଯେବେ ସେହିପରି ପ୍ରେମ ତବ ହୃଦେ,
ଦାନ କର ନାଅ ପୁଣି ବିନିମୟେ ତାହା ।
ଅନ୍ୟଥା ବିଦାୟ ଦିଅ ଚାଲିଯାଏ ମୁହିଁ,
ଝୁରି ଝୁରି ମରିବାକୁ ସେ ପ୍ରେମ ଚିନ୍ତନେ ।

ଯଯାତି :—ନ କର ଗୋ ମାନ ପ୍ରିୟେ ଜୀବନ ସଙ୍ଗିନି !
ତୁମକୁ ଦେଇଛି ସର୍ବ ଜୀବନର ସବୁ ।
ନାହିଁ ଭୟ ମୋହ ପାଇଁ ଟିକେ ହେଲେ ମନେ,
ହେଉଥିଲା ଉଦବେଗ ଖାଲି ତୁମ ପାଇଁ ।
ଯାଇଛି ସେ ଚିନ୍ତା ଏବେ ଲଜ୍ଜା ଦେଇ ମୋତେ,
ଆଜ୍ଞାବହ ମୁହିଁ ତବ ଯାବତ ଜୀବନ ।

ଲଳିତା :—ଶୁଣ ଗୋ ଶୁଭୁଛି ଡାକ ସାଗର ସେପାରୁ,
ଭାସିଆସେ ମଳୟେ ସେ ପିକ କୁହୁସ୍ୱରେ ।
ଶୁଣ ବାରେ କାନ ଡେରି ଡାକେ ଦେବଦୂତ,
ଚାଲ ଯିବା ଦୁହେଁ ଆମେ ନନ୍ଦନକାନନେ ।
ନାହିଁ ଯହିଁ ଚିନ୍ତା କିଛି ଐହିକ ଉଦ୍‌ବେଗ,
ଅଛି ଯହିଁ ଖାଲି ଭରା ବିଶୁଦ୍ଧ ଆନନ୍ଦ ।

Digitized by srujanika@gmail.com

ନାଚିବା ଗାଇବା ମାତି ଯେ ହୃଦୟ ଆନନ୍ଦେ,
ଜୀବନ ବିତାଇଦେବା ସେହି ସୁଧା ସମ୍ଭାରେ ।

—:୦:—

ଲଳିତା ଓ ବିମଳା

ବିମଳା :—ଦିଅ ଗୋ ବିଦାୟ ଏବେ ବନକୁରଙ୍ଗୀକୁ,
ଶିଥିଳ ହୋଇବା ଆଗୁ ତବ ବନ୍ଧୁ ସ୍ନେହ ।
ନ ରହେ ଆଗ୍ରହ ଆଉ ପ୍ରତିମାପୂଜନେ,
ପହଞ୍ଚିଲେ ସମାଧିର ଶେଷସ୍ତରେ ଯାଇ,
କମିଯାଏ ଧୀରେ ଧୀରେ ନୈବେଦ୍ୟର ଆଦର,
ଉପଶମ ହେବା ସଙ୍ଗେ ସଙ୍ଗେ ଆମୟର ।
ପୂର୍ଣ୍ଣ ତବ ମନସ୍କାମ, ଲଭିଅଛ ସିଦ୍ଧି
ତୋଳ ଏବେ ସୁଖସୌଧ ପ୍ରୀତି-ସରଞ୍ଜାମେ ।
ବିହର ସ୍ୱଚ୍ଛନ୍ଦେ ସେଥି ମଳୟ ଯେସନ,
ଖେଳି ବୁଲେ ପରିମଳ ଶତ କୁସୁମର ।
ଯାଉଥିବ ଭାସି ଯେବେ ଆନନ୍ଦସାଗରେ,
ତରଙ୍ଗର ତାଳେ ଗାଇ ମଧୁର ସଙ୍ଗୀତ,
ପଡ଼ିବ କି ମନେ ତେବେ, ଥିଲା ଜଣେ ଆଉ
ପ୍ରିୟତମ ପରି ପ୍ରିୟ ଅନ୍ତରଙ୍ଗ ବନ୍ଧୁ ?
କରିବ ବା ଆଶା କିମ୍ବା ଜାଣି ଶୁଣି ବ୍ୟର୍ଥ,
ଜାଣେ ମୁଁ ନ ଅଛି ମୋର ସେପରି ସୌଭାଗ୍ୟ ।
ହେବି ମୁଁ କୃତାର୍ଥ ଯେବେ ଦିଅ ଗୋ ବିଦାୟ,
ଥିଲାବେଳେ ଭରା ହୃଦ ସ୍ନେହର ଜୁଆରେ ।

Digitized by srujanika@gmail.com

ଲଳିତା :—ଜଣା ତ ନ ଥିଲା ତୁମେ ଏଭଳି ନିଷ୍ଠୁର,
କୁଠାର ଆଘାତ ପରି ଲାଗେ ତବ ଗିର ।
ମିଶାଇ ପରାଣେ ପ୍ରାଣ ରହି ଏତେ କାଳ,
ଗୋଟିଏ ଅନ୍ତର ହୋଇ ଦୁଇଟି ଶରୀରେ,
ନ ବୁଝିଲ କେତେବେ ହେଲେ ସରଳ ମୋ ମନ,
ଭାବୁଛ ପାଶୋରି ଯିବ ତୁମକୁ ଜୀବନେ !
କିଏ ସେହି ଅଧିଷ୍ଠାତ୍ରୀ ଦେବୀ ଏ ଉତ୍ସବେ,
ସମ୍ଭବିଲା ଏ ଉଦ୍ୟମ କାହାର ଉଦ୍ୟମେ ?
ପାରିବି କି ଭୁଲି ସଖି, ତବ ଉପକାର,
ଥିବ ଜଡ଼ ଆତ୍ମା ସହ ଯେତେଦିନ ସ୍ମୃତି ।
କରନ୍ତି ମିନତି ଏକ ସର୍ବାନ୍ତଃକରଣେ,
ଜାଣନ୍ତି, ତୁମର ଯଦ୍ୱ ସମସ୍ତ ବୃତ୍ତାନ୍ତ ।
ଗୃଲଗଲା ଏତେଦିନ ନ ହେଲା ତଥାପି,
ମିଳିବାକୁ ଏ କପାଳେ ତବ ପରିଚୟ ।
ବରଜାଙ୍କ ନାମ ପଛେ ଲୁଚାଇ ନିଜକୁ,
ପଶିଛ ଗଭୀରତମ ଦେଶେ ମୋ ମନର ।
ବିମଳା :—କି କଥା କହନ୍ତ ସଖି ଜାଣିଲେ ବୃତ୍ତାନ୍ତ,
କହୁ ନାହିଁ ଆଗରୁ ରୀ, ଜାଣ ତ ମୋ ମନ ।
ଲଳିତା :—କରନ୍ତି ମୁଁ ଅନୁରୋଧ ସନିର୍ବନ୍ଧ ସଖି,
ରହିବାକୁ ଚିରକାଳ ସହୋଦର ଭାବେ ।
ଯେପରି ଥାଏଁ ମୋହ ସହ ସକଳ ଦଶାରେ,
ସ୍ୱଚ୍ଛନ୍ଦଭାଗିନୀ ହୋଇ ସମ୍ପଦେ ବିପଦେ ।
ବିମଳା :—ରାଜାର ନନ୍ଦନୀ ଆଜି କାଲି ରାଜେଶ୍ୱରୀ,
ତାଙ୍କ ସହ ଅଧମାର ଆଜୀବନ ପ୍ରୀତି—

Digitized by srujanika@gmail.com

ଅସମ୍ଭବ, ହାସ୍ୟାସ୍ପଦ, ମର୍ଯ୍ୟାଦା ଲଙ୍ଘନ,
ତା'ର ସଙ୍ଗେ ଖଦ୍ୟୋତର ପ୍ରଣୟ ଯେସନ ।

ଲଳିତା :—ଜାଣେ ମୁଁ ନିପୁଣ ତୁମେ ଅଯଥା ବିତର୍କେ,
ଭୁଲାଇବା ପାଇଁ ମୂଳ ଉଦ୍ଦେଶ୍ୟ କଥାର ।
କଥାଛଳେ ଏଡ଼ିବାକୁ ଚାହଁ ମୋର ପ୍ରଶ୍ନ,
କରିଆସେ ଯାହା ତବ ପରିଚୟ ଦେନ ।
ରାଜାର ନନ୍ଦିନୀ କାଲି ରାଜାଦେଶେ ରାଜ୍ୟ,
ହେବ ବହିଷ୍କୃତା ଅବା ଦଣ୍ଡିତା ଜୀବନେ ।
କେ ଜାଣେ କି ହେବ ତା'ର କପାଁ ସେ ପ୍ରସଙ୍ଗ,
ଉଠାଉଛ ଅସମୟେ ଦୁଃଖ ଦେଇ ମନେ ।
ହେବାପାଇଁ ହଟହଟା ଅଛି ମୋ କପାଳେ,
ତେଣୁ ଆସେ ପରିହାସବାଣୀ ତବ ମୁଖେ ।

କମଳା :—ରାଗୁଛ କି ସଖି ମୋର ପ୍ରଗଲ୍‌ଭ ବଚନେ,
ବଢ଼ୁଥିଲ ମନ ତବ, ନୂତନ ପ୍ରସଙ୍ଗେ ।
ରହିଛି ସେପରି ଅବା ଯାଇଛି ବଦଳି,
ନୂଆ ପାଇ ପୁରୁଣାକୁ କରି ଅନାଦର ।
ଦେଲଣି ଭସାଇ ଯେବେ ପ୍ରଣୟତରଣୀ,
ବହିବ କି ଝଡ଼ କେବେ କେଜାଣେ ସାଗରେ ।
ଲାଗିବ କେଉଁଠି ନାଆ ନାହିଁ ତ ଠିକଣା
ସ୍ଥିତିଚେନ୍ଧ ପରସ୍ପର ବିଚ୍ଛେଦ ସମ୍ଭବ ।
କହୁଛି ଶୁଣ ଗୋ ତେଣୁ ମୋର ପରିଚୟ;
ସାମାନ୍ୟ ଯେ କଥା ନାହିଁ ବେଶୀ କିଛି ସେଥି ।
ଯଯାତି ମୋ ସହୋଦର ମୁଁ ତା'ର ଭଗିନୀ,
ଅଭାଗୀ ମାତାର ଆମେ ଯମଜ ସନ୍ତାନ ।

Digitized by srujanika@gmail.com

ଗୁଡ଼ ତାଙ୍କୁ ମଧ୍ୟରେ ମୁଁ ଯାଉଥିଲି ବୁଲି,
ବସନ୍ତର ଉପଭୋଗେ ଅରଣ୍ୟ ପ୍ରଦେଶେ ।
ଭେଟିଲି ସଂଯୋଗେ ସେଠି ମୂର୍ଚ୍ଛିତା ତୁମକୁ,
ତା'ପରେ ଭାଗ୍ୟକୁ ଆସି ଜେମାଙ୍କ ସଙ୍ଗିନୀ ।

ଲଳିତା :—ରହୁଛି ସେପାଇଁ ରୂପେ ଏତେ ସଦୃଶତା,
ଲାଗୁ ତ ନ ଥିଲା ଏହା କେବେ ମୋ ମନକୁ,
ନିର୍ବୋଧ ମୁଁ ବାସ୍ତବିକ, ସାମାନ୍ୟ ଏ କଥା,
ପାରୁ ତ ନ ଥିଲି ବୁଝି ଏତେଦିନ ଯାଏଁ ।
ଭାଇ ଭଉଣୀଙ୍କ ସଙ୍ଗେ ନୂଆ ଆଉ ଜଣେ,
ମିଶିଲା ନିକର ହୋଇ ତିନି ଜଣ ଯାକ,
ଗଢ଼ିବା ସଂସାର ଆମେ ମନ ଅନୁଯାୟୀ,
ଅଚିରେ ମିଶିବେ ପୁଣି ନୂଆ ଆଉ ଜଣେ ।
ହେବାକୁ ତୁମର ସଙ୍ଗୀ ଆମର ବାନ୍ଧବ,
ହେବ ଗୋ ସାର୍ଥକ ତେବେ ବସନ୍ତ ପୂଜନ,
ନିଭାଇବ ଅଙ୍ଗେ ଯାହା ଭଲ ହୁଅ ମନେ,
ନ ଭାବ ଗୋ ଜାଣେ ନାହିଁ ତବ ମନକଥା ।
ପ୍ରେମର ନିଗଡ଼େ ବନ୍ଧା ହୋଇ ଗୃହଜଣେ,
ସ୍ୱର୍ଗର ସମାନ ସବୁ ସୁଦିନ ଦୁର୍ଦିନ,
ହସି ହସି ଭାସିଯିବା ମନ୍ଦ ସମୀରଣେ,
ସଙ୍ଗୀତ ଝଙ୍କାର ପରି କୋମଳ ମଧୁର ।
ନ ଜାଣେ କି ଲେଖା ଅଛି ଲଲାଟେ ମୋହର
ରାଜ୍ୟତ୍ୟାଗ ଅବା ମୃତ୍ୟୁ ଅବା ଆଉ କିଛି
ଲଢ଼ିବି ମୁଁ ବିଧି ସଙ୍ଗେ ହେଲେ ଅନ୍ତରାୟ,
ରଖିବି ଅକ୍ଷୁଣ୍ଣ ପ୍ରେମ ଆମ୍ଭ ଯା ସ୍ୱପଦ ।

ରାଜା, ଯଯାତି ଓ ବିମଳା

ରାଜା:—କହ ଯ' କହିବୁ ଶୀଘ୍ର ଆତ୍ମ ସମର୍ଥନେ,
ପ୍ରମାଣିତ ତୋହ ଦୋଷ ରେ ଧୃଷ୍ଟ ଯୁବକ !
ପୁରୁଷର ସମାବେଶ ନିଷିଦ୍ଧ ଯେ ବନେ,
ଯାଇ ତୁ ଗୋପନେ ସେଠି ଅତି ଦୁଃସାହସେ,
କରିଛୁ ଉଦ୍ୟମ କାଳି କଳଙ୍କ ଲେପନେ,
ଅକଳଙ୍କ ରାଜବଂଶ ଗୌରବ ସର୍ବସ୍ୱ ।
ଯଯାତି:—ନାହିଁ କିଛି କହିବାକୁ ଆତ୍ମ ସମର୍ଥନେ,
କରେ ଆତ୍ମସମର୍ପଣ ତବ ସୁବିଚାରେ ।
ରାଜାର କୁମର ମୁହିଁ ବିମାତା-ତାଡ଼ିତ,
ବହିଷ୍କୃତ ନିଜ ଦେଶୁଁ ଆଶ୍ରିତ ଏ ରାଜ୍ୟେ,
ସରଳ ତରୁଣ ପ୍ରାଣେ କରି ନାହିଁ ସ୍ପର୍ଶ,
ଅସିତ ପାପର ଗ୍ଲୁପ୍ସା ମନ୍ଦ ଅଭିସନ୍ଧି ।
ବହୁ ଯୁଗ ପରପାରୁ ଭାସିଆସି ଧୀରେ,
ସ୍ମୃତିର ମଧୁର ମନ୍ଦ ଶୀତଳ ଅନିଳେ,
ଅବ୍ୟକ୍ତ ସନ୍ଦେଶ କଲା ଆତୁର ଅନ୍ତର,
ଭେଟିବାକୁ ପୂର୍ବଜନ୍ମ ସାଥୀକୁ ମୋହର ।
ଜାଣିଶୁଣି ପରିଣାମ ଶୁଣିଲି ସେ ବାଣୀ,
ଭେଟିଲି ଏ ଜନ୍ମେ ସେହି ଜନ୍ମାନ୍ତର ବନ୍ଧୁ ।
ଅଛି ଶକ୍ତି ନାଶିପାର ନଶ୍ୱର ଶରୀର,
କରିପାର ସାଙ୍ଗ ଏହି କ୍ଷୀଣ ଜୀବନର ।
ଅବିଚ୍ଛେଦ୍ୟ ବନ୍ଧନ ସେ ଦୁଇଟି ଆତ୍ମାର,
ଗୁଳିଛନ୍ତି ବନ୍ଧୁ ଯାହୁଁ ସାଥୀ ହୋଇ ସଙ୍ଗେ,

Digitized by srujanika@gmail.com

ଅବସାନେ ଏ ଦେହର ପୁଣି ସେ ମିଳବେ
ପରଜନ୍ମେ, ଅନ୍ତରଙ୍ଗ ହୋଇ ଦୁଇ ବନ୍ଧୁ ।
ଅରୁଣ ଅଧରେ ହାସ ପଦ୍ମ ଦର୍ଶନେ,
ଅରୁଣ ଦର୍ଶନେ ପୁଣି ପଙ୍କଜ ବିକାଶ,
ଯୁଗ ଯୁଗ ବ୍ୟାପୀ ଏହି ମଧୁର ସମ୍ପର୍କ,
ପାରେ କି ଭୁଲାଇ ଦେବେ ରାଜାର ଶାସନ ?

ରାଜା:—ତୁହେଁ ନାହିଁ ଶୁଣିବାକୁ ବାତୁଳ କବିତା,
ଅଲଙ୍ଘ୍ୟ ଶାସନ ବିଧି ପାଳିବ ଅବଶ୍ୟ ।
ଅପରାଧୀ ତୁହି ଥିଲେ ନ ଅଛି ସନ୍ଦେହ,
ଦଣ୍ଡ ଭୋଗ ଶିରଚ୍ଛେଦ ଯଥାବିଧି ଧୃଷ୍ଟ !

(ଲଳିତାର ପ୍ରବେଶ)

ଲଳିତା:—କର ପ୍ରତ୍ୟାହାର ପିତା ନିର୍ଦ୍ଦୟ ଆଦେଶ,
ନାହିଁ ଥିଲେ ଅପରାଧ ଏହାଙ୍କ ଏଥିରେ ।
ଅପରାଧ ମୋର ଯେଣୁ ଦେଇଛି ଆଶ୍ରୟ,
ଡାକିଆଣି ଯୁବକଙ୍କୁ ପ୍ରମୋଦ ଉଦ୍ୟାନେ ।
କେବଳ ଉଦ୍ୟାନେ ନୁହେଁ ହୃଦୟ ମନ୍ଦିରେ
ପୂଜାର ବିଗ୍ରହ କରି ଥାପିଛି ତାହାଙ୍କୁ ।
ଶରୀର ମୁଁ ଯିନା ଖାଲି ସେ ଯେ ମୋ ଜୀବନ,
କରିଛି ମୁଁ ତାଙ୍କୁ ପୂର୍ଣ୍ଣ ଆତ୍ମସମର୍ପଣ ।
ବିଗୃରେ ତାହାଙ୍କୁ ଯେବେ ବଧିବ ଜନକ,
ସଙ୍ଗେ ସଙ୍ଗେ ନିଅ ଏହି ପ୍ରାଣ ଲଳିତାର ।
ଅଶରୀର ଦୁଇ ଆତ୍ମା ଅବାଧ ମିଳନେ,
ଲଭିବେ ସାତ୍ତ୍ୱିକ ସୁଖ ଦେବଙ୍କ ଦୁର୍ଲ୍ଲଭ ।
କନ୍ୟା ବୋଲି ନ ହୁଅନ୍ତୁ ପକ୍ଷପାତି ପିତା,
ରାଜାର ଆସନେ କର ନ୍ୟାଯ୍ୟ ଦଣ୍ଡାଦେଶ ।

Digitized by srujanika@gmail.com

ରାଜା:—(ସ୍ୱଗତଃ) ଉତ୍‌କ୍ଷିପ୍ତ ଲଳିତା ଅବା ନିଜେ ମୁଁ ଉତ୍‌କ୍ଷିପ୍ତ,
ଦୃଶ୍ୟ ଏ ବାସ୍ତବ ଅବା ଭରତ ପ୍ରୟୋଗ ।
ଯୌବନୁଁ ଅରଜିଥିଲି ଯେତେକ ଗୌରବ,
ତୋଳିଥିଲି ଯେତେ ଉଚ୍ଚେ ରାଜବଂଶ-ବାନା,
ହେବ କି ତା ପରିଣାମ ଦୁଷ୍କୀର୍ତ୍ତି କେବଳ,
ନନ୍ଦନୀପ୍ରୂ ଆଚରଣ ଯୋଗେ ମୋ କନ୍ୟାର ?
ଗୃହଆଡ଼ି ଯିବ ଯେବେ ବ୍ୟାପି ଅପବାଦ,
ପଢ଼ିଛି ପ୍ରଣୟେ ଜେମା ଅଜଣା ଯୁବାର,
ଦହିଦେବ ଦାବାନଳ ପରି ତାହା ମୋର,
ଯତନେ ପାଳିତ ଯେତେ ସମ୍ମାନ-ପାଦପ ।
ଦିଏ ଯେବେ ଦଣ୍ଡ, ପାପ-ଗୁରୁତ୍ୱ ବିଚାରେ,
ହରାଇବ ପାଗଳିନୀ ପରାଣ ଲଳିତା ।
ଯଦି ବା ନ ଦିଏଁ ଦଣ୍ଡ ନନ୍ଦନୀ କାରଣେ,
ତୁଟିଯିବ ଏକେବାରେ ଶାସନ ସମ୍ମାନ ।
ଅଛି କି ମଧ୍ୟମ ପନ୍ଥା କିଛି ଏ ସଙ୍କଟେ,
ରହିବ ଲଳିତା ତଥା ଶାସନ ପ୍ରତିଷ୍ଠା ?
ନିର୍ବୋଧ ବାଳିକା ଛିଲେ ନ ଭାବିଲା ମନେ,
ପିତାର ଗୋଟିଏ ବୋଲି ସନ୍ତତି ସେହି ତ,
ପ୍ରଣୟୀ ତାହାର ହେବ ଉତ୍ତରାଧିକାରୀ,
ମୋହ ଅନନ୍ତ ବିଶାଳ ଏ ଉତ୍କଳ ରାଜ୍ୟର ?
ଛାଡ଼ିଲା ବିରାଜ୍ଞା ପଥ, ନିଜେ ତ ଧରିଲା,
ସାରିଲା ପିତାଙ୍କୁ ତଥା ବଂଶମର୍ଯ୍ୟାଦାକୁ ।
ଯାହା ହୁଅ ଜଗଦୀଶ ମୋର ଏ ଦୁର୍ଦ୍ଦିନେ,
ଦେଖାଅ ସରଳ ପଥ ଘୋର ଅନ୍ଧକାରେ ।

Digitized by srujanika@gmail.com

କେଉଁଆଡ଼ୁ ଶୁଭେ ଏକ ଆକାଶ ବଚନ,
କର୍ଣ୍ଣର ଗହ୍ବରେ ନୁହେଁ, ହୃଦୟ ମନ୍ଦିରେ !

ଆକାଶବାଣୀ—"ହୁଏ ଯିନା ଦ୍ରବୀଭୂତ ଚନ୍ଦ୍ରକାନ୍ତ ମଣି,
"ଚନ୍ଦ୍ରର କିରଣେ ଏକା ଅସମ୍ଭବ ଅନ୍ୟେ ।
"ଉପଯୁକ୍ତ ବର ତବ କନ୍ୟାର ଭାଗ୍ୟକୁ,
"ମିଳିଛି ସଂଯୋଗବଶେ, ନ କର ଉପେକ୍ଷା,
"ହେଉ ସେ ଜାମାତା ତବ, ସୁଯୋଗ୍ୟ ଯୁବକ,
"ବଢ଼ିବ କୁଳର ଖ୍ୟାତି ରାଜ୍ୟର ସମୃଦ୍ଧି ।"

ରାଜା—ରୁଦ୍ଧ ହୁଏ ଶ୍ୱାସ ଶୁଣି ଅଦ୍ଭୁତ ବଚନ,
(ସ୍ୱଗତଃ) ବିବେକ ନିର୍ଦ୍ଦେଶ ଏହା ଅବା ମତିଭ୍ରମ ?
ଚଞ୍ଚଳ ତ ନୁହେଁ ମତି ଧୀରସ୍ଥିର ଚିତ୍ତ,
ଶୁଣୁଛି ତଥାପି ସେହି ଅବ୍ୟକ୍ତ ନିନାଦ ।
ବିଧାତା ବିଧାନ ଏ ତ ନୁହେଁ ମାୟା କେବେ,
ମାନିବି ଏହାକୁ ହେଉ ଫଳାଫଳ ଯାହା ।

(ପ୍ରକାଶ୍ୟେ)— କି ନାମ ଯୁବକ ତବ, କାହାର ସନ୍ତାନ,
ଦିଅ ମୋତେ ପରିଚୟ ଭଲ କରି ତବ ।

ଯଯାତି—କୋଶଳ ରାଜାଙ୍କ ସୁତ ଯଯାତି ମୋ ନାମ,
ହୋଇ ଦେଶୁଁ ନିର୍ବାସିତ ବିମାତା ତାଡ଼ନେ,
ନେଇଥିଲି ଆଶ୍ରା ମାତା ବିରଜାଙ୍କ ପାଶେ,
ପ୍ରତିକାର ପାଇଁ ମମ ମନ୍ଦ ଅଦୃଷ୍ଟର ।
ଭେଟିଲି ସେହି ତ ମୋର ପୂର୍ବଜନ୍ମ ସାଥୀ,
ହୋଇଲି ସଫଳ ବହୁ ଭାଗ୍ୟ ସେ ମିଳନେ ।

Digitized by srujanika@gmail.com

ଲଳିତା—କ୍ଷମାଦିଅ ପିତା, ମୋତେ କରେ ନିବେଦନ,
ପରିଚୟେ ଯୁବକର ନାହିଁ ପ୍ରୟୋଜନ,
କରିନାଅ ମନେ ତବ ଅଭାଗୀ ନନ୍ଦିନୀ,
ଲଭିଣି ଆବାଲ୍ୟରୁ ସବୁ ସେନେହ ଯତନ,
ହରାଇଛି ପ୍ରାଣ ତାର ଅପମୃତ୍ୟୁ ଯୋଗେ,
ଦେଇ ଅଶ୍ରୁ ଦୁଇ ବିନ୍ଦୁ ଦିଅ ବିଦା ତା'କୁ;
ଯାଉ ସେ ଉଭାଇ କାହିଁ ବିସ୍ମୃତି ଅତଳନ୍ତ
ଯବନିକା ପଡୁ ଏହି ବିଶ୍ୱର ବ୍ୟାପାରେ ।
ନ ଦେଖିବେ ଲଳିତାର ଚନ୍ଦ୍ରବର୍ଣ୍ଣ କେହି,
ନ ଶୁଣିବେ ତାହା କଥା କେହି ଏ ରାଜ୍ୟର,
ଅଦିନ କୁହୁଡ଼ି ପରି ନିନ୍ଦା ଅପବାଦ,
ଗଳିଯିବ ଗୃହୁଁ ଗୃହୁଁ ହେବ ସୁନିର୍ମଳ,
ପ୍ରତିଷ୍ଠା ଆକାଶ ତବ କୀରତି କିରଣେ ।

ରାଜା—ପ୍ରାଣର ସମସ୍ତ ଆଶା ହୋଇ କେନ୍ଦ୍ରୀଭୂତ,
ରହିଛି ତୋହରି ପରା ଏ ବୃଦ୍ଧ ବୟସେ !
କଷ୍ଟଦିନେ ତୋହଠାରୁ ଘେନିବ ବିଦାୟ,
ଉପେକ୍ଷି ତୋ' ସ୍ନେହଭରା କୋମଳ ଶୁଶ୍ରୂଷା,
ତୋ ନୟନୁ ନୀର ଗଡ଼ି ସିକ୍ତ ହେଲେ ଶବ,
ହେବ ପରା ଶୀତ ତପ୍ତ ଅଶରୀର ଆତ୍ମା ।
କହୁଛୁ କିପରି ଏତେ ନିଷ୍ଠୁର ବଚନ,
ନ ବୁଝି ତୋ ଜନକର ହୃଦୟ ବିଶ୍ୱର ।
ମଯାନ୍ତି—ବରୁଛି ଜାମାତା ପଦେ ତୁମ୍ଭଙ୍କୁ ଏକ୍ଷଣି,

Digitized by srujanika@gmail.com

କରୁଛି ଅର୍ପଣ ଏହି ନଶ୍ୱର ମୃତାକୁ,
ତାହା ସଙ୍ଗେ, ଯାହା କିଛି ଅଛି ମୋ ବିଭବ,
ଅରପୁଛି ତୁମ୍ଭ କରେ ଯୌତୁକ ସ୍ୱରୂପେ ।
ହେଉ ସୁଖମୟ ତୁମ୍ଭ ଦୁହିଙ୍କ ଜୀବନ,
ରହିଥାଉ ଫୁଟେ ସୁରେ ତୁମର ସୁଖ୍ୟାତି ।
ପ୍ରଥମ ମିଳନ ତୁମ ବିରଜାଙ୍କ ସ୍ଥଳେ,
ଜଗତ-ଜନନୀ ମାତା ଜଗତ-ତାରିଣୀ
ରଖନ୍ତୁ ଦୁହିଙ୍କଯାକୁ କେଶରୀ ଉହାଡ଼େ
ଆପଦ ବିପଦୁ ସେହି ବିପଦବାରିଣୀ ।
ତାଙ୍କର ବାହନ ହେଉ ତୁମର ଆରାଧ୍ୟ,
ହେଉ ସେହି ଚିହ୍ନ ତୁମ ଶୁଭ ମିଳନର ।
ହେବ ଯେ ନୂତନ ବଂଶ ତୁମଠୁ ଆରମ୍ଭ;
ଲଭୁ ସେ ପ୍ରସିଦ୍ଧି ଲୋକେ କେଶରୀ ନାମରେ ।
ବୃଦ୍ଧ ମୁହିଁ ଶ୍ରାନ୍ତ କ୍ଳାନ୍ତ ଦୀର୍ଘ ପର୍ଯ୍ୟଟନେ,
ଦିଅ ବିଦା, ସୁଖ ମନେ ଲଭେ ମୁଁ ବିଶ୍ରାମ ।

Digitized by srujanika@gmail.com

ରାଜରାଣୀ

Digitized by srujanika@gmail.com

ରାଜରାଣୀ

ଗହନ ବନସ୍ଥ   ନିର୍ଜନ ସମସ୍ତ
ଗହଳ ବିଶାଳ ତରୁ
ମେଲି ଦେଇ ଡାଳ   କରନ୍ତି ଉଗାଳ
ସନ୍ତର କରଣ ତନ୍ତୁ ।
ଛାୟା ସୁଶୀତଳ   ନୀରବ ନିଶ୍ଚଳ
ଖାଲି ପକ୍ଷୀ କୋଳାହଳ
କେବେ କେବେ ଥରେ   ମନ ଉଲ୍ଲାସରେ
ଆସନ୍ତି ଶ୍ୱାପଦ ଦଳ ।
ରାଜାଙ୍କ ଆଦେଶ   ଏ ବନ ପ୍ରଦେଶ
ରାଇଜ ଲୋକଙ୍କୁ ମନା
ପଶିବାକୁ ନିଜେ   ଢୁଅନ୍ତି ସେ ବନେ
ଏ ବନେ ସବୁକୁ ଜଣା ।
ଶାସନ ବାହାରେ   ପର୍ବତ କାନ୍ତାରେ
ଥାନ୍ତି କେଳା ସବାଶିଆ,
ଏଠୁ ଯାଇ ସେଠି,   ସେଠୁ ଆସି ଏଠି
ବୁଲୁଥାନ୍ତି ଅଢରିଆ ।

Digitized by srujanika@gmail.com

ଥରେ ଏହି ଲୋକେ   ମେଳ ବାନ୍ଧି ଥୋକେ
ଆସିଲେ ଏ ବନସ୍ତକୁ
ପଥର କୁଡ଼ିଆ   କରିଦେଇ ଠିଆ
ରହିଲେ ସୁଖ ମନକୁ ।
ବଣ ଫଳ ମୂଳ   କରନ୍ତି ସେ ଠୁଳ
ଖାଆନ୍ତି ଗୋଧି ନେଉଳ
ରଖନ୍ତି ସେ ନିତି   ଯତନେ ସାଇତି
ଗାଁ-ମଗା ମୋଟା ଗୁଉଳ ।
ପରବ ଦିନରେ   ହରଷ ମନରେ
ଘଡ଼ରୁ ହାଣ୍ଡିଆ କରି
ଉନମତ୍ତ ପ୍ରାଣେ   ନାଚି ଗାଇ ତାନେ
ବିଳସନ୍ତି ମନ ଭରି ।
ଗଛର ବକଳ   କେବଳ ସମ୍ବଳ
ଲଜ୍ଜା ନିବାରଣ ପାଇଁ
ପତର ହାରରେ   ଶରୀର ଆବରେ
ନାହି ଇଜ୍ଜତ ବଞ୍ଚାଇ ।
ସ୍ଥାନ ନାହିଁ ଯାଙ୍କ   ଜଗତଠାଯାକ
ମାନବ ସମାଜେ କାହିଁ,
ଚିର ଉପେକ୍ଷିତ   ଘୃଣିତ ହେଳିତ
ଅଧମ ଜୀବନେ ଥାଇ ।
ଏ ଦଳ ମଧ୍ୟରେ   ବଡ଼ ବୟସରେ
ଥିଲା ଏକ ସରଦାର
ସମସ୍ତଙ୍କ ମାନ୍ୟ   ନ କରନ୍ତି ଆନ
କେହି ବଚନ ତାହାର ।

Digitized by srujanika@gmail.com

କେନ୍ଦୁ ସ୍ଥାନେ ତାର　　　　କୁଡ଼ଆ ଛିଆର
ଚଉପାଖେ ଆନଙ୍କର
ଦୂରେଇ ରହନ୍ତି　　　　ପାଖ ନ ପଶନ୍ତି
କେହି ଦଳପତିଙ୍କର ।
ଭାର୍ଯ୍ୟା ତାହାର　　　　ଥିଲା ହୁସିଆର
ବୁଢ଼ାର ଥିଲା ସହାୟ
ବରଷକ ଆଗେ　　　　ଦୂର ବନଭାଗେ
ବାଘ ମୁହେଁ ଗଲା ହାୟ !
ସନ୍ତାନ ସନ୍ତତି　　　　ନାହାନ୍ତି ବରତି
ଝିଅଟିଏ ଖାଲି ଅଛି,
ନିରେଖି ତା ମୁଖ　　　　ଲଭଇ ସେ ସୁଖ
ପାଇଛି ଭାଗ୍ୟକୁ ବଞ୍ଚି ।
ଝିଅଟି ସୁବର୍ଣ୍ଣ　　　　ଅଟେ ରୂପବନ୍ତୀ
ସବାଖିଆ ମଧ୍ୟେ ରାଣୀ,
ସରଧାରେ ଅତି　　　　ସମସ୍ତେ ଡାକନ୍ତି
ରାଜରାଣୀ ସାଆନ୍ତାଣୀ ।
ମାଆ ଅଭାବରେ　　　　ବଢ଼ିଛି ଆଦରେ
ବାପ ସ୍ନେହ ପାଇ ପାଇ
ସରଳ ତରୁଣି　　　　ନ ଜାଣଇ ଆନ
ବାପ ପାଖେ ଥାଇ ଥାଇ ।
ନ ଯାଏ ସେ ବନେ　　　　ଖାଦ୍ୟ ଆହରଣେ
ରହେ ସଦା କୁଡ଼ଆରେ,
ଆଦରେ ରହେ ସେ　　　　ଯତନ ବିଶେଷେ
ଚଳେ ବାପର କଥାରେ ।

Digitized by srujanika@gmail.com

ଦିନେ ଦିପହର   ମିଳିଲା ଖବର
ଦୁଇଟି ବଡ଼ ସମ୍ବର
ଅଳପ ଦୂରରେ   ଝରଣା ଠାବରେ
ପିଅନ୍ତି ପାଣି ମୂକର ।
ଏ ବଡ଼ ଶୀକାର   ନୁହେଁ ଛାଡ଼ିବାର
ଧାଇଁଲେ ଯେତେକ ଥିଲେ,
ନର ନାରୀ ଯେତେ   ସର୍ଦ୍ଦାର ସମେତେ
ଠିକଣାରେ ପହୁଞ୍ଚିଲେ ।
ପଶୁ ସେ ଚଞ୍ଚଳ   ଶୁଣି କୋଳାହଳ
ପଳାଇଲେ ପ୍ରାଣଭୟେ,
ଦଉଡ଼ିଲେ ସବେ   ଉତ୍କଣ୍ଠ ରବେ
ବଡ଼ ଶୀକାରର ଲୋଭେ ।
ଦୂରେଇ ଦୂରେଇ   ଗଲେ ସେ ଗୋଡ଼ାଇ
ମାରିବେ ବୋଲି ସମ୍ବରେ
ନ ଗଲା ତ ଭୁଲି   ରହିଗଲା ଖାଲି
'ରାଜରାଣୀ' ତାହା ଘରେ ।
ବସି ଏକୁଟିଆ   ବଳକଳ ସିଆଁ
ଚଳାଇଛୁ ଖୁସି ମନେ
କବିକୁ ଅଜଣା   ତା ହୃଦ ଭାବନା
ଅବା ଇଚ୍ଛା ଯଉବନେ ।
ଅଳ୍ପଦୂରେ କିଏ   ଉଚ୍ଚେ ଡାକ ଦିଏ
ଶୁଣିଲା ଚକିତ ରାଣୀ
କାନ ଡେରି ଶୁଣେ   ମନେ ମନେ ଗୁଣେ
କାହାର ଆତୁର ବାଣୀ ?

Digitized by srujanika@gmail.com

"କେ ଅଛ କୁଆଡ଼େ ଚାହଁ ଗୋ ମୋଆଡ଼େ
ଭିକାରୀ ମୁଁ ପଥ-ହୁଡ଼ା
"ଏ ଘୋର ଅରଣ୍ୟ ହେଲି ଅବସନ୍ନ
ଭୋକେ ହେଲି ନାକବୁଡ଼ା ।
"କିଏ ସେ ଅଛ ଗୋ, ମୋ ପ୍ରାଣ ରଖ ଗୋ
ଦିଅ ମୁଠେ ମୁଖେ ଅନ୍ନ
ସଞ୍ଜାକୁ ଚାଲୁଛି ପଥ ନ ସରୁଛି
ଉଚ୍ଛନ୍ନ ହେଲାଣି ମନ ।"
ଭାବିଲା କୁମାରୀ ଶବଦରୁ ବାରି
ନଶ୍ଚେ ଏ ଗ୍ରାମର ଜନ
ବାଟ ହୁଡ଼ି ଭ୍ରମେ ବନପ୍ରାନ୍ତେ ଭ୍ରମେ
ହୋଇଥିବ ଅବସନ୍ନ ।
ଚାହିଁ ଚାହିଁ ଆସି- ଗଲା ଉପବାସୀ
କାତର ଭିକାରୀ ପାନ,
ମଳିନ ବସନ ରୂପ ଅଯତନ
ଆତଙ୍କେ ହୋଇଛି ଶୀର୍ଣ୍ଣ ।
ଅତି ବିକଳରେ ସକରୁଣ ସ୍ୱରେ
ବଢ଼ାଇ ଦେଲା ସେ ହାତ
ଆତୁରେ ଚାହିଁଲା କାତରେ ମାଗିଲା
"ଦିଅ ଗୋ ମୁଠିଏ ଭାତ ।"
ଚାହିଁ ଦେଲା ରାଣୀ ସରଳ ଚାହାଣି
ଭିକାରୀ ଆତୁର ମୁହେଁ
ହୋଇଗଲା ମେଳ କ୍ଷଣେ ଏକ ବେଳ
ଚାରି ଚକ୍ଷୁ ହେଲେ ଦୁହେଁ ।

Digitized by srujanika@gmail.com

ପିଇଁଲା ପଚର   ପଡ଼ିଗଲା ତଳ
ମନ କାହିଁ ଗଲା ଗୃଳି
(ତେଣେ) ଭିକାରିର ଭୋକ   ହୋଇଗଲା ରୋକ
ଗୃହିଁ ରହିଲା ସେ ଖାଲି ।
ଉଠି ସେ ଲଳନା   ହୋଇ ଅନ୍ୟମନା
ପାଇଲି ଅଳପ ଭାତ,
ହାଣ୍ଡିଆ ନିମିତ୍ତ   ହୋଇଛି ସଞ୍ଚିତ
ଖୋଜିବେ ନିଶ୍ଚୟ ତାତ ।
ଛିଡ଼ା ହୋଇ କ୍ଷଣେ   ଛନ୍ନ ଛନ୍ନ ମନେ
ଭାବି କରୁ ପାରୁନାହିଁ
ହୋଇ ଇତସ୍ତତଃ   ହେଲା ଦୃଢ଼ମତ
ଦେଲା ଭାତ ସେ ବଢ଼ାଇ ।
କହିଲା ସରମେ   ବ୍ୟଥିତ ମରମେ
"ନିଅ ହେ ଭିକାରି ଅନ୍ନ,"
ବଢ଼ାଇଲା ହାତ   ନେଲା ସେହୁ ଭାତ
ମନ ହେଲା ଛନ୍ନ ଛନ୍ନ ।
ବସିଲା କୁମାରି   ନିଶୁଆସ ମାରି
ପିଇଁଲା ପଚର ପୁଣି,
ବାହୁଡ଼ିଲା ଧୀରେ   ଅସ୍ଥିର ମନ୍ଥରେ
ଭିକାରି ନାରୀକୁ ଗୁଣି ।
ଏଣେ ସବାଖିଆ   ହୋଇ ଉଲ୍ଲସିଆ
ଫେରିଲେ ଶିକାର ମାରି,
ଅପାର ଆନନ୍ଦ   ହର୍ଷ ଗଦଗଦ
ବହୁଦିନ ପିବ ଗୃଳି ।

Digitized by srujanika@gmail.com

ହୋଇଲା ପ୍ରସ୍ତାବ   ସରଦାର ଠାବ
ରଜନୀ ପାହିଲେ ସର୍ବେ,
ହାଣ୍ଡିଆ ପିଇବେ   ସମ୍ବର ଖାଇବେ
ଗାଇବେ ନାଚିବେ ଗର୍ବେ ।
ସକଳେ ଫେରିଲେ   ଯେ ଯାହା କୁଟୀରେ
ସରଦାର ତାଙ୍କୁ ଠାବେ—
କହିଲେ ଝିଅକୁ   ବଡ଼ ସମ୍ବରକୁ
ମାରିଲେ କେମନ୍ତ ଭାବେ ।
କାନ ତ ଶୁଣିଲା   ମନ ନ ଘେନିଲା
ମନ ଉଡ଼େ ଯାଇଁ କାହିଁ
ଝିଅ ମନକଥା   ଅନ୍ୟମନସ୍କତା
ବାପ ଜାଣି ପାରୁ ନାହିଁ ।
କଥା ଶେଷ ହେଲା   ବାପା ଆଜ୍ଞା ଦେଲା
ହାଣ୍ଡିଆ କର ତିଆରି,
କାଲି ତ ଖାଇବୁ   ଗାଇବୁ ନାଚିବୁ
ଶିକାର ଦେଇଛୁ ମାରି ।
ପଚସିଆଁ ରଖି   ଉଠିଲା ଚମକି
ରମଣୀ ଗୃହିଁଲା ଶୂନ୍ୟେ,
ନାହିଁ ତ ସେ ଭାତ   ହାଣ୍ଡିଆ ବରତ
କପଟ ରଖିବ ଗୁଣେ ।
କଥା ନ ଫିଟାଏ   ଭୟେ ଥରମାଏ
ଭାବେ ସେ କରିବ କ'ଣ,
ଏହି ତ ପ୍ରଥମ   ଏମନ୍ତ କରମ
କରିଛି ଆଜ୍ଞା ଲଙ୍ଘନ ।

Digitized by srujanika@gmail.com

ଚତ୍ତୁର ସର୍ଦ୍ଦାର   ଦେଖି ବାରମ୍ବାର
          କନ୍ୟା ଖିନ୍ନ ଅଲ୍ପ ଭିନ୍ନ
ପଚାରିଲେ ଧୀରେ   ସୁକୋମଳ ଗୀରେ
          'କି ହେଲା କନ୍ୟା ମଳିନ ।'
ବାରମ୍ବାର ପ୍ରଶ୍ନ   କରିଲା ଉଛନ୍ନ
          ନ ପାରିଲା ରଖି କଥା,
କହିଦେଲା ରାଣୀ   ସୁସରଳ ବାଣୀ
          ସରମେ ପୋତିଣ ମଥା ।
"ଭିକ୍ଷୁ ପଥ ଭ୍ରମି   ବନସ୍ତ ଭରମି
          ଆସିଲା ମାଗିଲା ଅନ୍ନ,
ହାଣ୍ଡିଆ ଭାତକୁ   ଦେଲି ପଥିକକୁ
          ଥିଲା ଅତି ଅବସନ୍ନ ।"
ଉଠିଲା ଚମକି   ରହିଲା ଥମକି
          ନ ପାରିଲା କିଛି କହି,
ତରାଟି ରହିଁଲା   ରୋଷ ପ୍ରକାଶିଲା
          ଅଭିମାନ ମନେ ବହି ।
"ବାପା ତୋ ନ ହେଲା   ପଥିକ ସେ ହେଲା
          କେମନ୍ତେ ବାପର ତୋର,
ପୋଷିଲି ପାଳିଲି   ଯତ୍ନେ ବଢ଼ାଇଲି
          ତୁ ପରା ଦୁହିତା ମୋର !
କିସ ତୋର ମନ   ଦେଲୁ କପାଁ ଅନ୍ନ
          ଅଛଇ କିଛି ଗୋପନ,
ନ କହୁଛୁ ମିଛେ   ଜାଣିଦେବ ନିଶ୍ଚେ
          ଧିକ ତୋ ପାପ ଜୀବନ ।"

Digitized by srujanika@gmail.com

ଶୁଣି କଟୁ ବାଣୀ ସୁକୁମାରୀ ରାଣୀ
କାନ୍ଦିଲା ମନ ସନ୍ତାପେ,
ଲୁହ ଝର ଝର ବହୁଥାଏ ଖର
ନୟନରୁ ଆପେ ଆପେ ।
ସ୍ନେହୀ ସରଦାର ଦେଖି ଏ ପ୍ରକାର
ହେଲା ଅଭିଭୂତ ଅତି,
ନ ବଢ଼ାଇ କଥା ଧୀରେ ନଇଁ ମଥା
ଭାବିଲା ହସ୍ତୀର ଗତି ।
ସ୍ଥିର କଲା ମନ ଛାଡ଼ି ଏହି ବନ
ଚାଲିଯିବ ଅନ୍ୟ ଠାବେ,
ଅଶୁଭ ଶକୁନ ଦେଖି ଶୁଣି ପୁଣି
ରହିବ ତେବେ କି ଭାବେ ।
ଭୋଜି ହେଲା ବନ୍ଦ ଘଟିଥିଲା ମନ୍ଦ
ବାହାରର କଏ ଜଣେ,
ଆସିଲା କପାଇଁ ଗଲା ଚାଲି କାହିଁ
ସନ୍ଦେହ ହୋଇଲା ମନେ ।
ଗଣିଲେ ପ୍ରମାଦ ଘୋର ଅବସାଦ
କେ ଜାଣି କି ଯିବ ଘଟି,
ଶାନ୍ତ ସର୍ଦ୍ଦାର କଲେ ପ୍ରତିକାର
ପଳାଇବେ ସବୁ ହଟି ।
ବହୁ ଦୂରେ ଯାଇଁ କଷ୍ଟଦାନ ଥାଇ
ଅପେକ୍ଷିବେ କି ଘଟଣ,
ଘଟେ କଷ୍ଟ ଯେବେ କଥା ବୁଝି ତେବେ
ଉପାୟ ହେବ ଚିନ୍ତନ ।

Digitized by srujanika@gmail.com

ପାଳୁଆ ଟୋକେଇ ହାଣ୍ଡି ବଡ଼ା ନେଇ
ପଳାଇଲେ ସବାଖିଆ,
ଢଡ଼କେ ସେ ସ୍ଥାନ ହେଲା ଶ୍ମଶାନ
ବନ ମାଝେ ଏକୁଟିଆ ।
ମଣ୍ଡନ ମଳିନ 'ରାଜରାଣୀ' ଧାନ
ଚାଲିଛି ବାପା ସଙ୍ଗତେ,
ମନେ ମନେ ଭାଳେ ଆଉ କାଳେ କାଳେ
ଭେଟିବ ଭଜାଙ୍କ ସତେ ?
କି ଜାଣେ କୁହୁକ କରିଦେଲା ମୂକ
ନ ପାରିଲି କିଛି କହି,
କେଉଁ ଗ୍ରାମ ଘର କି ନାମ ତାଙ୍କର
ନାହିଁ ଜାଣି ପାରିଲଇଁ ।
କି ପାଶ ବନ୍ଧନେ ବାନ୍ଧିଲା ନୟନେ
ନିମିଷକେ ହେଲି ବଶ;
ବାନ୍ଧି ମୋତେ ଦେଇ ସେ ଗଲେ ଉଭେଇ
ହେଲା ବିନା ଅପଯଶ ।
ଚାଲୁ ଚାଲୁ ବାଳା ହୁଏ ମଉଆଳା
ଥମକି ପଡ଼ଇ କ୍ଷଣେ,
ଏଣେ ବାପ ଗାଳି ଶୁଣି ହୁଏ ଭାଳି
କପାଁ ଭାବେ ସେହି ଜନେ ।
ପୁଣି ସେହି କଥା ଭରିଦିଏ ମଥା
ମନ ଚାଲିଯାଏ କାହିଁ,
ଶଗଡ଼ରଟା ଖାଲି ଯାଉଥାଏ ଚାଲି
ଯନ୍ତ୍ରପରି ଯାଏ ବାହି ।

Digitized by srujanika@gmail.com

ଯେଉଁ ପଦ ଖାଲି   କହୁଛି ଭିକାରୀ
କାତରେ ବଢ଼ାଇ ହାତ,
ଘୋଷେ ମନେ ମନେ   ପଦକ ବଚନ
'ଦିଅ ଗୋ ମୁଠାଏ ଭାତ ।'
ଏ ପଦକ ବାଣୀ   ହୃଦ ଦିଏ ହାଣି
ଅଧୀର ହୁଏ ସେ ବାଳୀ,
ଶରୀରୁ ବାହାରି   ମନ ଯାଏ ଚାଲି
ଝୁରି ହୁଏ ଭଳି ଭଳି ।
ନୂଆ ସ୍ଥାନେ ଯାଇ   କୁଡ଼ିଆ ମେଲାଇ
ରହିଲେ ଜଙ୍ଗଲୀଯାକ,
ବହୁଦୂର ଦେଶ   ବନସ୍ତର ଶେଷ
ନ ପଶିବେ କେହି ପାଖ ।
ରହିଲେ ସକଳେ   ଯେ ଯାହା କାମରେ
ପାସୋରି ମନ୍ଦ ସୂଚକ,
ବାଳିକା କେବଳ   ଭାବେ ନିରନ୍ତର
ଭିକାରୀ କଥା ପଦକ ।
ଶୁଭୁଥାଏ କର୍ଣ୍ଣେ   ସଦା ସେ ବଚନେ
ଦିଶିଯାଏ ଦ୍ୱାରଦେଶେ,
ଯେପରି କି ସେହି   ଆସିଛି କି ଏହି
କେହି ସେ ଭିକାରୀ ବେଶେ ।
ଝୁରି ଝୁରି ରାଣୀ   ହେଲଣି ବାୟାଣୀ
ଛାଡ଼ିଲଣି ଖିଆ ପିଆ,
କ୍ରମେ ତନୁ କ୍ଷୀଣ   ହେଲା ଜୀର୍ଣ୍ଣ ଶୀର୍ଣ୍ଣ
ହୋଇ ନ ପାରେ ସେ ଠିଆ ।

Digitized by srujanika@gmail.com

ଗୁଣୁ ଗୁଣୁ ସ୍ୱରେ   ବଚନ ସୁମରେ
'ଦିଅ ଗୋ ମୁଠିଏ ଭାତ,'
ଦେଖି ଝିଅ ଦଶା   ଉଡ଼ିଲାଣି ହଂସା
ଅଧୀର ସେନେହୀ ତାତ ।
ପଚାର ପଚାର   ନ ପାରିଲା କାଢ଼ି
କିସ ସେ ବଚନ ଅର୍ଥ,
ଶେଷାଷ୍ଟ୍ରୁ କପାଳଁ   ବୁଝାଗଲା ନାହିଁ
ସବୁ ଚେଷ୍ଟା ହେଲା ବ୍ୟର୍ଥ !
ସରଦାର ବୁଢ଼ା   ହୋଇ ବୁଦ୍ଧି ହୁଡ଼ା
ଭାବିଲା ଏ ମନ୍ତ୍ରବଳ,
(ସେହି) ବାହାର ଜଣକ   କରିଛି ଏତେକ
ତାହାର ଏ କଉଶଳ ।
ସବାଖିଆ ଦଳେ   ନାଶିବାକୁ କଳେ
ଆସିଥିଲେ ଦୁଷ୍ଟ ସେହି,
ଭାଗ୍ୟ ସେହିବେଳେ   ନ ଥିଲେ କେ ହେଲେ
ନ ପଢ଼ିଲେ ମନ୍ତ୍ର କେହି ।
ନିର୍ବୋଧ ବାଳକା   ଦେଖି ଭିକ୍ଷୁକା
ପଢ଼ିଲା ତ ମନ୍ତ୍ର ଆଗେ,
ନିଶ୍ଚୟ ଏ ସତ୍ୟ   ସମସ୍ତଙ୍କ ମତ
କର୍ମେ ସରଦାର ରାଗେ ।
କେତେ ଯେ ଔଷଧ   ଚେର ମୂଳ ଗଛ
ହେଲାଣି ରାଣୀକୁ ଦିଆ,
ବହୁଥର ଝାଡ଼ୁ   ମନ୍ତ୍ରପାଣି ସିଞ୍ଚି
କ୍ଷାନ୍ତ ସବୁ ସବାଖିଆ ।

Digitized by srujanika@gmail.com

ସରବେ ନିରସ୍ତ		ହେଲଣି ସାବ୍ୟସ୍ତ
ନ ବଞ୍ଚିବ ପ୍ରାଣୀ ଆଉ ।
ପଡ଼ିରହି ତଳେ		ବିନା ଅନ୍ନ ଜଳେ
ଯେତେଦିନ ବଞ୍ଚି ଥାଉ ।

ଶୁଣ ପାଠକେ କାହାର ପଡ଼ିବା,
କାହିଁ ଅଛି ସେ ଭିକାରୀ ଖୋଜିବା ।
ବାଳା ଯାକୁ ଭାବ ଜୀବ ମୁ ରୁଛି,
ଯାହା କଥା ପଦ ଘୋଷି ମରୁଛି ।
ଅନ୍ନ ମୁଠିକ ନେଇଣ ଭିକାରୀ,
ଗଲା ନିରଜନ ପଥ ବାହାରି ।
ଚାହିଁ ଦେଲା ଦେଖୁଁ ବାଳା ନୟନ,
ଭୋକ ଶୋଷ ମରିଗଲା ବଦନ ।
ଲାଖିଲେ ମଦନ ନେତ୍ର ପିଚ୍ଛୁଳ,
ଅଦ୍ଭୁତ ଭାବ ପଡ଼େ ଉଚ୍ଛୁଳି ।
ମନ ଉଡ଼ିଗଲା କାହିଁ ତାହାର;
ଦେଖୁଁ ହୋଇଗଲା ସେ ତ ବାହାର
ପାଦ ନ ପାରିଲା ତାଙ୍କୁ ଚଳାଇ,
ବସି ପଡ଼ିଲା ମଝିରେ ଘୂମାଇ ।
ଖସି ପଡ଼ିଲା ତା ହାତୁ ସେ ଅନ୍ନ,
ଜାଣେ ନାହିଁ ସେ ତ ଚିନ୍ତାମଗନ ।
ଚାହିଁ ରହିଲା ଆକାଶେ ଶୂନ୍ୟରେ,
ଭଳି ହୁଏ ବାଳାଛବି ଚିତ୍ତରେ ।

Digitized by srujanika@gmail.com

ଦେଖି ସରଳ ନୟନ ବାଳାର,
ବାନ୍ଧି ନେଇଗଲା ମନ ତାହାର ।
ସେ ତ ଭୁଲିଗଲା ସାରା ସଂସାର,
ଭଲି ଭଲି କଥାପଦ ବାଳାର ।
ଗୁଣୁଗୁଣୁ ସ୍ୱରେ କରେ ସ୍ମରଣ,
'ନିଅ ଗୋ ଭିକାରୀ ଅନ୍ନ' ବଚନ ।
ରାତି ଆସିଗଲା ତାକୁ ଅଜଣା,
ଭୁଲିଗଲା ବନେ ସେ ବାଟବଣା ।
ହିଂସ୍ର ଜନ୍ତୁ ଭୟ ନ ଲାଗେ ମନେ,
ଆତ୍ମହରା ପୁରବାଳା ଚିନ୍ତନେ ।
ମଝି ବନସ୍ତେ ପଡ଼ି ସେ ରହିଲା,
ଜାଣେ ନାହିଁ କେବେ ରାତି ପାହିଲା ।
ମାଡ଼ି ଆସିଲାରୁ ଖରା ତୀବ୍ରତେ,
ଧୀରେ ଉଠେ ଜସ ଭାବ ସେ ଚିତ୍ତେ ।
ଫୁଟିଉଠେ ମୁଖେ ହସ ଈଷତ,
କାହୁଁ ଆସିଗଲା ଦେହେ ତାକତ ।
ଗୁହାଁଦେଲା ଆଡ଼େ ସହିଁ କୁଡ଼ିଆ,
ଖରେ ଗୃହେ ହୋଇ ତରତରିଆ ।
ପଥ ଶରମ ସେ କିଛି ନ ମାନେ,
ଯାଇ ପହଞ୍ଚିଲା ପୁଣି ସେ ସ୍ଥାନେ ।
ଦୂରୁ ଦେଖିଲା ମଝିରେ କୁଡ଼ିଆ,
କୁଣ୍ଠେମାଠ ହୋଇଗଲା ତା ହିଆ ।
ଲମ୍ବ ପାହୁଣ୍ଡ ପକାଇ ଧାଇଁଲା,
ବେଗେ କୁଡ଼ିଆ ଆଗରେ ମିଳିଲା ।

Digitized by srujanika@gmail.com

ଦେଖି କେହ୍ନ ନାହିଁ ସବୁ ନିର୍ଜ୍ଜନ,
କୋଟରେ ଛାଟିପିଟି ହେଲା ଉଚ୍ଛନ୍ନ।
ବଳ ଚାଲିଗଲା ସବୁ ସାହସ,
ବସି ପଡ଼ିଲା ଉଡ଼ିଲା ତା ହଂସ।
ଅଚେତନ ହୋଇ ଲୋଟେ ଧରାରେ,
ଝାଳ ବହିଯାଏ ପଡ଼ି ଖରାରେ।
କିଛୁକ୍ଷଣେ ପରେ ହେଲା ଚେତନ
କହେ 'ନିଅ ମୋ ଭିକାରୀ, ଏ ଅନ୍ନ।'
କାହିଁ ଚାଲିଗଲା ଛାଡ଼ି ଲଳନା,
କଲା ଉନମତ୍ତ ତାକୁ ଭାବନା।
ଏଣେ ତେଣେ ଧାଏଁ ପୁଣି ଅନାଏଁ
ବନ ଗହନ ବାଟ ତ ନ ଯାଏ।
ହେଲା ପଥଶ୍ରମେ ଅତି କାତର,
ଆସି ବସିଲା କୁଡ଼ିଆ ଆଗର।
ଆଖି ବୁଜି ବସି ଭାବେ ଘଟନା,
ମନେ ହୁଏ ସତେ ଆସେଗ ଲଳନା।
ଉଠେ ଚମକି ଅନାଏଁ ତରାଟି,
ଦେଖେ କେହ୍ନ ନାହିଁ ଶୂନ୍ୟ ଜାଗାଟି।
ଦିନ ପରେ ଦିନ ଗଡ଼ି ଚାଲିଲା,
ବାଳା ତଥାପି ଫେରି ନ ଆସିଲା।
କ୍ରମେ କ୍ରମେ ଅଙ୍ଗ ହେଲା ଅବଶ,
ଧୀରେ ଧୀରେ ରୋଗ କଲା ପ୍ରବେଶ।
ପଡ଼ି ରହି ତଳେ କରେ ସ୍ମରଣ,
ନେବ ପିଭୁଲି ହୋଡ଼ିକ ଚନ୍ଦନ।

Digitized by srujanika@gmail.com

ମନ୍ତ୍ରପରି ଜପୁଥାଏ ବଚନ,
'ନଅ ଭିକାରି ଗୋ ମୁଠିଏ ଅନ୍ନ ।'
ହଠାତ ବାଇଦ ବାଜଣା ଶୁଣିଲା,
ଲୋକ କୋଳାହଳେ ବନ ପୂରିଲା ।
ଚଢ଼ିଇଁ ପଳାନ୍ତି ହରିଣ ସମ୍ବର,
ଭୟେ ଲୁଚ୍ଚିଣ ଯେ ଯାହା ଗହ୍ୱର ।
ରାଜା ଆସନ୍ତି ଶିକାରେ ବନସ୍ତେ,
ଆଗେ ଯାଆନ୍ତି ବେଠିଆ ସମସ୍ତେ ।
ଦେଖି ମଣିଷ ଗୋଟିଏ ଅରଣ୍ୟେ,
ଡାକ ଦେଲେ ଅଛୁ କବା ଜୀବନେ ।
ନ ମିଳିଲା ସେଠୁ କିଛି ଜବାବ,
କୁତୂହଳୀ ହୋଇ ଗଲେ ତା ଠାବ ।
ଦେଖି ପଡ଼ିଛି କିଏ ସେ ଜଣିଏ,
ଉଠେ ଡାକିଲେ ତାହାକୁ ସଭିଏଁ ।
ଶୂନ୍ୟ ଦୃଷ୍ଟିରେ ଦେଲା ସେ ଅନାଇଁ,
ଧୀରେ ଧୀରେ ପଚାରିଲା ସେ କାହିଁ ?
ନାମ ଗ୍ରାମ ପଚାରିଲେ ଛୁହାଇ,
ବୁଜିଦେଲା ଆଖି ମୁହଁ ଫେରାଇ ।
ପୁଣି କହିଲା, "ଶୁଣ ମୋ ବୃତ୍ତାନ୍ତ
'ପଣ' ମରିବ ଏଠାରେ ଏକାନ୍ତ ।
ଥିଲା ଏ କୁଟୀରେ ହୃଦରତନ,
ଚାହିଁ ଦେଇ କଲା ହୃଦହରଣ ।
କାହିଁ ଚାଲିଗଲା ଖୋଜି ନ ପାଏ,
ତାହା ବିନୁ ଧିକ ପ୍ରାଣ ମୋ ଯାଏ ।

Digitized by srujanika@gmail.com

କାହିଁ ଦେଖିଛ କି ସେହି ଲଳନା,
କାହିଁ ଦେଖିବ ଏକାନ୍ତ କାମନା ।
ଯଦି ନ ଦେଖିଥାଅ ତ କେ ଜଣେ,
ଚାଲିଯାଅ ଛାଡ଼ି ମୋତେ ମରଣେ ।"
ଶୁଣି ଆଚମ୍ବିତ ଯେତେ ଶିକାରୀ,
ଏକେ ଏକେ ଗଲେ ସେଠୁ ବାହାରି ।
ରାଜା ଅଗ୍ରତେ କହିଲେ ସମସ୍ତ,
ପ୍ରେମ ଧେନ ଏକ ଯୁବା ଉନ୍ମତ୍ତ ।
ଶୁଣି ସମସ୍ତ ବୃତ୍ତାନ୍ତ ରାଜନ,
ମନେ ମନେ କଲେ ସେହୁ ଚିନ୍ତନ ।
'କିଏ ଯୁବକ ସେ କିଏ ଯୁବତୀ,
'ହେଲା ଏ ବନେ କପରି ପୀରତି ।
'ପଲା ସବାଗିଆଙ୍କର ମୁକର,
'ନାରୀ ନଷ୍ଟେ ଥିବ ସେହି କୁଳର ।
'ଯୁବା ଆସିଲା କପରି ଏଠାକୁ,
'ପୁଣି ଭେଟିଲା କପରି ତାହାକୁ'
ଭେଦିବାକୁ ଏ ରହସ୍ୟ ଗଭୀର,
ପ୍ରେମବଶାରଦ ରାଜା ଅସ୍ଥିର ।
ମନେ ମନେ ଚିନ୍ତା କଥା ରଖିଲେ,
ଅବସର ଖୋଜି ଖୋଜି ରହିଲେ ।
ଆଜ୍ଞା ହେଲା ହେବ ପରିଭ୍ରମଣ,
ଆଖପାଖେ ଅଛି ଯେତେ ଅରଣ୍ୟ ।
ଗଣି ପ୍ରମାଦ ବେଠିଆ ଚାଲିଲେ,
ରାଜା ଶିକାରୀ ବଢ଼ିଆ କହିଲେ ।

Digitized by srujanika@gmail.com

ପହଞ୍ଚିଗଲେ ରାଜା ପ୍ରଦେଶେ ଯାଇ,
ଅଛନ୍ତି ସବାଖିଆ ନଷ୍ଟିକ୍ଷେତ୍ରେ ରହି ।
ପଠାଇଦେଲେ ଚର ସର୍ଦ୍ଦାର ପାଶେ,
କିଏ ବାଳକା ତାହା ପୁଛିବା ଆଶେ ।
ପାଇ ଖବର ବୁଢ଼ା ହେଲା ଅଥୟ,
ମାଡ଼ି ଆସଇ କିବା ଦଇବୀ ଭୟ ।
ଡାକାଇ ସାଙ୍ଗ ଲୋକେ କରେ ମନ୍ତ୍ରଣା,
(ସେହି) ବାହାର ଲୋକ ପାଇଁ ଏତେ ଗଞ୍ଜଣା ।
କେଜାଣି ରାଜା କିସ ଦଣ୍ଡ ବିହିବେ,
ଭୂଶତେ ସବାଖିଆକୁଳ ନାଶିବେ ।
ରହୁଛୁଁ ବନେ ତାଙ୍କ ନ ଦେଇ କର,
ଡାକର ସେଥିପାଇଁ ଉପାୟ କର ।
ହାଲେଣି ପଡ଼ିଗଲା ଶୁଣି ଏ ମତ,
ପଳାଇ ଯିବାପାଇଁ ନାହିଁଟି ପଥ ।
କେ କହେ ବଣଯାକ ରାଜା ଫଉଜ,
କୁଢ଼ିଆ ଘୁଞ୍ଚିଗଲେ ମରଣ ବୁଝ ।
କହଇ କିଏ ଜମା ହଜାରେ ଗୁଳି,
ବନ୍ଧୁକ ଆସିଅଛି ହୋଇବ ଗୁଳି ।
ନ ପାରିଲେ ହବ ଉପାୟ କ'ଣ,
କହିଲେ ବୁଢ଼ା କରୁ ଯା' ନିରୂପଣ ।
ଭାବିଲା ବୁଢ଼ା ହାଣମୁହଁକୁ ଯିବ,
ମରଣ ଆଗୁଁ କନ୍ୟାମୁହଁ ଚାହିଁବ ।
ସର୍ଦ୍ଦାର ଗମିଲା ଝିଅର ପାଶେ,
କହିଲା ଗଦଗଦେ ବଡ଼ ହତାଶେ—

Digitized by srujanika@gmail.com

'ଯାଉଛି ମାଆ ମୁହିଁ ରାଜା ଡାକରା,
'ଦଣ୍ଡିବେ ଚଳୁଁ ବଚନ ରହୁ ଅକରା ।
'କପାଳ ମନ୍ଦ ମୋର ତୋର ଏ ଦଶା,
'ପୁଣି ଆସିଲା ରାଜା ଡାକ ସହସା ।
'ହୋଇ ଯା ଭଲ ମାଆ ଖାଆ ତୁ ଅନ୍ନ,
'ଦେଖି ମୁଁ ଯାଏ ପଛେ ହେଉ ମରଣ—
'ଯେଦିନୁ ଚାଲିଗଲା ତୋର ଜନନୀ,
'ସେଦିନୁଁ ମାଆ ମୋର ତୁ ସୁଲକ୍ଷଣୀ ।
'କାହୁଁ ବାଉତି କାଏ ତୋତେ ପେଷିଲା,
'ଫଳଫଳ କା ତୋତେ ଗ୍ରାସ କରିଲା ।
'ଯାଉଛି ହାଣମୁହେଁ ରଖ ମୋ କଥା,
'ଖାଅ ଗୋ ଅନ୍ନ ତୁହି ଯାଉ ମୋ ବ୍ୟଥା ।'
ଶୁଣିଲା ରାଜରାଣୀ ବାପା ବେଦନ,
ଲୁହରେ ଭରି ହେଲା ତା'ର ନୟନ ।
ଅତିବ କଷ୍ଟେ ଧୀରେ କହିଲା ବାଣୀ,
'ଭଲ ତ ହେବ ବାପା ପାରୁଛି ଜାଣି ।
'ଯାଅ ଗୋ ଭେଟ ବେଗେ ରାଜା ଛାମୁରେ,
'କହିବ ସତ୍ୟବାଣୀ ଦମ୍ଭ ବୁକୁରେ ।
'କହିବ ତାଙ୍କ ରାଜ୍ୟ ନିବାସ ଜନେ,
'ଆଣିବେ କାହୁଁ କର ଦେବେ ରାଜନେ ।
'ମଙ୍ଗଳ ହେବ ସବୁ ଡାକୁଛି ମନ,
'ଫେରିଲେ ତୁମ୍ଭ ମୁହିଁ ଭୁଞ୍ଜିବି ଅନ୍ନ ।
ହୋଇଲା ହରଷିତ ସନ୍ଧାର ବୁଢ଼ା,
ଏତେ ବଚନ ଝିଅର ଚେତା ବାହୁଡ଼ା ।

Digitized by srujanika@gmail.com

ଭାବିଲା ଝିଅ ଯାହା କହିଲା ସତ,
କହିବି ସତକଥା ରାଜା ଅଗ୍ରତ ।
ଚାଲିଲା ତରତରେ ଚାର ସହିତ,
ମିଳିଲେ ରାଜା ପାଶେ ଦୁହେଁ ତ୍ୱରିତ ।

ଦଣ୍ଡବତ କରି ଉଭା ସର୍ଦ୍ଦାର,
କରପଦ୍ମ ଯୋଡ଼ି ନମ୍ର ଆକାର ।
ବିଦା କରିଦେଲେ ରାଜା ସମସ୍ତେ,
ପଚାରିଲେ ନିଜେ ରହି ଅଗ୍ରତେ ।
'ଭୟ ନାହିଁ କହ ଯାହା ଘଟଣା,
'ପଚାରିବି ଯାହା ଥିଲେ ତ ଜଣା ।
'ଥିଲ ତୁମ୍ଭେ ସବୁ ସେ ବନସ୍ତରେ ?'
'ଥିଲୁ' କହେ ବୁଢ଼ା ସେ ଥରହରେ ।
'ଆସୁଥିଲା କି କେହି ସେଠାବକୁ,
'ବାହାରର ଲୋକ' ହେଜ ମନକୁ ।
ପ୍ରଶ୍ନ ଶୁଣି ବୁଢ଼ା ଥରି ଉଠିଲା,
କହିବ କି ନାଁ ମନରେ ଚିନ୍ତିଲା ।
ମନେ ପଡ଼ିଗଲା ଝିଅ ବଚନ,
କହିବାକୁ ହେବ ସତ୍ୟ ବଚନ ।
ବାନ୍ଧି ସାହସ କହିଲା ବିନୟେ,
ନାନା ଶଙ୍କା ଘେନି ନିଜ ହୃଦୟେ ।
କେହି ନ ଆସନ୍ତି ଘୋର ବନସ୍ତେ,
ଏକା ରହିଥାଉ ଆମେ ସମସ୍ତେ ।

Digitized by srujanika@gmail.com

'ବନେ କୁଆଡ଼ୁ ଭିକାରୀ ଜଣିଏ,
'ଆସି ମାଗି ଦେଲା ଭାତ ଗଣ୍ଡିଏ ।
'ସହି ନ ପାରି ବେଦନା ତାହାରି,
'ଦେଲି ଭାତ ମୁଠେ ମୋର କୁମାରୀ ।
'ଚାଲିଗଲା ଭିକ୍ଷୁ ସେଠୁ କୁଆଡ଼େ,
'ଭୟେ ପଳାଇ ଆସିଲୁ ଇଆଡ଼େ ।'
ପଚାରିଲେ ରାଜା 'କାହିଁ ଦୁହିତା',
ବୁଢ଼ା କହିଲା 'ସେ ଅତି ପୀଡ଼ିତା' ।
'ସେହିଦିନୁ ଛୁଇଁ ନାହିଁ ସେ ଅନ୍ନ,
'କହୁନାହିଁ ପଦେ ହେଲେ ବଚନ ।
'ରାଜା ! ଜୀବନସଙ୍ଖାଳି ମୋର ସେ,
'ତାର ଦୁଃଖେ ରହିଥାଏ ବରଷେ ।
'କିବା ମନ୍ତର କରିଲା ବିଦେଶୀ
'ଅବା ମହାକାଳ ଦେଲା ସେ ପେଷି
'ରହିଲା ସେ ମୋଟେ କ୍ଷଣେମାତର
'ସେହିକ୍ଷଣୁଁ ମୋ ଝିଅ ମର ମର—'
ସବୁ ଶୁଣି ରାଜା ଟିକେ ହସିଲେ
ମନେ ମନେ ଚିନ୍ତି କହି ଉଠିଲେ—
'ଆଚ୍ଛା କରିଦେବ ଭଲ ଝିଅକୁ
ନିଷ୍ଠା ଜବାବ ଦେଉଛି ତୁମ୍ଭକୁ ।'
ତହୁଁ ପଠାଇଲେ ଲୋକ ସେ ବନେ,
ଯହିଁ ଭିକାରୀ ପଡ଼ିଛି ନିର୍ଜ୍ଜନେ ।
ବାନ୍ଧି କରି ତାକୁ ଘେନି ଆଣିଲେ,
ରାଜା ଆଗେ ଭିକାରୀକୁ ଥୋଇଲେ ।

Digitized by srujanika@gmail.com

ଚାହିଁ ଭିକାରୀ ମୁହଁକୁ ରାଜନ,
ହସି ଅଳପେ କହିଲେ ବଚନ ।
ସବାଖିଆଯାକ ଛନ୍ତ ଏଠାରେ,
'ମିଛେ ପଡ଼ିଥିଲୁଁ କନ୍ୟା ସେଠାରେ ।
'ଅଛି ବାଳକ. ଏଠାରେ ସେହି ତ,
'ଘୃତ ମୁଠେ ଥିଲା ଯେହୁ ଦେଇ ତ ।'
ଶୁଣି ଉଠିଲା ଚମକି ଭିକାରୀ,
ଖର ନିଃଶ୍ୱାସ ବହିଲା ତାହାର ।
ଚାହିଁ ରହିଲା ତରାଟି ରାଜନେ,
କହି ନ ପାରିଲା କିଛି ବଚନେ ।
ପୁଣି ପଠାଇଲେ ଲୋକ ତୁରିତେ,
ଆଣିବାକୁ ସବାଖିଆ ଦୁହିତେ ।
ଅଣାହେଲା ରାଣୀ ରାଜା ସମୀପେ,
ବୁଝି ନ ପାରେ ଡାକ ତାକୁ କେଉଁ ।
କରି ଭିକାରୀକୁ ରାଜା ଉହାଡ଼ି,
କଲେ ଝିଅ ସଙ୍ଗେ କଥା ବେଭାର ।
'ଦୁଃଖ କରୁଛ କପାଇଁ କୁମାରୀ,
ଆଣିଅଛି ଏଠାକୁ ମୁଁ ଭିକାରୀ ।
'ଯାକୁ, ଦେଇଥିଲ ଅନ୍ନ ମୁଠିକ,
'ସେହି ଆସିଅଛି ତୁମ ଅନ୍ତକ ।'
ବାଳା ଶୁଣିଲା ଭିକାରୀ ଶବଦ,
ଉଠି ପଡ଼ିବାକୁ କଲା ପ୍ରବନ୍ଧ ।
ମାତ୍ର ନ ପାରିଲା ଖାଲି ପଡ଼ିଲା,
ରାଜା ଆଡ଼େ ଖାଲି ଚାହିଁ ରହିଲା ।

Digitized by srujanika@gmail.com

ଦେଖି ଦୁହିଙ୍କର ଦଶା ଏସନ,
ହେଲା ଦ୍ରୁତ ରାଜା ହୃଦ ସ୍ପନ୍ଦନ ।
ନିଆଇଲେ ଭିକାରୀଙ୍କୁ ଯତନେ,
ବସାଇଲେ ଧରି ତାଙ୍କୁ ଆସନେ ।
ପୁଣି ବାଳାକୁ ଉଠାଇ ସ୍ୱହସ୍ତେ,
ବସାଇଲେ ନେଇ ଭିକ୍ଷୁ ଅଗ୍ରତେ ।
ହେଲା ଚାରିଆଖି ପୁଣି ମିଳନ,
ବିଅନିଆ ପରସ୍ପର ଜୀବନ ।
ଝରି ଛୁଟିଲା ନୟନେ ନୟନେ,
ଜୀର୍ଣ୍ଣ ଶରୀର ନ ପାରେ ରକ୍ଷଣେ—
ଉଦବେଗ ହେଲା ଅତି ପ୍ରବଳ
ସହି ନ ପାରିଲା ଦେହ ନିର୍ବଳ—
ଚାହିଁ ଚାହିଁ ପରସ୍ପର କ୍ଷଣେକ
ହାରିଗଲା ଜୀବଶକ୍ତି ଟିକକ
ଏକ ସମୟେଁ ଶରୀରୁଁ ଉଭୟ
ଉଡ଼ିଗଲା ପ୍ରାଣବାୟୁ ନିର୍ଦ୍ଦୟ ।
ମିଳି ନ ପାରିଲେ ବୋଲି ଶରୀରେ,
ଅଭିମାନେ ଛାଡ଼ିଦେଲେ ମହୀରେ ।
ଚାଲିଗଲେ ଦୁହେଁ ମହାଶୂନ୍ୟରେ,
ହୋଇ ଓତପ୍ରୋତ ଶୁଦ୍ଧ ପ୍ରେମରେ ।
ଦେଖି ଅଦଭୁତ ଏହି ଘଟଣା,
ଜଡ଼ ପ୍ରାୟ ରହିଥାନ୍ତି ରାଜନ ।
ଅନିମେଷେ ଚାହିଁଥାନ୍ତି ମୁହଁକୁ,
ପରସ୍ପର ଅନାଅନି ଶବକୁ ।

Digitized by srujanika@gmail.com

ଥିଲା ମହତ ବାସନା ହୃଦୟେ
ଦେବ ଘଟାଇ ମିଳନ ଉଭୟେ ।
ଜାଣି ନ ଥିଲେ ଘଟିବ ଏପରି
ଦେଖି ହୃଦୟ ତ ଯାଏ ବିଦରି ।
ଇତିମଧ୍ୟେ ଧାଇଁ ଆସି ସର୍ଦ୍ଦାର
ପଡ଼ିଗଲା ଭୂମେ କରି ହାକାର ।
କାନ୍ଦି କାନ୍ଦି ବୁଢ଼ା ହେଲା ଅସ୍ଥିର
ଦେଖି ରାଜା ହୋଇଗଲେ ଅଧୀର ।
ଘର୍ମସିକ୍ତ ହେଲା ତାଙ୍କ ବଦନ
ଅଶ୍ରୁଭରା ହେଲା ତାଙ୍କ ନୟନ ।
ଉଠି କହେ ବୁଢ଼ା ରାଜା ମୁହଁକୁ
'ରାଜା, ମାରିଦେଲ ମୋର ଝିଅକୁ ।'
ଶେଳପରି ବାଜିଗଲା ଏ ବାଣୀ,
ରାଜା ହୃଦୟକୁ ଦେଲା ସେ ହାଣି ।
ଛିଡ଼ା ହୋଇଗଲେ ଉଠି ଆସନୁ,
ଧାର ବହିଯାଏ ତାଙ୍କ ନୟନୁ ।
ନାରୀହତ୍ୟା ଅପରାଧୀ ରାଜନ,
କାଳେ କାଳେ ରହିଯିବ ବଚନ ।
କଲା ଏ ଚିନ୍ତା ତାହାଙ୍କୁ କାତର,
ହେବ କପରି କ୍ଷାଳନ ପାପର ।
ଝଟ ପାଖେ ଡକାଇଲେ ଅମାତ୍ୟ,
ଦୃଢ଼ ସ୍ୱରେ ରାଜା କଲେ ବରତ ।
'ତୋଳ ସମାଧି-ମନ୍ଦିର ସୁନ୍ଦର,
'କାଳେ କାଳେ ରହୁ ନାମ ଯୁାଙ୍କର ।

Digitized by srujanika@gmail.com

ଲେଖା ହେବ ଯାଙ୍କ ନାମେ କବିତା,
'ପଢ଼ିବେ ଯେତେ ଯୁବା ବନିତା ।
'ଶୁଣିଁ ନଗର ବୃଦ୍ଧାଙ୍କୁ ନୃପତି,
'କଲେ ଆଦେଶ ମନ୍ତ୍ରୀକୁ ଝଟତି ।
'ଯେତେ ସବାଖିଆ ଛନ୍ତି ଏ ଦେଶେ,
'ପୁଣି ଏ ଦଳଙ୍କ ପାଇଁ ବିଶେଷ ।
'କର ତିଆରି ନିବାସ ସୁନ୍ଦର,
'ସୁଖେ ରହନ୍ତୁ ଜଙ୍ଗଲି ସକଳ ।
'ଦିଅ ଗୃହଜମି ତାଙ୍କୁ ପ୍ରଚୁର,
'ହେଉ ସଂସାର ଜୀବନ ମଧୁର ।

———

ସ ମା ପ୍ତ

ମୁଦ୍ରାକର—ଶ୍ରୀ ବିଶ୍ୱମ୍ଭର ପରିଡ଼ା, ପ୍ରଜାତନ୍ତ୍ର ପ୍ରେସ, କଟକ-୨

Digitized by srujanika@gmail.com